RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 43 ◆ISSUE-15 ◆WEDNESDAY ◆9 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୫ ◆ବୁଧବାର ◆୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



## ନୀଳାଦ୍ରିବିଜେ ପୂର୍ବରୁ ଶ୍ରୀଜୀଉଙ୍କ ବଡ଼ସିଂହାର ବେଶ



### ସରିଲା ଶ୍ରୀଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା

# ୧୨ ଦିନରେ ଫେରିଲେ ଶ୍ରୀମନ୍ଦିର

### ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ

### ଆଜିଠୁ ମିଳିବ ନୀଳାଚଳ ଅବଢ଼ା

■ ପୁରୀ, ୮।୭ (ସମିସ): ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୭ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ବୁଧବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହେବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

ମଙ୍ଗଳବାର ନୀଳାଦ୍ରିବିଜେ ପାଇଁ ସକାଳ ୭ଟା ୧୦ ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅପରାହ୍ଣ ୨ଟା ୩୦ରୁ ୨ଟା ୪୦ରେ ସନ୍ଧ୍ୟା ଆଳତି ଏବଂ ଅପରାହ୍ଣ ୨ଟା ୫୫ରୁ ୩ଟା ୩୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ। ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ଚୁନରା ସେବକ ବାନ୍ଧିଥିଲେ। ସନ୍ଧ୍ୟା ୭ଟା ୨୦ରେ ▶ପୃଷ୍ଠା-୭

# ଏଥର ଡିଜିଟାଲ୍ ଜନଗଣନା

### ■ ନାଗରିକଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ପୋର୍ଟାଲ
### ■ ମୋବାଇଲ ଆପ୍ ଜରିଆରେ ତଥ୍ୟ ସଂଗ୍ରହ
### ■ ଇଂରାଜୀ, ହିନ୍ଦି, ୧୬ଟି ଆଞ୍ଚଳିକ ଭାଷାରେ ତଥ୍ୟ

■ ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଆସନ୍ତା ୨୦୨୭ରେ ହେବାକୁ ଯାଉଥିବା ଜାତୀୟ ଜନଗଣନା ଅନ୍‌ଲାଇନ୍‌ରେ ହେବ। ଭାରତରେ ପ୍ରଥମ ଥର ଲାଗି ହେଉଥିବା ଏହି ଡିଜିଟାଲ ଜନଗଣନା ଲାଗି ସ୍ୱତନ୍ତ୍ର ୱେବପୋର୍ଟାଲ ଖୋଲାଯିବ। ଭାରତୀୟ ନାଗରିକ ନିଜ ମୋବାଇଲରେ ଆପ୍ ଡାଉନଲୋଡ୍ କରି ନିଜର ତଥ୍ୟ ଦେଇପାରିବେ। ଫଳରେ ଜନଗଣନା ତଥ୍ୟ କମ୍ ସମୟ ମଧ୍ୟରେ ଉପଲବ୍ଧ ହୋଇପାରିବ।

ଭାରତର ରେଜିଷ୍ଟ୍ରାର ଜେନେରାଲ ଏଣ୍ଡ ସେନ୍‌ସସ୍ କମିସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ସେନସସ୍ ହେବ ଏବଂ ତଥ୍ୟ ସଂଗ୍ରହ ପାଇଁ ପ୍ରଥମ ଥର ଲାଗି ଏଭଳି ଟେକ୍ନୋଲୋଜିର ବ୍ୟବହାର କରାଯିବ। ଭରତୀୟ ନାଗରିକମାନେ ନିଜର ତଥ୍ୟ ଦାଖଲ କରିବା କ୍ଷଣି ଏହା ସେଂଟ୍ରାଲ ସର୍ଭରକୁ ଚାଲିଯିବ। ଜନଗଣନା ପ୍ରକ୍ରିୟା ସମାପ୍ତ ହେବାର ଗୋଟିଏ ବର୍ଷ ଭିତରେ ଚୂଡାନ୍ତ ତଥ୍ୟ ଉପଲବ୍ଧ ହୋଇଯିବ। ପୂର୍ବ ଜନଗଣନାମାନଙ୍କରେ ଚୂଡାନ୍ତ ତଥ୍ୟ ପାଇବା ଲାଗି ଦୁଇରୁ ତିନି ବର୍ଷ ଲାଗି ଯାଉଥିଲା। ଏଥର କିନ୍ତୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଭାରତର ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ୨୦୨୭ ଜନଗଣନା ପାଇଁ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ପାଇଁ ଅନ୍ୟତମ ବିକଳ୍ପ ରହିବ। ନାଗରିକମାନେ ଚାହିଁଲେ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ଜରିଆରେ ନିଜ ଆଡୁ ତଥ୍ୟ ଦାଖଲ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନୋଡାଲ ଅଫିସର ନିଯୁକ୍ତ କରିବା ଲାଗି ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ନାଗରିକ ନିଜ ମୋବାଇଲ ଆପ୍ ବ୍ୟବହାର କରି ଇଂରାଜୀ, ହିନ୍ଦି କିମ୍ବା ଆଞ୍ଚଳିକ ଭାଷାରେ ତଥ୍ୟ ଦେଇପାରିବେ। ଏଥିପାଇଁ ୧୬ଟି ଆଞ୍ଚଳିକ ଭାଷା ଚୟନ କରାଯାଇଛି। ଜନଗଣନା ତଥ୍ୟ ସଂଗ୍ରହ ପରେ ତଥ୍ୟର ଯାଞ୍ଚ, ପ୍ରକ୍ରିୟାକରଣ ଓ ବିଶ୍ଳେଷଣ କରାଯିବ। ୧୦ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ମିଳିଯିବ ବୋଲି ଆଶା କରାଯାଉଛି। ଏହି ତଥ୍ୟକୁ ▶ପୃଷ୍ଠା-୭

### ୭ ଦଫା ଦାବିରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼

# ସାରା ରାଜ୍ୟରେ ଚକା ବନ୍ଦ



### ଆଲୋଚନା ବିଫଳ; ଜାରି ରହିବ ଆନ୍ଦୋଳନ: ସଂଘ

■ ଭୁବନେଶ୍ୱର, ୮।୭ (ସମିସ): ସାରା ରାଜ୍ୟରେ ଡ୍ରାଇଭରମାନଙ୍କ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି ପରିବହନ ସେବା। ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଓ ସରକାରୀ ବସ୍ ସେବାକୁ ଛାଡ଼ି ରାଜ୍ୟରେ ପ୍ରାୟ ସମସ୍ତ ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ୭ ଦଫା ଦାବି ପୂରଣ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସଂଘ ଓ ସରକାରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଛି ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଡ୍ରାଇଭର ସଂଘ ଚରମବାଣୀ ଶୁଣାଇଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ପୂରା ଠପ୍ କରିଦେଇଛି। ବହୁ ସ୍ଥାନରେ ମଝି ରାସ୍ତାରେ ଆନ୍ଦୋଳନରତ ଡ୍ରାଇଭରମାନେ ସରକାରୀ ବସରୁ ଯାତ୍ରୀଙ୍କୁ ଓହ୍ଲାଇ ଦେଇଛନ୍ତି। ଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ▶ପୃଷ୍ଠା-୭



# ପୁଣି ଡରାଇଲାଣି ସୁବର୍ଣ୍ଣରେଖା

### ବୁଢ଼ାବଳଙ୍ଗରେ ବି ବଢୁଛି ଜଳସ୍ତର

■ ଭୋଗରାଇ, ୮।୭ (ସମିସ): ସପ୍ତାହକ ମଧ୍ୟରେ ସୁବର୍ଣ୍ଣରେଖାରେ ଦୁଇଦୁଇଟି ବନ୍ୟା ସ୍ଥାନୀୟ ଲୋକଙ୍କ ଜୀବନଜୀବିକାକୁ ବ୍ୟାପକ ପ୍ରଭାବିତ କରିଛି। ବନ୍ୟାପାଣିରେ ଭାସି ଦୁଇଜଣଙ୍କ ଜୀବନ ଯାଇଥିବା ବେଳେ ପରିବା ଚାଷ ସମେତ ନୂତନ ଭାବେ ପଡ଼ିଥିବା ଧାନ ତଳି ପଚି ନଷ୍ଟ ହେବାକୁ ବସିଲାଣି। ଏବେ ବି ବହୁ ପଞ୍ଚାୟତ ପାଣିଘେରରେ ରହିଛି। କିନ୍ତୁ, ଏପରି ସ୍ଥିତିରେ ପୁଣି ସୁବର୍ଣ୍ଣରେଖା ଲୋକଙ୍କୁ ଡରାଇଲାଣି। ଲଗାଣ ବର୍ଷା ଯୋଗୁଁ ପୁଣି ସୁବର୍ଣ୍ଣରେଖାର ଜଳସ୍ତର ବଢ଼ିବାରେ ଲାଗିଛି। ତେଣୁ ତୃତୀୟ ବନ୍ୟା ଆସିବା ଆଶଙ୍କାରେ ଲୋକେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏବେ ବି କୁମ୍ଭୀରଗଡ଼ି, ଆରୁଆବୃତ୍ତି, ଗବଗାଁ, କୁସୁଡ଼ା, କଦୁଆଡ଼ି, କୁଳିଦା, ଦାମୁଣ୍ଡା, ଆଦି ପଞ୍ଚାୟତର କିଛି ଗ୍ରାମର ରାସ୍ତା ଉପରେ ଦୁଇ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ତେଣୁ, ତୃତୀୟଥର ବନ୍ୟା ଆସିଲେ, ଅବସ୍ଥା ସଂକଟାପନ୍ନ ହେବ ବୋଲି ପଞ୍ଚାୟତବାସୀମାନେ କହିଛନ୍ତି।

ଅପରପକ୍ଷେ, ବନ୍ୟାଜଳ ଛାଡ଼ି ଯାଇଥିବା କିଛି ଗାଁଗୁଡ଼ିକରେ ଏବେ ଡାଇରିଆ ଧୀରେଧୀରେ କାୟା ମେଲାଉଛି। ଲୋକଙ୍କୁ ଉପଯୁକ୍ତ ପିଇବା ପାଣି ମିଳୁନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବହୁ ସ୍ଥାନରେ ଆଶାକର୍ମୀମାନେ ଗାଁ ଗାଁରେ ଓଆରଏସ୍ ସହ ବିଭିନ୍ନ ଔଷଧ ବାଣ୍ଟୁଛନ୍ତି। ଆରୁଆବୃତ୍ତି ପଞ୍ଚାୟତର ଜଣେ ଆଶାକର୍ମୀ ଔଷଧ ବାଣ୍ଟି ଘରକୁ ଫେରିବା ପରେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି।

ଅପରପକ୍ଷେ, ଗତ ୩ଦିନ ଧରି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ପାଖାପାଖି ▶ପୃଷ୍ଠା-୭

### ସ୍ଥାଣୁ ପାଲଟିଛି ଚିହ୍ନଟ ପ୍ରକ୍ରିୟା

# ମିଳିଛି ପଟ୍ଟା, ମିଳୁନି ଜମି

### ଡିମାର୍‌କେସନ୍ ବିଭାଗରେ ନାହାନ୍ତି ଅମିନ

### ଏବେ ଆବେଦନ, ୩ ବର୍ଷ ପରେ ପାଳି

■ ଭୁବନେଶ୍ୱର, ୮।୭ (ସମିସ): ପଟ୍ଟା ଅଛି; ହେଲେ ଜମି ମିଳୁନି। ଜମି ଚିହ୍ନଟ କରିବାକୁ ରାଜସ୍ୱ ବିଭାଗ ପାଖରେ କର୍ମଚାରୀ ନାହାନ୍ତି। ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଜମି ଚିହ୍ନଟ ହୋଇ ପାରୁନାହିଁ। ଆର୍‌ଆଇ କାର୍ଯ୍ୟାଳୟଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଲୋକ ହତାଶ ହେଲେଣି। ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ତାରିଖ ପରେ ତାରିଖ ଗଡୁଛି, ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ଏବେ ଜମି ଚିହ୍ନଟ ଆବେଦନ କଲେ ୩ ବର୍ଷ ପରେ ପାଳି ପଡ଼ିବ ବୋଲି କୁହାଯାଉଛି। ରାଜସ୍ୱ ବିଭାଗରେ ଏ ପ୍ରକାର ଅବ୍ୟବସ୍ଥା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି।ରାଜଧାନୀରେ ଜମି କିଣାବିକା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଯେତିକି ଜମି କିଣାବିକା ହେଉଛି, ଠକେଇ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଭୁବନେଶ୍ୱର ଅଞ୍ଚଳରେ ଥିବା ଥାନା ଗୁଡ଼ିକରେ ପ୍ରତିଦିନ ଜମି ଠକେଇ ନେଇ ଅଭିଯୋଗ ହେଉଛି। ଏମିତିକି ଜମିର ସୀମା ଚିହ୍ନଟ ପାଇଁ ଅପରାଧ ବି ବଢ଼ିବାରେ ଲାଗିଛି। ହେଲେ ସରକାରୀ ଭାବେ ଥିବା ସୀମା ଚିହ୍ନଟ ପ୍ରକ୍ରିୟା ଏକଦମ୍ ସ୍ଥାଣୁ ▶ପୃଷ୍ଠା-୭

# ମନମୋହନଙ୍କ ମଥାରେ ସଭାପତି ଶିରିପା

### ସରକାରଙ୍କ ସହ ଦଳ ଖୁଣ୍ଟ ହୋଇ ଠିଆହେବ: ମନମୋହନ

### ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର: ମୋହନ



■ ଭୁବନେଶ୍ୱର, ୮।୭ (ସମିସ): ଦୀର୍ଘଦିନର କଳ୍ପନାଜଳ୍ପନାର ଅବସାନ ହୋଇଛି। ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦଳର ବରିଷ୍ଠ ନେତା ମନମୋହନ ସାମଲ। ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବରେ ଶ୍ରୀ ସାମଲଙ୍କ ନାମ ଘୋଷଣା କରିଛନ୍ତି। ଏହାକୁ ମିଶାଇ ଶ୍ରୀ ସାମଲ ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ପଦ ଅଳଙ୍କୃତ କରିଛନ୍ତି। ଏହି ଅବସରରେ ନବ ନିର୍ବାଚିତ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ମଧ୍ୟ ଏହି ଅବସରରେ ଘୋଷଣା କରାଯାଇଛି। ▶ପୃଷ୍ଠା-୭

## ଆଗରେ ଆହ୍ୱାନ ଅନେକ

■ ଭୁବନେଶ୍ୱର, ୮।୭ (ସମିସ): ମାତ୍ର ବର୍ଷକ ମଧ୍ୟରେ ଏକାଧିକ କାରଣରୁ ସରକାରଙ୍କୁ ବେଶ୍ ଅପଦସ୍ତ ହେବାକୁ ପଡ଼ିଛି। ସାଂଗଠନିକସ୍ତରରେ ମଧ୍ୟ ନେତାଙ୍କ ବିଶୃଙ୍ଖଳିତ ଆଚରଣ ନେତୃତ୍ୱଙ୍କୁ ଅଡ଼ୁଆରେ ପକାଇଛି। ଉଭୟ ସରକାର ଏବଂ ସଂଗଠନରେ ସମନ୍ୱୟ ଅଭାବ ଜଳଜଳ। ଏହି ସମୟରେ ପୁଣିଥରେ ମନମୋହନଙ୍କ ହାତରେ ରାଜ୍ୟ ନେତୃତ୍ୱ ଭାର ଅର୍ପଣ କରିଛନ୍ତି ଶୀର୍ଷ ନେତୃତ୍ୱ। ରାଜ୍ୟ ସଭାପତି ପଦକୁ ନେଇ ବେଶ୍ କିଛି ମାସର ଛକାପଞ୍ଝା ପରେ ଶେଷରେ ମନମୋହନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସଭାପତି ଦାୟିତ୍ୱ ମିଳିଛି। ▶ପୃଷ୍ଠା-୭

**ସୀମା ଡେଇଁଲାଣି ଦଳୀୟ ନେତାଙ୍କ ମନମାନି, ବିଶୃଙ୍ଖଳା, ଗୋଷ୍ଠୀବାଦ**

**ନିଗମ, ବୋର୍ଡ ନିଯୁକ୍ତି ନିଷ୍ପତ୍ତି ବଡ଼ ଚାଲେଞ୍ଜ**

**ଆଗକୁ ଛାତ୍ରସଂସଦ ଓ ପଞ୍ଚାୟତ ଉପନିର୍ବାଚନ**



# ପୁଲୱାମା ଆକ୍ରମଣ ପାଇଁ ଆମାଜନ୍‌ରୁ କିଣାଯାଇଥିଲା ବିସ୍ଫୋରକ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ନେଇ ବଡ଼ ତଥ୍ୟ ଆସିଛି। ଏହି ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଇ-କମର୍ସ ୱେବସାଇଟ ଆମାଜନରୁ କିଣା ଯାଇଥିଲା ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଫଏଟିଏଫ ରିପୋର୍ଟ 'କମ୍ପ୍ରିହେନସିଭ୍ ଅପଡେଟ ଅନ୍ ଟେରରିଷ୍ଟ ଫାଇନାନ୍ସିଂ ରିସ୍କ' ରେ ୨୦୨୨ରେ ଉତ୍ତର ପ୍ରଦେଶ ଗୋରଖପୁର ଗୋରଖନାଥ ମନ୍ଦିରରେ ହୋଇଥିବା ଆକ୍ରମଣ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ଏହି ଆକ୍ରମଣକାରୀକୁ ପେପାଲ୍ ଆପ୍ ମାଧ୍ୟମରେ ପେମେଣ୍ଟ ହୋଇଥିଲା ବୋଲି କୁହାଯାଇଛି। ଏହି ଦୁଇ ମାମଲାକୁ ଉଦାହରଣ ଭାବେ ନେଇ ଏଫ୍ଏଟିଏଫ୍ ସତର୍କ କରାଇ ଦେଇଛି। ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ସେବା ଖରାପ ବ୍ୟକ୍ତିଙ୍କ ହାତରେ ଲାଗିଗଲେ ଏହା ଆତଙ୍କବାଦୀକୁ ପ୍ରୋତ୍ସାହନ ଦେବାର ମାଧ୍ୟମ ପାଲଟି ଯାଇପାରେ ବୋଲି କୁହାଯାଇଛି।

**ଗୋରଖନାଥ ମନ୍ଦିର ଆକ୍ରମଣକାରୀକୁ 'ପେ ପାଲ୍'ରେ ହୋଇଥିଲା ପେମେଣ୍ଟ !**

ଅନ୍‌ଲାଇନ ପ୍ଲାଟଫର୍ମଗୁଡ଼ିକୁ କିଭଳି ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଛି ତାହାର ସୂଚନା ଏହି ରିପୋର୍ଟରେ ପ୍ରଦାନ କରାଯାଇଛି। କୁହାଯାଇଛି ଯେ ଆତଙ୍କବାଦୀ ସଂଗଠନ ଏବେ ପାରମ୍ପରିକ ଫଣ୍ଡିଂ ସହିତ ଅନ୍‌ଲାଇନ ପେମେଣ୍ଟ, ଗେମିଂ ପ୍ଲାଟଫର୍ମ, ସୋସିଆଲ ମିଡିଆ ଏବଂ ଇ-କମର୍ସ ସାଇଟ୍ସ ଭଳି ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସରକାର ଏବଂ ଡିଜିଟାଲ କମ୍ପାନୀଙ୍କୁ ଏଫଏଟିଏଫ ଚେତାବନୀ ଦେଇଛି। ଏଭଳି ପ୍ଲାଟଫର୍ମର ଅପବ୍ୟବହାର ରୋକିବା ପାଇଁ କଠୋର ପଦକ୍ଷେପ



ନେବାକୁ କୁହାଯାଇଛି। କାରଣ ଏହା ଏବେ ଆତଙ୍କବାଦୀ ସଂଗଠନଗୁଡ଼ିକ ପାଇଁ ନୂଆ ଏବଂ ପ୍ରଭାବଶାଳୀ ମାଧ୍ୟମ ପାଲଟି ଯାଇଛି।

ମିଳିତ ଜାତିସଂଘରର ଆତଙ୍କବାଦୀ ବିରୋଧୀ ଶାଖା (ୟୁଏନ ସିଟିଇଡି) ଏବଂ ଫ୍ରାନ୍ସ ସହ ମିଶି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଆତଙ୍କବାଦ ଫଣ୍ଡିଂ ଯାଞ୍ଚ, ଦୋଷ ସାବ୍ୟସ୍ତ କରିବାରେ ୬୯ ପ୍ରତିଶତ ଦେଶ ବିଫଳ ହୋଇଛନ୍ତି। ଆର୍ଥିକ ବ୍ୟବସ୍ଥାର ଅପବ୍ୟବହାର ଅନ୍ତର୍ଜାତୀୟ ଶାନ୍ତିକୁ ଦୁର୍ବଳ କରିପାରେ। ସେଥିପାଇଁ ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଗ୍ଲୋବାଲ ନେଟୱର୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଭେଲ, ପେମେଣ୍ଟ, ସୋସିଆଲ ମିଡିଆ ଭଳି ସନ୍ଦେହଜନକ ପ୍ଲାଟଫର୍ମକୁ ଚିହ୍ନଟ କରିବା ପାଇଁ ନୂଆ ବ୍ୟବସ୍ଥା ବିକଶିତ କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଡାଟା ସେୟାର କରିବାକୁ କୁହାଯାଇଛି। ରିପୋର୍ଟରୁ ଜଣାପଡ଼ିଛି ଯେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ସମ୍ବନ୍ଧିତ ରଣନୀତି ସବୁବେଳେ ସମାନ ହୋଇ ନ ଥାଏ। ଏହା ପରିସ୍ଥିତି ହିସାବରେ ଭିନ୍ନ ଭିନ୍ନ ହୋଇଥାଏ।

# ଭାରତ ମହାସାଗରରେ ଭାରତକୁ ଘେରୁଛି ଚୀନ୍

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଚୀନ୍ ଏବଂ ଭାରତ ମଧ୍ୟରେ ଶୀତଳ ଯୁଦ୍ଧ ଜାରି ରହିଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ସବୁ କ୍ଷେତ୍ରରେ ଭାରତକୁ ଘେରିବା ପାଇଁ ପ୍ରୟାସ କରୁଛି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଷଡ଼ଯନ୍ତ୍ର ଚଳାଇଛି। ଭାରତର ଅଗଣା କୁହାଯାଉଥିବା ଭାରତ ମହାସାଗରକୁ ବି ଭାରତ ବିରୋଧରେ ବ୍ୟବହାର ପାଇଁ ଚୀନ୍ ଜୋରଦାର ପ୍ରୟାସ ଚଳାଇଛି। ଏହି ମହାସାଗରର ଅତିକମ୍‌ରେ ୯ଟି ପଏଣ୍ଟରେ ନିଜ ସ୍ଥିତି ମଜବୁତ କରିବାରେ ଲାଗିଛି। ବନ୍ଦର, ନୌସେନା ଘାଟୀ, ବିମାନ ବନ୍ଦର ଏବଂ ନିଜ ଜାହାଜ ଗୁଡ଼ିକ ପାଇଁ ଠିକଣା ନିର୍ମାଣ କରୁଛି। ଏହା ଭାରତ ପାଇଁ ବଡ଼ ଆହ୍ୱାନ ପାଲଟି ଯାଇଛି। ବିଦେଶ ମାମଲାର ସଂସଦୀୟ କମିଟି ମଧ୍ୟ ଏହା ସ୍ୱୀକାର କରିଛି। ତେବେ ଚୀନ୍‌କୁ ଜବାବ ଦେବା ଲାଗି ଭାରତ ମଧ୍ୟ ଜାଲ୍ ବିଛାଇବା ଆରମ୍ଭ କରିଦେଇଛି।

ଅଷ୍ଟ୍ରେଲିଆରୁ ଆଫ୍ରିକା ଏବଂ ଭାରତରୁ ଦକ୍ଷିଣ ମହାସାଗର ପର୍ଯ୍ୟନ୍ତ ୭.୦୬ କୋଟି ବର୍ଗ କିମିରେ ବ୍ୟାପିଥିବା ଭାରତ ମହାସାଗରର ଉପକୂଳରେ ୩୩ ଦେଶ ଏବଂ ୫୭ ଦ୍ୱୀପ ରହିଛି। ଏଠାରେ ୩ ଅରବ ଲୋକ ରହୁଛନ୍ତି। ଭାରତ ଏହାର କେନ୍ଦ୍ରରେ ରହିଛି। ତେଣୁ ଏହାର ନାମ ଭାରତ ମହାସାଗର ରହିଛି। ଏହି ମହାସାଗର ତଳେ ୪୦ ପ୍ରତିଶତ ପେଟ୍ରୋଲିୟମ ରହିଛି। ବର୍ଷକୁ ଲକ୍ଷେରୁ ଅଧିକ ବାଣିଜ୍ୟିକ ଜାହାଜ ଏହି ମାର୍ଗ ଦେଇ ଯାଉଛି। ଏହା ମାଧ୍ୟମରେ ୮୦ ପ୍ରତିଶତ ସାମୁଦ୍ରିକ ତୈଳ ଯୋଗାଣ ହେଉଛି। ଏହି ମାର୍ଗରେ କୌଣସି ସମସ୍ୟା ସୃଷ୍ଟି ହେଲେ ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ଏସିଆକୁ ବ୍ୟାପାର ବନ୍ଦ ହୋଇଯିବ। ତେବେ ଭାରତ ସହିତ ନିଜ ଶତ୍ରୁ ରାଷ୍ଟ୍ରଙ୍କୁ ଘେରିବା ପାଇଁ ଚୀନ୍ ଏହି ମହାସାଗରରେ ନିଜ ବେସ୍ ବନାଉଛି। ଅନ୍ୟ ଦେଶଗୁଡ଼ିକ ସହ ମିଶି କିମ୍ବା ଜମିକୁ ଲିଜ୍ ନେଇ ବନ୍ଦର ଆଦି ନିର୍ମାଣ କରୁଛି। ଚୀନ୍ କମ୍ବୋଡିଆରେ ରିମ୍ ନାଭାଲ ବେସ୍, ମ୍ୟାଁମାରର କୋକୋ ଆଇଲ୍ୟାଣ୍ଡ, କୋକପ୍ୟୁ ବନ୍ଦର ନିର୍ମାଣ କରୁଛି। ସେହିପରି ବାଂଲାଦେଶର ଚିଟଗାଁଓ ବନ୍ଦର, ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦର, ମାଲଦ୍ୱୀପରେ ଭିତ୍ତିଭୂମି ବିକାଶ ସହିତ ସାମରିକ ଘାଟୀ ନିର୍ମାଣ, ପାକିସ୍ତାନ ଗ୍ୱାଦର ବନ୍ଦର ଲିଜ୍‌ରେ ନେଇଛି। ଏହା ବ୍ୟତୀତ ପୂର୍ବ ଆଫ୍ରିକାର ଜିବୁତିରେ ନୌ ଚୀନ୍ ନିଜର ପ୍ରଥମ ନୌସେନା ଘାଟୀ ବନାଇଛି। ସେଚେଲ୍ସର ଭିକ୍ଟୋରିଆ ବନ୍ଦର ନିର୍ମାଣରେ ମଧ୍ୟ ଆର୍ଥିକ ସହାୟତା କରୁଛି। ଦକ୍ଷିଣ ଆଫ୍ରିକା ଉପକୂଳକୁ ନିୟନ୍ତ୍ରଣ କରିବା ପାଇଁ ବେଜିଂ ତାଞ୍ଜାନିଆ ଏବଂ କେନିଆରେ ମଧ୍ୟ ଅନେକ ବନ୍ଦର ନିର୍ମାଣ କରିଛି।

**ପାଲଟା ଜବାବ ପାଇଁ ଭାରତର ରଣନୀତି ପ୍ରସ୍ତୁତ**




ଚୀନ୍‌ର ଏହି 'ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍ସ'ର ଜବାବ ଦେବା ଲାଗି ଭାରତ 'ନେକ୍‌ଲେସ୍ ଅଫ୍ ଡାଏମଣ୍ଡ' ରଣନୀତି ଆପଣାଇଛି। ତେବେ ଏ ନେଇ ଭାରତ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ସିଙ୍ଗାପୁରର ଚାଙ୍ଗୀ ନେଭାଲ ବେସ୍ ବ୍ୟବହାର ପାଇଁ ଭାରତ ଚୁକ୍ତି କରିଛି। ଇଣ୍ଡୋନେସିଆର ସବାଙ୍ଗ ବନ୍ଦରରେ ଭାରତ ସାମରିକ କାର୍ଯ୍ୟକଳାପ ବୃଦ୍ଧି କରିଛି। ସେଚେଲ୍ସ ସହ ମିଶି ଭାରତ ଅସମ୍ପସନ ଦ୍ୱୀପରେ ନୌସେନା ଘାଟୀ ନିର୍ମାଣ କରୁଛି। ସେହିପରି ଓମାନର ଦୁକମ ବନ୍ଦର ନିର୍ମାଣ, ଇରାନ ଚାବାହର ବନ୍ଦରକୁ ଲିଜ୍, ଚୀନ୍‌କୁ ଉତ୍ତର ଦେବା ପାଇଁ ମଙ୍ଗୋଲିଆ ସହ ସମ୍ବନ୍ଧ ବୃଦ୍ଧି କରି ଏୟାର କରିଡୋର ନିର୍ମାଣ ଲାଗି ଚୁକ୍ତି,ଜାପାନ ସହ ମିଶି 'ଏସିଆ-ଆଫ୍ରିକା ଗ୍ରୋଥ୍ କରିଡର' ପାଇଁ ଚୁକ୍ତି କରିଛି। ଦକ୍ଷିଣ-ପୂର୍ବ ଏସିଆରେ ଭିଏତନାମ ସହ ଭାରତ ଘନିଷ୍ଠତା ବଢାଇ ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକ୍ରି କରିଛି। ୧.୯ ବିଲିୟନ ଡଲାର ମଧ୍ୟ ନିବେଶ କରିଛି। ସେହିପରି ଆନ୍ଧ୍ରପ୍ରଦେଶର ରାମବିଲିରେ ନୌସେନା ଘାଟୀ 'ଆଇଏନଏସ ବର୍ଷା' ନିର୍ମାଣ କରୁଛି। ମରିସସ୍ ଦ୍ୱୀପରୁ ମଧ୍ୟ ଭାରତ ଚୀନ୍ କାର୍ଯ୍ୟକଳାପ ଉପରେ ନଜର ରଖିଛି।

## ଅହମଦାବାଦ ବିମାନ ଦୁର୍ଘଟଣା

## ସରକାରଙ୍କୁ ଦିଆଗଲା ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ୨୬ ଦିନ ପର ମଙ୍ଗଳବାର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛି। ପ୍ରାରମ୍ଭିକ ଯାଞ୍ଚରୁ ମିଳିଥିବା ପ୍ରମାଣ ଏବଂ ପ୍ରଯୁକ୍ତିବିଦ୍ୟାର ବିଶ୍ଳେଷଣକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ମିଳିଛି। ଏହି ସପ୍ତାହ ପରେ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏହି ରିପୋର୍ଟରେ କ'ଣ ରହିଛି ତାହା ଜଣା ପଡ଼ି ନ ଥିବାବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି ବୋଲି କୁହାଯାଉଛି। ଏହା ପୂର୍ବରୁ ଗତ ୨୮ ତାରିଖରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଥିଲେ ଯେ ସବୁ ଦିଗରୁ ବିମାନ ଦୁର୍ଘଟଣାର ତଦନ୍ତ କରାଯାଉଛି। ଏଥିର ଷଡ଼ଯନ୍ତ୍ର ଦିଗକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ସେହିପରି ତିନି ମାସ ପରେ ବିସ୍ତୃତ ଯାଞ୍ଚ ରିପୋର୍ଟ ସାମ୍ନାକୁ ଆସିବ। ଜୁନ୍ ୧୨ରେ ଘଟିଥିବା ଏହି ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ବିମାନର କେବଳ ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଥିଲା।

## ରନୱେରେ ଦୌଡୁଥିଲେ; ବିମାନ ଇଞ୍ଜିନ ଟାଣିନେଲା

ରୋମ୍, ୮।୭ (ଏଜେନ୍ସି): ଇଟାଲୀର ଏକ ବିମାନବନ୍ଦରରେ ମଙ୍ଗଳବାର ସକାଳ ୧୦ଟା ୨୦ରେ ବଡ଼ ଅଘଟଣ ଘଟିଛି। ରନୱେରେ ଦୌଡୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବିମାନର ଇଞ୍ଜିନ ଟାଣି ନେଇଛି। ଇଞ୍ଜିନରେ ଫସି ରହିବାରୁ ଏହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ସେହି ବ୍ୟକ୍ତି ରନୱେରେ ଦୌଡୁଥିବାବେଳେ ଏ୩୧୯ ବିମାନ ମାର୍ଗରେ ଆସି ଯାଇଥିଲେ। ଏଥିଯୋଗୁଁ ବିମାନ ଇଞ୍ଜିନ ତାଙ୍କୁ ଟାଣି ନେଇଥିଲା। ଏହି ବିମାନଟି ସ୍ପେନ ଅଭିମୁଖେ ଉଡ଼ାଣ ଆରମ୍ଭ କରୁଥିଲା। ଏହି ଦୁର୍ଘଟଣା ପରେ ବିମାନବନ୍ଦରରୁ ସବୁ ଉଡ଼ାଣ ବନ୍ଦ କରିଦିଆଯାଇଥିଲା। ଏହି ମାମଲାର ଯାଞ୍ଚ କରାଯାଉଛି ବୋଲି ବିମାନବନ୍ଦର ପକ୍ଷରୁ କୁହାଯାଇଛି।

## ୯୫୩୧ କୋଟି ମିଳିଲେ ଲାଇବେରିଆ ଜାହାଜ ଛଡ଼ାଯିବ

ତିରୁଅନନ୍ତପୁରମ, ୮।୭ (ଏଜେନ୍ସି): ଲାଇବେରିଆ ଜାହାଜ 'ଏମଏସ୍‌ସି ଅକିକେତା-୨'କୁ ଜବତ କରିବା ପାଇଁ କେରଳ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜାହାଜ ଲାଇବେରିଆର 'ଏମଏସ୍‌ସି ଏଲ୍ସା-୩'ର ସହଯୋଗୀ ଥିଲା। ମେ' ୨୫ ତାରିଖରେ ଏହା କୋଚି ଉପକୂଳରେ ବୁଡି ଯାଇଥିଲା। ଉଭୟ ଜାହାଜ ଏମଏସ୍‌ସି ମେଡିଟେରେନିୟନ ସିପିଂ କମ୍ପାନୀର ଥିଲା। ଏଲ୍ସା-୩ ବୁଡିବା ଯୋଗୁଁ ପରିବେଶ ଏବଂ ଆର୍ଥିକ କ୍ଷତି ପାଇଁ ୯୫୩୧ କୋଟି ଟଙ୍କାର କ୍ଷତିପୂରଣ ଦେବା ଦାବିରେ କେରଳ ସରକାର ଆବେଦନ ଦାଏର କରିଥିଲେ। ଏମଏସ୍‌ସି-୨ ଭାରତ ବାହାରକୁ ଯିବା ଆଶଙ୍କା କରି ଜବତ କରିବାକୁ ଦାବି କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଅକିକେତା-୨କୁ ଜବତ କରିବା ପାଇଁ ସୋମବାର ନିର୍ଦ୍ଦେଶ ଦେଇଥିଲେ। ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଜାହାଜ ଭାରତ ବାହାରକୁ ଯାଇପାରିବ ନାହିଁ।

## ଲୋହିତ ସାଗରରେ ଲେଜର୍ ଆକ୍ରମଣ କରୁଛି ଚୀନ୍

ବର୍ଲିନ, ୮।୭ (ଏଜେନ୍ସି): ଲୋହିତ ସାଗରରେ ଚୀନ୍ ଦାଦାଗିରି ଦେଖାଉଛି। ଏହି କମ୍ୟୁନିଷ୍ଟ ଦେଶ ବିରୋଧରେ ଜର୍ମାନୀ ଗୁରୁତର ଅଭିଯୋଗ ଲଗାଇଛି। ଚୀନ୍ ସାମରିକ ଯୁଦ୍ଧ ଜାହାଜ ଜର୍ମାନୀର ଲଢୁଆ ବିମାନ ଉପରେ ଲେଜର୍ ଆଟାକ କରିଥିବା କୁହାଯାଇଛି। ୟୁରୋପୀୟ ସଂଘ (ଇୟୁ) ନେତୃତ୍ୱରେ ଚାଲିଥିବା ଲୋହିତ ସାଗରରେ 'ସାମୁଦ୍ରିକ ସୁରକ୍ଷା ଅଭିଯାନ'ବେଳେ ଚୀନ୍ ଏପରି କରିଛି। ଏହାକୁ ନେଇ ଜର୍ମାନୀ ଚୀନ୍ ଆମ୍ବାସାଡରଙ୍କୁ ସମନ ଜାରି କରିଛି। ଏହି ଆକ୍ରମଣକୁ ନେଇ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଜର୍ମାନୀ ପକ୍ଷରୁ କୁହାଯାଇଛି ଯେ ଜର୍ମାନୀ ସୈନିକଙ୍କ ଜୀବନକୁ ବିପଦରେ ପକାଇବା ଏବଂ ଅଭିଯାନରେ ବାଧା ସୃଷ୍ଟି କରିବାକୁ କଦାପି ଗ୍ରହଣ କରାଯିବ ନାହିଁ। ଇୟୁର ନେତୃତ୍ୱରେ ଚାଲିଥିବା ଏହି ଆସପାଇଡ୍ସ ଅଭିଯାନ ଲୋହିତ ସାଗର, ଉପସାଗର ଏବଂ ଭାରତ ମହାସାଗର ଦେଇ ଯାତ୍ରା କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବାକୁ ଲକ୍ଷ୍ୟ ରଖାଯାଇଛି।

# ଭାଷା ପାଇଁ ମହାରାଷ୍ଟ୍ର ଅଶାନ୍ତ

ମୁମ୍ବାଇ, ୮।୭: ଭାଷାକୁ ନେଇ ଅଶାନ୍ତ ହୋଇପଡ଼ିଛି ମହାରାଷ୍ଟ୍ର। ପ୍ରାଥମିକ ବିଦ୍ୟାଳୟରେ ହିନ୍ଦି ଭାଷାରେ ପାଠପଢ଼ା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଏକାଠି ହୋଇଥିବା ରାଜ ଏବଂ ଉଦ୍ଧବ ଠାକରେଙ୍କ ଦଳ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ବିରୋଧ ପରେ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ ମଧ୍ୟ ମରାଠୀ କହିପାରୁ ନଥିବା ଲୋକମାନଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି ଦଳୀୟ କର୍ମୀ। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ଭାଷା ନାମରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଥିବା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏକାଠି ହେବାପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ରାଜ ଠାକରେଙ୍କ ଏମ୍‌ଏନ୍‌ଏସ୍ କର୍ମୀ ବେଶି ଉତ୍ପାତ କରୁଛନ୍ତି। ମହାରାଷ୍ଟ୍ର ବାହାରୁ ଆସି ଏଠାରେ କାମ/ବ୍ୟବସାୟ କରୁଥିବା ଲୋକମାନଙ୍କୁ ସେମାନେ ଟାର୍ଗେଟ କରିଛନ୍ତି। ଗତ ସପ୍ତାହ ରାଜଙ୍କ କର୍ମୀମାନେ ଏକ ଦୋକାନରେ ପଶି ବ୍ୟବସାୟୀ ଓ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ସେମାନେ ମରାଠୀ ଭାଷା ଜାଣି ନଥିଲେ ଏବଂ ହିନ୍ଦି ଭାଷା କହିବାରୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଆଜି ବ୍ୟବସାୟୀମାନେ ବିକ୍ଷୋଭ ଯାତ୍ରା ବାହାର କରିଥିଲେ। ଏହାକୁ ଭଣ୍ଡୁର କରିବା ଲାଗି

**ଏମଏନଏସ୍ ଟାର୍ଗେଟରେ ଅଣ ମରାଠୀ ଶ୍ରମିକ**



ଏମ୍‌ଏନ୍‌ଏସ୍ କର୍ମୀମାନେ ମଧ୍ୟ ଥାନେର ମୀରା ରୋଡ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ସେମାନେ ବ୍ୟବସାୟୀଙ୍କ ବିକ୍ଷୋଭ ରାସ୍ତା ଆଡ଼କୁ ମୁହାଁଇବାରୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏମ୍‌ଏନ୍‌ଏସ୍ କର୍ମୀମାନଙ୍କୁ ପୁଲିସ ଉଠାଇନେଇଥିଲା। ପୁଲିସ ଆଗରେ ସେମାନେ ଉତ୍ପାତ ଆରମ୍ଭ କରିଦେଇଥିଲେ। ବ୍ୟବସାୟୀମାନଙ୍କୁ ବିକ୍ଷୋଭ ପାଇଁ କାହିଁକି ଅନୁମତି ଦିଆଗଲା ବୋଲି ପ୍ରଶ୍ନ କରିବା ସହିତ ସେମାନେ ଧମକ ଦେଇଥିଲେ ଯେ ଯେଉଁମାନେ ମରାଠୀ ନଶିଖିବେ, ସେମାନଙ୍କୁ ଆକ୍ରମଣ କରାଯିବ। ସେମାନଙ୍କୁ ସମର୍ଥନ ଜଣାଇ ଶିବ ସେନାର ଜଣେ ମନ୍ତ୍ରୀ ପ୍ରତାପ ସରନାଏକ ଏହି ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା ବେଳେ ଏମ୍‌ଏନ୍‌ଏସ୍ କର୍ମୀମାନେ ତାଙ୍କୁ ଘଉଡ଼ାଇ ଦେଇଥିଲେ।

ଇତିମଧ୍ୟରେ ରାଜ ଓ ଉଦ୍ଧବଙ୍କ କର୍ମୀମାନଙ୍କୁ ଧମକ ଦେଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ସେ କହିଛନ୍ତି ଯେ ଯଦି ସାହାସ ଅଛି, ତାହାହେଲେ ଏହି କର୍ମୀମାନେ ବିହାର କିମ୍ବା ଉତ୍ତର ପ୍ରଦେଶ ଆସନ୍ତୁ। ସେମାନଙ୍କୁ ଦଉଡ଼ାଇ ଦଉଡ଼ାଇ ମାଡ଼ କରାଯିବ। କେବଳ ହିନ୍ଦି କହିପାରୁଥିବା ସାଧାରଣ ଲୋକଙ୍କୁ କାହିଁକି ଆକ୍ରମଣ କରୁଛନ୍ତି। ଉର୍ଦ୍ଦୁ, ତାମିଲ ଏବଂ ତେଲୁଗୁ କହୁଥିବା ଲୋକମାନଙ୍କୁ କାହିଁକି ସେମାନେ ଆକ୍ରମଣ କରୁ ନାହାନ୍ତି ବୋଲି ଦୁବେ କଟାକ୍ଷ କରିଛନ୍ତି।

## ବ୍ଲାକମେଲ୍ କରି ମାଗିଲେ ୩ କୋଟି; ଆତ୍ମହତ୍ୟା କଲେ ଚାର୍ଟାଡ ଆକାଉଣ୍ଟାଣ୍ଟ

ମୁମ୍ବାଇ, ୮।୭ (ଏଜେନ୍ସି): ନିର୍ଯାତନା ଏବଂ ବ୍ଲାକମେଲିଂ ସହି ନ ପାରି ମୁମ୍ବାଇର ଚାର୍ଟାଡ ଆକାଉଣ୍ଟାଣ୍ଟ (ସିଏ) ରାଜ ଲୀଳା ମୋର (୩୨) ବିଷ ପିଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରୁ ତିନି ପୃଷ୍ଠାର 'ସୁଇସାଇଡ ନୋଟ୍' ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ଦୁଇ ଜଣଙ୍କୁ ଦାୟୀ କରିଛନ୍ତି। ରାହୁଲ ପରୱାନି ଏବଂ ସାବା କ୍ୟୁରେସି ତାଙ୍କୁ ବ୍ଲାକମେଲିଂ କରୁଥିଲେ। ଗୋପନୀୟ ଭିଡିଓ ଲିକ୍ କରାଇଦେବାର ଧମକ ଦେଇ କିଛି ମାସ ହେଲା ତିନି କୋଟି ଟଙ୍କା ମାଗୁଥିଲେ। ଗତ ୧୮ ମାସ ହେଲା ଉଭୟେ ମୋରଙ୍କଠାରୁ କୋଟି କୋଟି ଟଙ୍କା ମଧ୍ୟ ନେଇ ଯାଇଥିଲେ। ଏହା ସତ୍ତ୍ୱେ ଅଧିକ ଟଙ୍କା ମାଗିବାରୁ ମୋର ଚରମ ପଦକ୍ଷେପ ନେଇଥିଲେ।

ପୁଲିସ ସୂଚନା ଅନୁଯାୟୀ ମୋର ଷ୍ଟକ ମାର୍କେଟରେ ବିପୁଳ ନିବେଶ କରିଥିବା ଅଭିଯୁକ୍ତ ଜାଣି ପାରିଥିଲେ। ସିଏ ହୋଇଥିବାରୁ ଅଧିକ ଟଙ୍କା ଦରମା ପାଉଥିବା ମଧ୍ୟ ଜାଣିଥିଲେ। ଧମକ ଦେଇ କମ୍ପାନୀ ଆକାଉଣ୍ଟରୁ ଉଭୟଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଦୁଇ ଅଭିଯୁକ୍ତ ଜୋର ଜବରଦସ୍ତି ଏକ ଦାମୀ କାର୍ ମଧ୍ୟ ତାଙ୍କଠାରୁ ନେଇ ଯାଇଥିଲେ। ଏଥିପାଇଁ ପୁଅ ଦୀର୍ଘ ଦିନ ହେଲା ଅତ୍ୟଧିକ ଚାପରେ ଥିଲା ବୋଲି ମୋରଙ୍କ ମା' କହିଛନ୍ତି। ସୁଇସାଇଡ ନୋଟ୍‌ର ଗୋଟିଏ ପୃଷ୍ଠାରେ ମୋର ନିଜ ମା'ଙ୍କ ବିଷୟରେ ଲେଖିଛନ୍ତି। ସେ ପରିବାର ଲୋକଙ୍କୁ କ୍ଷମା ମାଗି ମା'ଙ୍କ ଯତ୍ନ ନେବା ପାଇଁ କହିଛନ୍ତି। ଦ୍ୱିତୀୟ ପୃଷ୍ଠାରେ ସହଯୋଗୀଙ୍କୁ କ୍ଷମା ମାଗିଛନ୍ତି। ଆସ୍ଥା ହରାଇଛି ବୋଲି କହିଛନ୍ତି। ଶ୍ୱେତା ଏବଂ ଜୟପ୍ରକାଶଙ୍କୁ ଦୋଷ ନ ଦେବା ପାଇଁ କହିଛନ୍ତି। ତୃତୀୟ ପୃଷ୍ଠାରେ ରାହୁଲ ଏବଂ ସାବାଙ୍କୁ ଦାୟୀ କରିଛନ୍ତି। ରାହୁଲ ଜାଲିଆତି କରି ତାଙ୍କୁ ବ୍ଲାକମେଲ କରିଥିଲେ। ସଞ୍ଚୟ ଟଙ୍କା ଉଠାଇବାକୁ ଏବଂ କମ୍ପାନୀରୁ ଟଙ୍କା ଚୋରି କରିବାକୁ ବାଧ୍ୟ କରିଥିଲେ। ପୁଲିସ ମାମଲାର ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।



# ବ୍ୟବସାୟୀ ଗୋପାଳ ଖେମକାଙ୍କ ହତ୍ୟା କରାଇଥିଲେ ବିଲ୍ଡର

ପାଟନା, ୮।୭ (ଏଜେନ୍ସି): ବିହାର ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ବ୍ୟାବସାୟିକ ବିବାଦକୁ ନେଇ ବିଲ୍ଡର ଅଶୋକ ଶାହ ସୁପାରୀ ଦେଇ ଖେମ୍‌କାଙ୍କୁ ହତ୍ୟା କରାଇ ଥିଲେ। ହତ୍ୟା ପାଇଁ ସୁଟର୍ ଉମେଶକୁ ସୁପାରୀ ଦିଆଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କାରେ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଅଗ୍ରୀମ ଭାବେ ୫୦ ହଜାର ଟଙ୍କା ଦିଆଯାଇଥିଲା। ଏହି ଟଙ୍କାରେ ଉମେଶ ନିଜ ପିଲାଙ୍କ ସ୍କୁଲ ଦେୟ ଦେଇଥିଲା। ସେ ହିଁ ଖେମକାଙ୍କ ଘରର ରେକି କରିଥିଲା। ପରେ ଉମେଶ ଏହି ହତ୍ୟା ପାଇଁ ନିଜ ଅଞ୍ଚଳରେ ରହୁଥିବା ବିକାଶକୁ ସୁପାରୀ ଦେଇଥିଲା। କିନ୍ତୁ ସେ ଅଧିକ ଟଙ୍କା ଦାବି କରିବାରୁ ଗତ ଚାରି ତାରିଖରେ ଘର ଫାଟକ ନିକଟରେ ଉମେଶ ଖେମ୍‌କାଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଡିଜିପି ବିନୟ କୁମାର ଆଜି ଏହି ସୂଚନା ଦେଇଛନ୍ତି।

ପୁଲିସ ସୋମବାର ବିଲ୍ଡର ଅଶୋକ ଏବଂ ସୁଟର ଉମେଶକୁ ଗିରଫ କରିଛି। ସୁଟର ନିକଟରୁ ୩ ଲକ୍ଷ ଟଙ୍କା ଜବତ କରାଯାଇଛି। ତା ଘରୁ ୫୯ ରାଉଣ୍ଡ ଗୁଳି ଏବଂ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। ଜେରା ସମୟରେ ଉମେଶ କହିଛି ଯେ ଦେଢ଼ ମାସ ତଳେ ହତ୍ୟାର ଯୋଜନା ହୋଇଥିଲା। ଅଶୋକ ସାହ ମୋବାଇଲରୁ ଜମି ବିବାଦ ସମ୍ବନ୍ଧିତ ଆଲୋଚନାର ଅନେକ ରେକର୍ଡିଂ ମିଳିଛି। ଜମି ବିବାଦ ପାଇଁ ଖେମକାଙ୍କୁ ହତ୍ୟା କରାଯାଇଛି। ଅଶୋକ ଘରୁ ଅନେକ ଜମିର କାଗଜପତ୍ର ମିଳିଛି।


ପୁଲିସ ସୂଚନା ଅନୁଯାୟୀ ଉଦୟଗିରି ଆପାର୍ଟମେଣ୍ଟର ୬୦୧ ଫ୍ଲାଟରୁ ଅଶୋକ ସାହକୁ ଗିରଫ କରାଯାଇଥିଲା। ଏହି ଫ୍ଲାଟ୍‌ରେ ପୂର୍ବରୁ ଦୁର୍ଦ୍ଦାନ୍ତ ଅଶୋକ ସମ୍ରାଟ ଏବଂ ବୃଜବିହାରୀର ସହଯୋଗୀ ରତ୍ନେଶ୍ୱର ସାହ ରହୁଥିଲା। ସୁଟର



ଉମେଶର କଥାରେ ପୁଲିସ ମଙ୍ଗଳବାର ଭୋର ୪ଟାରେ ବନ୍ଧୁକ ଯୋଗାଣକାରୀ ବିକାଶକୁ ଧରିବା ପାଇଁ ପଟନା ସିଟିର ମାଲସଲାମୀ ଅଞ୍ଚଳରେ ପହଞ୍ଚି ଥିଲା। ଏହି ସମୟରେ ବିକାଶ ପୁଲିସ ଉପରେ ଗୁଳିମାଡ଼ କରିଥିଲା। କିନ୍ତୁ ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ନିହତ ହୋଇଥିଲା।

# ୬୭ ଜଣଙ୍କ ଜୀବନ ବଞ୍ଚାଇ ଦେଲା କୁକୁର

ମଣ୍ଡି, ୮।୭ (ଏଜେନ୍ସି): ମଣିଷ ତୁଳନାରେ ପଶୁପକ୍ଷୀ ଆଗୁଆ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ଯାଆନ୍ତି ବୋଲି କୁହାଯାଏ। ଏହି ଲୋକକଥାଟି ହିମାଚଳ ପ୍ରଦେଶ ମଣ୍ଡି ଜିଲ୍ଲାର ସିୟାଥି ଗ୍ରାମରେ ସତ ସାବ୍ୟସ୍ତ ହୋଇଛି। ବାଦଲ ଫଟା ବର୍ଷା, ଭୂସ୍ଖଳନ ଏବଂ ଅଚାନକ ବନ୍ୟାରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ଯାଇଥିବାବେଳେ ମଣିଷର ଅତି ବିଶ୍ୱସ୍ତ ପ୍ରାଣୀ କୁକୁର ଦେବଦୂତ ପାଲଟି ଯାଇଛି। ଏହି କୁକୁର ୨୦ ପରିବାରର ୬୭ ଲୋକଙ୍କ ଜୀବନ ବଞ୍ଚାଇ ଦେଇଛି। ଏବେ ସବୁଠି ଏହି କୁକୁରକୁ ନେଇ ଚର୍ଚ୍ଚା ହେଉଛି। ସମୟ ପୂର୍ବରୁ ସତର୍କ କରି ଏହି କୁକୁର ଗ୍ରାମବାସୀଙ୍କୁ ରକ୍ଷା କରି ହିରୋ



ପାଲଟି ଯାଇଛି। ସୂଚନା ଅନୁଯାୟୀ ଧରମପୁର ଅଞ୍ଚଳରେ ଥିବା ସିଆଥି ଗ୍ରାମ ଗତ ୩୦ ତାରିଖ ମଧ୍ୟରାତ୍ରିରୁ ୧ଟା ଭିତରେ ଅବଶେଷରେ ପରିଣତ ହୋଇଯାଇଥିଲା। କିନ୍ତୁ ଏହା ପୂର୍ବରୁ କୁକୁର ପାଇଁ ଗ୍ରାମବାସୀଙ୍କ ଜୀବନ ରକ୍ଷା ପାଇ ଯାଇଥିଲା।

ସିଆଥି ଗ୍ରାମର ନରେନ୍ଦ୍ର କହିଛନ୍ତି ଯେ ଏହି କୁକୁରଟି ତାଙ୍କ ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ପ୍ରବଳ ବର୍ଷା ଜାରି ରହିଥିବାବେଳେ ରାତିରେ କୁକୁର ଜୋର୍‌ରେ ଭୋକିବାରେ ଲାଗିଥିଲା। ଏହା ପରେ ମଧ୍ୟରାତ୍ରିରେ ଚାରିଆଡେ ଖାଲି ଚିତ୍କାର ଶୁଭିଥିଲା। କୁକୁର ଭୋକିବା ଶୁଣି ନରେନ୍ଦ୍ର ନିଦରୁ ଉଠି ଯାଇଥିଲେ। କୁକର ପାଖକୁ ଗଲା ପରେ ସେ ଯାହା ଦେଖିଥିଲେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ଘରର କାନ୍ଥରେ ଏକ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଏହା ମଧ୍ୟ ଦେଇ ପାଣି ପ୍ରବେଶ କରି ଚାଲିଥିଲା। ସେ କାଳ ବିଳମ୍ବ ନ କରି କୁକୁର ସହ ତଳକୁ ପଳାଇ ଥିଲେ। ଘରେ ଶୋଇଥିବା ସମସ୍ତଙ୍କୁ ଜଗାଇ ଥିଲେ। ଏହା ପରେ ଅନ୍ୟ ଗ୍ରାମବାସୀଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କହିଥିଲେ। ଲୋକେ ଏହା ଶୁଣି ଘରଦ୍ୱାର ଛାଡ଼ି ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ଏକ ବିରାଟ ଭୂସ୍ଖଳନ ସଂସ୍ପର୍ଶରେ ଗାଁ ଆସି ଯାଇଥିଲା। ଏଥିରେ ୧୨ରୁ ଅଧିକ ଘର ମାଟିରେ ମିଶି ଯାଇଛି। ମାତ୍ର ଚାରିରୁ ପାଞ୍ଚଟି ଘର ଏବେ ବାହାରକୁ ଦିଶୁଛି। ଆଉ ବାକି ସବୁ ଅବଶେଷ ତଳେ ଦବି ରହିଛି। ଗ୍ରାମର ୨୦ ପରିବାରର ୬୭ ଜଣ ସଦସ୍ୟ ଗତ ୭ ଦିନ ହେଲା ତ୍ରିୟମବାଲା ଗ୍ରାମର ନୈନା ଦେବୀ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ଏଭଳି ସ୍ଥିତି ଦେଖି ଅନେକ ଗ୍ରାମବାସୀଙ୍କ ରକ୍ତଚାପ ବଢ଼ି ଯାଇଛି। କିଛି ଜଣ ଅବସାଦଗ୍ରସ୍ତ ହୋଇଛନ୍ତି। ଅନ୍ୟ ଗ୍ରାମର ଗ୍ରାମବାସୀ ଏମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଜୁନ୍ ୨୦ରୁ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଘଟଣାରେ ରାଜ୍ୟରେ ୭୮ ଜଣଙ୍କ ଜୀବନ ଗଲାଣି।




୭ଦଫା ଦାବି ନେଇ ଡ୍ରାଇଭର ସଂଘର ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ: ଭୁବନେଶ୍ୱର ଅନ୍ତରାଜ୍ୟ ବସ୍‌ଷ୍ଟାଣ୍ଡରେ ଅଟକି ରହିଛି ବସ୍, ଯାତ୍ରୀ ହନ୍ତସନ୍ତ

# ମହାପ୍ରଭୁଙ୍କୁ ରସଗୋଲା ମଣୋହୀ

ପୁରୀ,୮।୭(ସମିସ): ନୀଳାଦ୍ରିବିଜେ ଅବସରରେ ଅନେକ ଭକ୍ତ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହୀ କରିଥିଲେ। ରଥ ପାଖରେ ରସଗୋଲା ଭୋଗ କରିଥିଲେ। ଏହି ରସଗୋଲା ମଣୋହୀ ପ୍ରଥାରୁ ଏବେ ପରମ୍ପରାରେ ପରିଣତ ହୋଇଛି। ଏ ସମ୍ପର୍କରେ ଗବେଷକ ମତ ଦିଅନ୍ତି ଯେ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ବାର୍ତ୍ତା ଦେଖିବାକୁ ମିଳିଥାଏ। ଘୋଷଯାତ୍ରାରେ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ଅଭିମାନ କରିଥିଲେ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)। ଏଥିଯୋଗୁଁ ଯେଉଁ ପାରିବାରିକ ଅଭିମାନ ମୁଣ୍ଡ ଟେକିଥିଲା, ତାହାକୁ ଗଜପତି ମହାରାଜା ବାହୁଡା ଦିନ ଭେଟ କରାଇ ସମାଧାନର ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥିଲେ। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲା ବେଳେ ସେହି ଅଭିମାନର ପୁନରାବୃତ୍ତି ଘଟିଥାଏ। ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରିଦିଅନ୍ତି। ସେଠାରେ ଯେଉଁ ନୀତି ହୁଏ, ତାହା ଲକ୍ଷ୍ମୀ-ନାରାୟଣ ବଚନିକା ଭାବେ ପ୍ରସିଦ୍ଧ। ବଚନିକା ହେବା ପରେ ମହାପ୍ରଭୁ ଜଗମୋହନକୁ ବିଜେ କଲେ ସେଠାରେ ଗଇଁଠାଳ ଫିଟା ନୀତି ହୁଏ। ପରେ ଶ୍ରୀବେଦୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ଲକ୍ଷ୍ମୀ ଠାକୁରାଣୀ ଯେତେବେଳେ ଜୟବିଜୟ ଦ୍ୱାର ବନ୍ଦ କରନ୍ତି ସେତେବେଳେ ମହାପ୍ରଭୁ ସାଙ୍ଗରେ ଆଣିଥିବା ମିଷ୍ଟାନ୍ନ (ରସଗୋଲା) ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥା'ନ୍ତି। ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ପୂର୍ବରୁ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହି କରିଥା'ନ୍ତି। ବିଶ୍ୱାସ ରହିଚି, ମହାପ୍ରଭୁ ଶ୍ରୀଦେବୀଙ୍କୁ ସନ୍ତୁଷ୍ଟ କରିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ତୁଷ୍ଟ କରିଥା'ନ୍ତି। ଲୋକାଚାର ପ୍ରଥା ଅନୁଯାୟୀ ଏହା ଏବେ ପରମ୍ପରାରେ ପରିଣତ ହୋଇଯାଇଛି।

## ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତିମଣତି

ପୁରୀ, ୮।୭ (ସମିସ): ଶେଷ ହୋଇଛି ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ। ଏଏସ୍ଆଇ ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ମରାମତି କାମ ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ଏବେ ସମସ୍ତଙ୍କ ନଜର ରହିଛି କେବେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ଏ ପ୍ରସଙ୍ଗରେ ମଙ୍ଗଳବାର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ବୁଧବାର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ)କୁ ଚିଠି ଲେଖାଯିବ। ଆର୍‌ବିଆଇର ଦୁଇଜଣ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଆସିବା ପାଇଁ ଏହି ଚିଠିରେ ଉଲ୍ଲେଖ କରାଯିବ। ସ୍ୱତନ୍ତ୍ର ଏସ୍ଓପି ଅନୁଯାୟୀ ଉଚ୍ଚସ୍ତରୀୟ କମିଟି ବୈଠକ ବସିବ। ଏହାପରେ ଅସ୍ଥାୟୀ ଖଟଶେଯ ଓ ଫୁଲ ଶେଯ ଘରେ ଥିବା ରତ୍ନଅଳଙ୍କାର ଭିତର ଓ ବାହାର ରତ୍ନଭଣ୍ଡାରକୁ ଅଣାଯିବ। ଅଗଷ୍ଟ ମାସରେ ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ହୋଇପାରେ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ୧୯୭୮ ମସିହାରେ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇ ତାଲିକା ପ୍ରକାଶ ପାଇଥିଲା। ସେହି ତାଲିକା ସହ ମହାପ୍ରଭୁଙ୍କ ଅଳଙ୍କାର ମେଳ କରାଯିବ।

■ ଉତ୍ତରମୁହାଁ ଲଘୁଚାପ

# ଝାରଖଣ୍ଡରେ ବର୍ଷିବ, ଓଡ଼ିଶାରେ କମିବ

ଭୁବନେଶ୍ୱର,୮।୭(ସମିସ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ପଶ୍ଚିମବଙ୍ଗ ଉପରେ ରହିଥିବା ଲଘୁଚାପ କ୍ଷେତ୍ରଟି ଆଗକୁ ଝାଡ଼ଖଣ୍ଡ-ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ ବର୍ତ୍ତମାନ ହୀରାକୁଦରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଥିବା ବେଳେ ମଙ୍ଗଳବାର ସକାଳ ସୁଦ୍ଧା ଏହି ଜଳ ମୁଣ୍ଡଳୀଠାରେ ପହଞ୍ଚିଛି। ବୁଧବାରଠାରୁ ୧୧ ଜୁଲାଇ ମଧ୍ୟରେ ଓଡ଼ିଶାରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି। ମାତ୍ର ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ବୁଧବାର କିଛି କିଛି ବର୍ଷା ନେଇ ଆଶଙ୍କା ରହିଛି। ତେବେ ଆସନ୍ତା ୧୨/୧୩ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ପୁଣି ବର୍ଷା ବଢ଼ିବାର ଆଶଙ୍କା ରହିଛି।

ଅନ୍ୟପଟେ ବୈତରଣୀ ନଦୀ ଫୁଲିବା ହେତୁ ଉତ୍ତର ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ପ୍ରବଳ ବର୍ଷା ପାଇଁ ଦେଓ ନଦୀରେ ମଧ୍ୟ ଜଳସ୍ତର ବଢ଼ିଛି। ଏବେ ଉଦଳା-ବାଲେଶ୍ୱର ସମେତ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈତରଣୀ ଫୁଲିବା ହେତୁ ଆଖୁଆପଦା ନିକଟରେ ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ଜଳ ବୃଦ୍ଧି ଭିତରେ ଯାଜପୁର ନିଜାମପୁରରେ ୨୦ରୁ ୩୦ ଫୁଟ୍ ଯାଏଁ ଆଡ଼ିବନ୍ଧ ଧସିଛି। ବାଲି ବସ୍ତା ପକାଇ ଘାଇ ମରାମତି କରାଯାଉଥିବା ବେଳେ ଏଠାରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟରେ ବନ୍ୟା ସ୍ଥିତି ଭିତରେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଲୋକଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟବାସୀଙ୍କ ସହ ସରକାର ଅଛନ୍ତି। ବିଚଳିତ ହେବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାରଠାରୁ ବର୍ଷାର ପ୍ରଭାବ କମିବା ସହ ୧୩ ପରେ ପୁଣି ବର୍ଷା ବଢ଼ିବ ବୋଲି କେନ୍ଦ୍ର ଆକଳନ କରିଛି।

# ମହରମ ଶୋଭାଯାତ୍ରାରେ ଆମ୍ବୁଲାନ୍ସ ଭଙ୍ଗାରୁଜା

## ବାପା-ମା' ସମେତ ୨ ଶିଶୁ ଆହତ, ୫ ଅଟକ

ବାଲେଶ୍ୱର,୮।୭(ସମିସ): ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସ ଭଙ୍ଗାରୁଜା। ବାଲେଶ୍ୱର ଜିଲ୍ଲା ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ଗତ ରବିବାର ଏହି ଘଟଣା ଘଟିଛି। ଏଥିରେ ଆମ୍ବୁଲାନ୍ସରେ ମେଡିକାଲ ଯାଉଥିବା ଏକ ଦମ୍ପତିଙ୍କ ସମେତ ତାଙ୍କର ୨ଶିଶୁ ଆହତ ହୋଇଛନ୍ତି। ଏ ସଂପର୍କରେ ସୋମବାର ରେମୁଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଅଟକ ରଖିଛି।



ସୂଚନାନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଂଜନ ସାହୁ ଓ ଉର୍ମିଳାଙ୍କ ୩ ବର୍ଷର ପୁଅ ଓ ଅଢ଼େଇ ବର୍ଷର ଝିଅ ପ୍ରବଳ ଜ୍ୱରରେ ଆକ୍ରାନ୍ତ ଥିଲେ। ଦୁହିଁଙ୍କ ଅବସ୍ଥା ବିଗିଡ଼ିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ୧୦୮ ଆମ୍ବୁଲାନ୍ସରେ ସେମାନେ ହସ୍ପିଟାଲକୁ ନେଇ ଯାଉଥିଲେ। ଏହି ସମୟରେ ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ମହରମ୍ ଶୋଭାଯାତ୍ରା ଚାଲିଥିଲା। ଶୋଭଯାତ୍ରାରେ ସାମିଲ ଥିବା ଲୋକଙ୍କ ମଧ୍ୟରୁ ୧୦ରୁ ୧୫ଜଣ ଆମ୍ବୁଲାନ୍ସ ଭଙ୍ଗାରୁଜା କରିଥିଲେ। ଜୋରରେ ସାଇରନ ବଜାଇ କାହିଁକି ବାରମ୍ବାର ଯିବାଆସିବା କରୁଛୁ କହିବା ସହ ଡ୍ରାଇଭରକୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ଚାଳକଙ୍କ ସହଯୋଗୀକୁ ବାହାରକୁ ଟାଣି ଆଣି ପିଟିଥିଲେ। ଗାଡ଼ିର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେବାରୁ ଗାଡ଼ି ଭିତରେ ବସିଥିବା ୨ ଶିଶୁ ଓ ବାପା ମା' କାଚ ବାଜି ଲହୁଲୁହାଣ ହୋଇଥିବା ଜଣାପଡ଼ିଛି। ତେବେ, ପ୍ରାୟ ଅଧ ଘଣ୍ଟା ଧରି ଅଟକିବା ପରେ ଆମ୍ବୁଲାନ୍ସ ଘଟଣାସ୍ଥଳରୁ ଯାଇଥିଲା। ଏ ନେଇ ସୋମବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଚାଳକ ରେମୁଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# କାନ୍ଥ ପଡ଼ି ଯୁବକ ମୃତ

ଭୋଗରାଇ, ୮।୭ (ସମିସ): ଭୋଗରାଇ ବ୍ଲକ୍ ନାରାୟଣ ମାହାନ୍ତି ପଡ଼ିଆ ପଞ୍ଚାୟତ, କିର୍ତ୍ତନୀୟା ଗ୍ରାମରେ କାନ୍ଥ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ବଳରାମଗଡ଼ି ଥାନା ମିର୍ଜାପୁର ଗ୍ରାମର ବାସୁ ଦାସ। ସେ ଦୀର୍ଘ ବର୍ଷ ହେବ କିର୍ତ୍ତନୀୟା ଗ୍ରାମରେ ଏକ ସରକାରୀ ଜାଗାରେ ଘର କରି ରହିଆସୁଥିଲେ। ଗତ ସୋମବାର ମଧ୍ୟରାତ୍ରିରେ ସେ ଶୋଇଥିବା ବେଳେ ତାଙ୍କ ଉପରେ ଘରର କାନ୍ଥ ପଡ଼ିଯାଇଥିଲା। ସଙ୍ଗେସଙ୍ଗେ ପରିବାରଲୋକ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବଜ୍ରପାତରେ ଜଣେ ମୃତ

ରାଜଘାଟ, ୮।୭(ସମିସ): ସିଂଲା ଥାନା ଆମ୍ବକୁଡୁଡ଼ି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ପଞ୍ଚୁପାଲି ଗ୍ରାମର ବାଳକୃଷ୍ଣ ଦାସ (୫୦) ନିଜ ଶ୍ୱଶୁର ଘର ଆମ୍ବକୁଡୁଡ଼ିରେ ରହିଆସୁଥିଲେ। ଆଜି ସକାଳ ପ୍ରାୟ ସାଢ଼େ ୬ଟାରେ ବର୍ଷା ଲାଗି ରହିଥିବାବେଳେ ସେ ବିଲରେ ପଡ଼ିଥିବା ତଳି ଦେଖିବାକୁ ଯାଇଥିଲେ। ଏହି ସମୟରେ ସେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଂଲା ପୁଲିସ୍ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସାପକାମୁଡ଼ାରେ ଜଣେ ମୃତ

ବୌଦ୍ଧ, ୮।୭ (ସମିସ): ବୌଦ୍ଧ ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ପାବୁଲିପଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶ୍ରଦ୍ଧାକର କହଁର (୫୫)। ମଙ୍ଗଳବାର ଭୋର୍ ୫ଟାରେ ଶ୍ରଦ୍ଧାକର ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ଥାନା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଖସୁଛି ଜଳସ୍ତର

# ୪ ଗେଟ୍ ବନ୍ଦ କଲା ହୀରାକୁଦ



ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାରେ ଲାଗିଛି। ରବିବାର ୧୨ଟା ବେଳକୁ ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚି ଯାଇଥିଲା। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ସେହିଦିନ ପୂର୍ବାହ୍ନ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୭୭ ଫୁଟ୍ ଥିବା ବେଳେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିଲା। ସେଥିରୁ ୪ଟି ସ୍ଲୁଇସ୍ ଗେଟ୍ ବନ୍ଦ କରିଦେବାକୁ ସନ୍ଧ୍ୟା ସାଢ଼େ ୬ଟା ବେଳକୁ ନିର୍ଦ୍ଦେଶ ଦିଆଯାଇଛି।

**ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୭୭ ଫୁଟ୍**

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ଆଜି ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୬.୭୭ ଫୁଟ ରହିଛି। ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି; ଏହିପରି ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୨,୬୫୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୨୪,୯୩୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୨,୬୫୧ ଘନଫୁଟ, ପାୱାର ଚେନାଲ ଦେଇ ୨୯୪୧୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୦୦୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୬୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୧୨୧୮ କ୍ୟୁସେକ, ଖଇରମାଳଠାରେ ୪୭୨୦୦୦ କ୍ୟୁସେକ, ବାରମୁଲଠାରେ ୪୩୬୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୩୩୧୯୬୩ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୫.୫୭ ମିମି ଏବଂ ତଳମୁଣ୍ଡରେ ୭.୬୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ଆଜି ସର୍ବଭାରତୀୟ ଧର୍ମଘଟ

ଭୁବନେଶ୍ୱର,୮।୭(ସମିସ): ବୁଧବାର ସର୍ବ ଭାରତୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଫେଡେରେସନ୍ସ୍ ଓ ଶିଳ୍ପ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କର ୪ଟି ଶ୍ରମକୋଡ୍‌କୁ ବିରୋଧ ସହିତ ଘରୋଇ କରଣ, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା, ଅଙ୍ଗନବାଡ଼ି, ଆଶା, ପାଚିକା ଆଦି ସ୍କିମ୍‌ରେ କାର୍ଯ୍ୟରତ ମା'ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଆଦି ଦାବି ରହିଛି। ରାଜ୍ୟ ସରକାର ବନ୍ଦର, ଖଣି, ବିମାନ ବନ୍ଦର ଓ ପ୍ରାୟ ସରକାରୀ ସଂସ୍ଥାକୁ ଆଦାନୀ ହାତରେ ଟେକିଦେବା ଓ ଅନ୍ୟାନ୍ୟ ବୃହତ ଶିଳ୍ପକୁ ଶିଳ୍ପପତି ମାନଙ୍କ ହାତରେ ଟେକିଦେବା ବିଶେଷକରି ପରିବହନ ଶ୍ରମିକ ମାନଙ୍କ ଦାବି ତୁରନ୍ତ ପୁରଣ କରିବା ପାଇଁ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି।

**ସାମିଲ ହେବ ବିଜୁ ଶ୍ରମିକ ସାମ୍ମୁଖ୍ୟ**

ଏହି ଧର୍ମଘଟରେ ସାମିଲ ହେବାକୁ ଘୋଷଣା କରିଛି ବିଜୁ ଶ୍ରମିକ ସାମ୍ମୁଖ୍ୟ। ହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମୁଖ୍ୟ ତଥା ବିଏସ୍‌ଏସ୍ ଓଡିଶାର ସମସ୍ତ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛି। ୯ ଜୁଲାଇ ସକାଳ ୮ ଟା ୩୦ ସମୟରେ ଭୁବନେଶ୍ୱର ରାଜମହଲ ଛକ ଠାରେ ସଂଗଠନର ଉପ ସଭାପତି ନବ କିଶୋର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଧର୍ମଘଟରେ ସାମିଲ ହେବେବୋଲି ନିଷ୍ପତି ନିଆଯାଇଛି। ମଙ୍ଗଳବାର ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲ, ମହାସଚିବ ସୁବାସ ସିଂହ, ଉପସଭାପତି ନବ କିଶୋର ମହାନ୍ତି, ସମ୍ପାଦକ ରାଜୀବ ମହାନ୍ତି ଓ ଅଟୋଚାଳକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମନ ସାମଲ, ରାଜ୍ୟ ପାଚିକା ସାମୁଖ୍ୟର ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରସ୍ମିତା ଜେନା ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତି ଥିଲେ।

ଆରଆଇ ଅମିନ ନିଯୁକ୍ତି

# ଅନ୍‌ଲାଇନ୍ ପରୀକ୍ଷା ପ୍ରତିବାଦରେ ଆଶାୟୀଙ୍କ ଧାରଣା

ଭୁବନେଶ୍ୱର,୮।୭(ସମିସ): ଅନ୍‌ଲାଇନ୍‌ରେ ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ମୁଖ୍ୟ ପରୀକ୍ଷା କରିବାକୁ ବିରୋଧ କରିଛନ୍ତି ଆଶାୟୀ। ମଙ୍ଗଳବାର ଶତାଧିକ ପରୀକ୍ଷାର୍ଥୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଅଫ୍‌ଲାଇନ୍ ପରୀକ୍ଷା ଦାବି କରିଛନ୍ତି। ଅନ୍‌ଲାଇନ୍‌ରେ ହୋଇଥିବା ପ୍ରିଲିମ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ଫଳରେ ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଛି। ଏଣୁ ମୁଖ୍ୟ ପରୀକ୍ଷାକୁ ଅନ୍‌ଲାଇନ୍ ପରିବର୍ତ୍ତେ ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

- ■ ଗୋଟିଏ ଦିନ, ଗୋଟିଏ ସିଫ୍ଟ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା ଦାବି
- ■ ଉନ୍ନତ ଓ ଅଭିଜ୍ଞତାସଂପନ୍ନ କମ୍ପାନୀ ପରିଚାଳନା କରିବ: ଓଏସ୍‌ଏସ୍‌ଏସ୍‌ସି




ସୂଚନାଯୋଗ୍ୟ, ଅଗଷ୍ଟ ପହିଲାରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାୟ ମାସେ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପରୀକ୍ଷା କରିବା ଦ୍ୱାରା ପ୍ରିଲିମ୍ ପରୀକ୍ଷା ପରି ହେରଫେର୍ ଓ ଜାଲିଆତି ଆଶଙ୍କା କରୁଛନ୍ତି ଆଶାୟୀ। ପୁଣି ନର୍ମାଲାଇଜେସନ୍ କରି ପରସେଣ୍ଟାଇଲ୍ ପ୍ରକାଶ କରାଯାଉଥିବାରୁ ବହୁ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଇ ପାରୁନାହାନ୍ତି। ତହିଁରେ ସ୍ୱଚ୍ଛତା ନେଇ ମଧ୍ୟ ଆଶାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ଗୋଟିଏ ଦିନ, ଗୋଟିଏ ସିଫ୍ଟରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି।

ଧାରଣାରତ ଆଶାୟୀଙ୍କ ସହ ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ଆଲୋଚନା କରି ବୁଝାସୁଝା କରିଥିଲେ। ଅନ୍‌ଲାଇନ୍‌ରେ ପରୀକ୍ଷା ହେବ, କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଅଭିଜ୍ଞତାସଂପନ୍ନ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଆଶ୍ୱାସନା ଦେଇଛନ୍ତି। ଏପରିକି, ପରସେଣ୍ଟାଇଲ୍ ସମ୍ପର୍କରେ ବିଚାର କରିବାକୁ ମଧ୍ୟ କହିଛନ୍ତି। ଆଶାୟୀଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଧାରଣାରତ ଆଶାୟୀଙ୍କ ମଧ୍ୟରେ ପରମେଶ୍ୱର ବଳ, ତୋଫାନ ପରିଡ଼ା, ପରେଶ କୁମାର ରଏ, ରଞ୍ଜନ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଶତାଧିକ ପରୀକ୍ଷାର୍ଥୀ ସାମିଲ ଥିଲେ।

# ଗ୍ରାମଦେବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

କବାଟବନ୍ଧ,୮।୭(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଦଇପୁର ଗ୍ରାମରେ ଗ୍ରାମଦେବତୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଦିବସ ପାଳନ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ବ୍ରାହ୍ମଣୀ ନଦୀରୁ ଏକ ବିରାଟ ଶୋଭାଯାତ୍ରାରେ କଳସଧାରୀ ପବିତ୍ର ଜଳ ଆଣି ଗ୍ରାମ ପରିଭ୍ରମଣ କରି ମଣ୍ଡପରେ ପ୍ରବେଶ କରିଥିଲେ। ଘଟ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳାଧିସ ଚଣ୍ଡୀ ପାଠ, ଯଜ୍ଞ ଆରମ୍ଭ ପଣ୍ଡିତମାନଙ୍କ ଦ୍ୱାରା କରାଯାଇଥିଲା।



ମୁଖ୍ୟ କର୍ତ୍ତା ଭାବରେ ସସ୍ତ୍ରୀକ ଧନେଶ୍ୱର ଖଟୁଆ ଓ ଗୁଲୁରୀ ଖଟୁଆ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ମା'ଙ୍କର ମହାସ୍ନାନ କରାଯିବା ସହିତ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ମା'ଙ୍କର ପୂଜା ଅର୍ଚ୍ଚନା କରାଯିବା ସହିତ ଯଜ୍ଞ କାର୍ଯ୍ୟ ସମ୍ପାଦନ ଏବଂ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ପରିପେକ୍ଷୀରେ ଗ୍ରାମର ବିଶିଷ୍ଟ ଗାୟକମାନେ ଭଜନ, କୀର୍ତ୍ତନ, ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ମା'ଙ୍କୁ ଦର୍ଶନ କରିବା ପାଇଁ ଦଇପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯୁବ ଉଦ୍ୟୋଗୀ ମୀନକେତନ ସ୍ୱାଇଁ ମୁଖ୍ୟ ଦାୟିତ୍ୱ ସମ୍ପାଦନା କରୁଥିବା ବେଳେ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

# ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ



ପାଣିକୋଇଲି,୮।୭(ସମିସ): ପଶ୍ଚିମବଙ୍ଗ ରାଜ୍ୟର ଜଣେ ଯୁବକ ନିଖୋଜ ଥିବା ନେଇ ସେଠାକାର ଥାନାରେ ଅଭିଯୋଗ କରିଥିବା ବେଳେ ଉକ୍ତ ଯୁବକ ଜଣକ ପାଣିକୋଇଲି ଅଞ୍ଚଳରେ ବୁଲୁଥିବାର ଖବର ପାଇ ଯୁବକଙ୍କ ସମ୍ପର୍କୀୟମାନେ ପାଣିକୋଇଲି ଆସି ତାକୁ ନପାଇ ପୁଣି ଥାନାରେ ଏକ ନିଖୋଜ ଅଭିଯୋଗ ଦେଇଛନ୍ତି। ପ୍ରକାଶଯେ ପଶ୍ଚିମବଙ୍ଗ ରାଜ୍ୟର ଝାରଗ୍ରାମ ଜିଲ୍ଲା ଜାମୁବଣୀ ଥାନା ଅନ୍ତର୍ଗତ ଡାଇଚାକୁଣିଆ ଗ୍ରାମର ନନ୍ଦକିଶୋର ମହନ୍ତଙ୍କ ପୁଅ ଅଭିଜିତ ଗତ ୪ ତାରିଖ ଠାରୁ ନିଖୋଜ ଥିଲେ। ଏ ନେଇ ଅଭିଜିତଙ୍କ ସମ୍ପର୍କୀୟମାନେ ନିକଟସ୍ଥ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ତେବେ ଉକ୍ତ ଯୁବକ ଜଣକ ପାଣିକୋଇଲି ଅଞ୍ଚଳରେ ବୁଲାବୁଲି କରୁଥିବାର ଖବର ପାଇ ଯୁବକଙ୍କର ସମ୍ପର୍କୀୟମାନେ ପାଣିକୋଇଲି ଆସି ତାକୁ ନ ପାଇବାରୁ ପୁଣି ଥରେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଯଦି କୌଣସି ବ୍ୟକ୍ତି ଉକ୍ତ ଯୁବକଙ୍କ ସନ୍ଧାନ ପାଆନ୍ତି ତେବେ ପାଣିକୋଇଲି ଥାନାରେ ଜଣାଇବାକୁ ଥାନାଧିକାରୀ ରଞ୍ଜିତ ମହାନ୍ତି ଜଣାଇଛନ୍ତି।

# ଗାଡ଼ି ଯନ୍ତ୍ରାଂଶ ଚୋରଙ୍କୁ ଧରିଲେ ଲୋକେ



ଯାଜପୁର,୮।୭(ସମିସ): ଗତ କିଛିଦିନ ଧରି ରାସ୍ତା କଡ଼ରେ ଠିଆ ହୋଇଥିବା ଛୋଟ ବଡ଼ ଗାଡ଼ି ମୋଟରରୁ ରାତ୍ରିର ଅନ୍ଧାର ସୁଯୋଗରେ ଗାଡିର ବ୍ୟାଟେରୀ, ସେଲ୍ଫ, ଡିଜେଲ ଆଦି ଚୋରି ହେଉଥିବା ଯାଜପୁର ସଦର ଥାନାରେ ଅଭିଯୋଗ ହୋଇ ଆସୁଥିଲା। ପୁଲିସ ଏହି ଚୋରମାନଙ୍କର ଟେର ପାଉନଥିଲେ। ହେଲେ ଗ୍ରାମବାସୀଙ୍କ ସହଯୋଗରେ ଗାଡ଼ି ମାଲିକ ମାନେ କିଛିଦିନ ଧରି ପାଳିକରି ଗାଡି ମୋଟର ରହୁଥିବା ସ୍ଥାନମାନଙ୍କରେ ରାତିରେ ଲୁଚିଛପି ରହି ଚୋରଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ଗତ ରାତି ପ୍ରାୟ ୨ଟା ସମୟରେ ୬ ଜଣ ଚୋର ବରୁଆଁ ଆଇଟିଆଇ ନିକଟରେ ଗାଡ଼ିର ଯନ୍ତ୍ରାଂଶ ଚୋରି କରିବା ବେଳେ ଗାଡି ମାଲିକ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଚୋର ମାନଙ୍କ ମଧ୍ୟରୁ ୩ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଅନ୍ଧାରର ସୁଯୋଗ ନେଇ ଅନ୍ୟ ୩ ଜଣ ଜଙ୍ଗଲ ମଧ୍ୟଦେଇ ଖସି ଯିବାରେ ସଫଳ ହୋଇଥିଲେ। ମାଲିକ ମାନଙ୍କ ଠାରୁ ଖବର ପାଇ ସଦର ପୋଲିସ ଚୋର ମାନଙ୍କୁ ସଦର ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ସେମାନଙ୍କ ଠାରୁ ଗୋଟିଏ କଳାରଙ୍ଗର ବାଇକ୍ ଓ ମୋବାଇଲ ଜବତ କରିଥିବା ଜଣାପଡିଛି। ଥାନାରେ ଅଟକ ଥିବା କୋତ ପୁର ଗ୍ରାମର ରବି ଦଳେଇଙ୍କ ପୁଅ ସଂଗ୍ରାମ ଦଳେଇ, ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁରର ଅଭିମନ୍ୟୁ ମାଝୀଙ୍କ ପୁଅ ଦୁର୍ଯ୍ୟୋଧନ ମାଝୀ ଓ ଅନ୍ୟ ଜଣକ ନାବାଳକ ଥିବା ଏରବାଙ୍କ ଗ୍ରାମର ମନୋରଞ୍ଜନ ଦଳେଇଙ୍କ ପୁଅ ସୌମ୍ୟରଞ୍ଜନ ଦଳେଇ ବୋଲି ଜଣାପଡ଼ିଛି। ଏମାନଙ୍କୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ବ୍ରାହ୍ମଣୀ ମଝିରେ ଫସିଲେ ୨୨ ଗୋରୁ

କବାଟବନ୍ଧ,୮।୭(ସମିସ):

ଅଚାନକ ବ୍ରାହ୍ମଣୀରେ ଜଳସ୍ତର ବୃଦ୍ଧି ପାଇଯିବାରୁ ନଦୀ ପଠାରେ ଫସି ରହିଗଲେ ୨୨ ଗୋରୁ। ସେମାନଙ୍କୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ।

ସୂଚନା ମୁତାବକ ଧର୍ମଶାଳା ବ୍ଲକ ଅନ୍ତର୍ଗତ

## ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତର ସିଧାପାଳ ନିକଟରେ ବ୍ରାହ୍ମଣୀ ନଦୀ ଭିତରେ ଥିବା ଟାପୁ ବା କୁଦରେ ଅନେକ ଗାଈ ରହିଥାନ୍ତି। ଉକ୍ତ ସ୍ଥାନଟି ପଡ଼ିଆ ଭଳି ହୋଇଥିବାରୁ ଖାଦ୍ୟ ପାଇଁ ସେଠାରେ ବର୍ଷର ଅଧିକାଂଶ ସମୟରେ ଗୋରୁ ରହିଥାନ୍ତି।



ରେଙ୍ଗାଲି ଡ୍ୟାମ ବନ୍ୟାଜଳ ନିଷ୍କାସନ କରିବା ଫଳରେ ସୋମବାର ରାତିରେ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଥିଲା। ହଠାତ ବହୁତ ପାଣି ଆସିବାରୁ ଗାଈଗୁଡ଼ିକ ବାହାରକୁ ଆସି ପାରି ନ ଥିଲେ। ନଦୀରେ ପ୍ରବଳ ଜଳ ପାଇଁ ତାଙ୍କୁ ଆଣିବା ମଧ୍ୟ ସହଜ ହୋଇନଥିଲା। ସ୍ଥାନୀୟ ଲୋକମାନେ ଏ ନେଇ ଚଢ଼େଇଧରା ଅଗ୍ନିଶମ ବାହିନୀକି ଖବର ଦେଇଥିଲେ। ସୋମବାର ଅପରାହ୍ନରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସନ୍ଧ୍ୟା ହୋଇଯିବାରୁ ଗାଈଗୁଡ଼ିକ ଭଲରେ ଦୃଶ୍ୟମାନ ହୋଇ ନ ଥିଲେ। ଏହା ସହିତ ନଦୀରେ ପ୍ରବଳ ଜଳ ପ୍ରବାହିତ ହେଉଥିବାରୁ ବିନା ବୋଟରେ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ଅଗ୍ନିଶମ ବାହିନୀ ଫେରିଯାଇଥିଲେ। ପୁନର୍ବାର ମଙ୍ଗଳବାର ସକାଳୁ ଚଢ଼େଇଧରା ଅଗ୍ନିଶମ ବାହିନୀ ପକ୍ଷରୁ ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ନେତୃତ୍ୱରେ ଲିଡ୍ ଫାୟାର ଫାଇଟର ସନ୍ତୋଷ କୁମାର ପତି, ଫାୟାର ଫାଇଟର ତାପସ ମୁଳିଆ, ମୀନକେତନ ସାମଲ, ଜିତୁ ପରିଡ଼ା ପ୍ରମୁଖ ପହଞ୍ଚି ବୋଟ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୩ ଘଣ୍ଟା ଅପରେସନ ପରେ ୨୨ଟି ଗୋରୁଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା।

■ ଜିଲ୍ଲାପାଳଙ୍କୁ ଭେଟିଲେ ପ୍ୟାକ୍ସ କର୍ମକର୍ତ୍ତା

# ମଣ୍ଡିରେ ଧାନ ବିକି ପାରିଲେନି ୪୯୨ଜଣ ଚାଷୀ

ଦଶରଥପୁର,୮।୭(ସମିସ): ଧାନ ମଣ୍ଡିରେ ସୃଷ୍ଟି ଅବ୍ୟବସ୍ଥାକୁ ନେଇ ଚାଷୀ ଆନ୍ଦୋଳନ କଲେ। ଆନ୍ଦୋଳନ ହଟାଇବାକୁ ବିଭାଗୀୟ କର୍ତ୍ତୃପକ୍ଷ ମଣ୍ଡିରେ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ କିଣା ଯିବ ବୋଲି ପ୍ରତିଶ୍ରୁତି ଦେଲେ। ମାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲେ ମଧ୍ୟ ପ୍ରତିଶ୍ରୁତି ରଖିଲେନି। ଏମିତି ଅଭିଯୋଗ କରି ଦଶରଥପୁର ବ୍ଲକ କମାରଢିହି ପ୍ୟାକ୍ସ ଅଧୀନରେ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିବା ସହିତ ମଣ୍ଡିରୁ ଧାନ ଉଠାଇବାରେଅବହେଳା କରିଥିବା ମିଲର ଓ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପ୍ୟାକ୍ସ କର୍ମକର୍ତ୍ତା। କମାରଢିହି ପ୍ୟାକ୍ସ ଅଧିନ ମଣ୍ଡିରେ ଧାନ ବିକ୍ରୟ ପାଇଁ ମୋଟ ୯୨୭ ଜଣ ଚାଷୀଙ୍କୁ ଟୋକନ ମିଳିଥିଲା। ଚାଷୀଙ୍କ ଧାନ କ୍ରୟ ପାଇଁ ଗତ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ ହୋଇଥିବା ବେଳେ ମଣ୍ଡିକୁ ନିୟମିତ ଭାବେ ମିଲର ଅସହଯୋଗ କରିବାରୁ ସରକାରୀ ଭାବେ ଧାର୍ଯ୍ୟ ଶେଷ ଦିନ ମଧ୍ୟରେ ମାତ୍ର ୪୩୫ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରୟ କରିଥିଲେ। ଅବଶିଷ୍ଟ ୪୯୨ ଟୋକନ ପ୍ରାପ୍ତ ଚାଷୀ ଧାନ ବିକ୍ରି ହୋଇନପାରିବାରୁ ଗତ ଜୁନ ୩୦ ତାରିଖରେ ଯାଜପୁର-କୟାଁଗୋଲା ୨୦ନଂ ଜାତୀୟ ରାଜପଥ କମାରଢିହି ଛକ ରାସ୍ତାକୁ ଅବରୋଧ କରିଥିଲେ। ସକାଳ ୮ ଟାରୁ ରାତି ୯ଟା ପର୍ଯ୍ୟନ୍ତ ଅବରୋଧ ଜାରିରହିବା ଯୋଗୁଁ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଅବରୋଧ ହଟାଇବାକୁ ଯାଇ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣି, ତହସିଲଦାର ଶୁଭ୍ରାଂଶୁ ସାହୁ, ବ୍ଲକ ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟ, ମଙ୍ଗଳପୁର ଥାନାଧିକାରୀ ଜଗଦୀଶ କର ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀ ଚାଷୀଙ୍କ ସହ ଆଲୋଚନା କରି ମଣ୍ଡିରୁ ଧାନ କ୍ରୟ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦିନ ସରିଯାଇଥିଲେ ହେଁ ମିଲର ଯେପରି ସମସ୍ତ ଟୋକନ ପାଇଥିବା ଚାଷୀଙ୍କ ଠାରୁ ଧାନ କିଣିବେ ସେ ନେଇ ସବୁ ବ୍ୟବସ୍ଥା ହେବ ବୋଲି ପ୍ରତିଶୃତି ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ଦେହୁରୀଙ୍କ ପ୍ରତିଶ୍ରୁତି ପରେ ଚାଷୀ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ। ମାତ୍ର ମିଲରଙ୍କ ଅସହଯୋଗ ଯୋଗୁଁ ଏବେ କମାରଢିହି ପ୍ୟାକ୍ସ ଅଧୀନ ୪୯୨ ଜଣ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇସାରିଛି। ଧାନ ବିକ୍ରି ପାଇଁ ସବୁ ଉଦ୍ୟମ ଫେଲ ମାରିବା ପରେ ଚାଷୀ ଅମଳ କରିଥିବା ଧାନ ବିକ୍ରୀକୁ ନେଇ ଚିନ୍ତାରେ ପଡିଛନ୍ତି। କିଏ ବ୍ୟାଙ୍କ ଋଣ ଏବଂ ହାତ ଉଧାରୀ ସୁଝିବାକୁ ବେପାରୀକୁ କୁଇଣ୍ଟାଲ ପିଛା ୨ ହଜାରରୁ ୨୨୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହୋଇଛି। ଏ ସମ୍ପର୍କରେ ଆଜି କମାରଢିହି ପ୍ୟାକ୍ସ ସଭାପତି ଭାଗୀରଥି ସାହୁ, ବୋର୍ଡ ମେମ୍ବର ବିରଜା ମଲ୍ଲିକ, ଚୌଧୁରୀ ଯେନା, ଅଲେଖ ଦାସ, ହିମାଂଶୁ ଶେଖର ନାୟକ, ପଞ୍ଚାନନ ମଲ୍ଲିକଙ୍କ ନେତୃତ୍ୱରେ ଅନେକ ଚାଷୀ ଜିଲ୍ଲାପାଳ ପି. ଅନ୍ୱେଷା ରେ‡ୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଟୋକନ ଅବଧି ସରି ଯାଇଥିବା ଚାଷୀଙ୍କ ସାଇତା ଧାନ କ୍ରୟ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିବା ସହିତ ନିର୍ଦ୍ଧାରିତ ସମୟରେ ମଣ୍ଡିରୁ ଧାନ କ୍ରୟ ନେଇ ଅବହେଳା କରିଥିବା ମିଲରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

# ପୃଥକ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର

ସୁକିନ୍ଦା, ୮।୭(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର ସୁକିନ୍ଦା ଛକ ନିକଟରେ ଏକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ମଙ୍ଗଳପୁର ଛକ ନିକଟରେ ଏକ ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଛକ ନିକଟ ଆଦ୍ୟଶକ୍ତି ହୋଟେଲ ସମ୍ମୁଖରେ ଏକ ବାଇକ ଦୁର୍ଘଟଣାରେ ମୟୂରଭଞ୍ଜ ଅଞ୍ଚଳର ଜୀତେନ ଗାଗରାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜିତେନକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି ସେହିପରି ମଙ୍ଗଳପୁର ଛକ ନିକଟରେ ଏକ ଦୁର୍ଘଟଣାରେ ବାଇକ୍ ଆରୋହୀ ମଙ୍ଗଳପୁର ଗ୍ରାମ ସନିଆ ଗଇପାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସନିଆକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।



# ମହାପୁରୁଷ ଅରକ୍ଷିତ ଦାସଙ୍କ ଜନ୍ମ ଉତ୍ସବ

କୁନ୍ଦଲ,୮।୭(ସମିସ): ବଡ଼ଚଣା ବ୍ଲକ ପଲାଇ ମୌଜାସ୍ଥିତ ମହାପୁରୁଷ ସାଧନାକ୍ଷେତ୍ର ଓଲାଶୁଣୀ ଗୁମ୍ଫାପୀଠରେ ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଓ ଶିବାନୀ ପରିବାର ପକ୍ଷରୁ ସନ୍ଥ ସାଧକ ତଥା ଭବିଷ୍ୟ ମାଳିକାର ଅନ୍ୟତମ ସ୍ରଷ୍ଟା ମହାପୁରୁଷ ଅରକ୍ଷିତ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟିର ସାଧାରଣ ସମ୍ପାଦକ ନବକିଶୋର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନ୍ମ ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଥ ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତାର ଇଂରାଜୀ ଅନୁବାଦକ ତଥା ମଞ୍ଚ ଓ ସିନେ ଅଭିନେତା ଜୀବନାନନ୍ଦ ପଣ୍ଡା, ସାମାଜସେବୀ ରୁଦ୍ରନାରାୟଣ ସିଂହ, ଦୀଲ୍ଲିପ କୁମାର ସିଂହ, ମହେନ୍ଦ୍ର କୁମାର ରଣସିଂହ, ପ୍ରଦୀପ୍ତ ମହାରଣା, ଏକାଦଶୀ ସେଠୀ, ପ୍ରଫୁଲ୍ଲ କୁମାର ପଣ୍ଡା, ଅମୂଲ୍ୟ କୁମାର ସିଂହ, ଚିତ୍ତରଞ୍ଜନ ସିଂହ, ଦୁଃଶାସନ ସାହୁ, ନାରାୟଣ ସାହୁ, ବିଭୁତଭୂଷଣ ସାମଲ, ଜିତେନ୍ଦ୍ର ନନ୍ଦ, ଅଜୟକୁମାର ନାୟକ, ଶିଶିର କୁମାର ସାମଲ, ବିଜୟକୁମାର ଜେନା, ଅର୍ଜୁନ ସାହୁ, ପ୍ରତାପ ସେନାପତି ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କୁ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ।

# 'ପରିବେଶ ସୁରକ୍ଷା ଓ ସନ୍ତୁଳନ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ'








ଧର୍ମଶାଳା,୮।୭(ସମିସ):



ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କ୍ଲବର ସଂଚାଳକ ଶିକ୍ଷୟିତ୍ରୀ ସାୟଦା ଅମ୍ବାରିନ କାଦ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏଥିସହ ଲଗାଯାଇଥିବା ଚାରାର ସୁରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଅଭୟ କୁମାର ମହାପାତ୍ର ପରିଚାଳନା କରିଥିଲେ। ପରେ ପ୍ରଧାନ ଶିକ୍ଷକ ହରିହର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

**ବଡ଼ଚଣା:** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। କଲେଜର ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ବରିଷ୍ଠ ଅଧ୍ୟାପକ ନାରାୟଣ ମୁଦୁଲି ବୃକ୍ଷରୋପଣ ସଂପର୍କରେ ସୂଚନା ଦେଇଥିଲେ। ସଭାପତି କିଶୋର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳୀ ମହାନ୍ତି ଧନ୍ୟ ବାଦ ପ୍ରଦାନ କରିଥିଲେ। ଡ. ଭାଗ୍ୟଧର ନାୟକ, ପ୍ରଦୀପ କୁମାର ବରାଳ, ଡ. ସଂଜିତ୍ ମହାନ୍ତି, ଅଶୋକ କୁମାର ସାହୁ, ଶମ୍ଭୁନାଥ ହେମ୍ବ୍ରମ, ଡ. ଦୀପକ କୁମାର ମିଶ୍ର, ଡ. ସାମୁଏଲ୍ ଲୀମା, ଦୀପକ୍ ଦାସ, ଡ. ହରି ନାରାୟଣ ସାହୁ, ପ୍ରିତମ ମିଶ୍ର, ଗିରିଶ ରାଉଳ, ସନ୍ତୋଷ କୁମାର ପୃଷ୍ଟି, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ, ଡ. ଅମ୍ବିକା ତ୍ରିପାଠୀ, ନିରୁପମା ସ୍ୱାଇଁ, ଡ. ସରିତା ସେଠୀ, ଶ୍ରାବଣୀ କନ୍ୟା ସ୍ୱାଗତିକା ସମେତ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**ବାଲିଚନ୍ଦ୍ରପୁର:** ବଡଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୬ତମ ବନମହୋତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁର୍ବତନ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ରାକେଶ କୁମାର ବାରିକ, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନର ସଭାପତି ଜ୍ଞାନରଞ୍ଜନ ଦାସ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହରପ୍ରିୟା ମହାରଣା ବିଦ୍ୟାଳୟ ପରିସରରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟତ୍ରୀ ଦୁଃଶାସନ ସେଠୀ, ଏମ୍ଡି ନସିମ, ସୋହେଲ ଖାଁ, ରୋନିଲତା ତରାଇ, ଶୁଭସ୍ମିତା ପରିଡା, ଦେବୀଦତ୍ତା ଦେବସ୍ମିତା ଦାସ, ସସ୍ମିତା ଜେନା, ନର୍ମଦା ମହାନ୍ତି, ମଧୁସ୍ମିତା ପଣ୍ଡା, ଅମ୍ରିତା ସିଂ, ଭାରତୀ ରାୟ, ଶୁଭଶ୍ରୀ ମହାନ୍ତି, ରଶ୍ମିତା ରାଉତ, ସ୍ନେହଲତା ସାହୁ ଓ ପରିଚାଳନା କମିଟିର ସଦସ୍ୟ କୈଳାସ ଚନ୍ଦ୍ର ବେହେରା, ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


**ବରୀ:** ପରିବେଶର ସୁରକ୍ଷା ଲାଗି ବରୀ ବ୍ଲକ ଅନ୍ତର୍ଗତ ମେଦୁଆକୁଳ ସ୍ଥିତ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶିକ୍ଷାନୁଷ୍ଠାନର ଜାତୀୟସବୁଜ ବାହିନୀ (ଇକୋ କ୍ଲବ) ଓ ଏନର୍ଜି କ୍ଲବର ମିଳିତ ସହଯୋଗରେ ମଙ୍ଗଳବାର ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମର ମୁଖ୍ୟସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଗା ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଶରତ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ବିଷ୍ଣୁଚରଣ ସାହୁ, ସମ୍ମାନିତ ଅତିଥି ମକରଧ୍ୱଜ ସାହୁ, ଅନିରୁଦ୍ଧ ମଲ୍ଲ, ବୈଷ୍ଣବ ଚରଣ ଦାସ, ଜାତୀୟ ସବୁଜ ବାହିନୀ (ଇକୋକ୍ଲବ)ର ତତ୍ତ୍ୱାବଧାରକ ଦୁର୍ଯ୍ୟୋଧନ ଓଝା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପରିବେଶବିତ ମନ ମୋହନ ପାଢ଼ୀ, ରବିନ୍ଦ୍ର କୁମାର ନନ୍ଦ, ଅଶୋକ କୁମାର ସାହୁଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମିହିର କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

# କେଦାର ଭାରତୀ ସାହିତ୍ୟ ପତ୍ରିକାର କବିତା ଆସର

ଜେନାପୁର,୮।୭(ସମିସ): କେଦାର ଭାରତୀ ସାପ୍ତାହିକ ସାହିତ୍ୟ ପତ୍ରିକାର ଦ୍ୱିତୀୟ ମାସିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ପୁରସ୍କାର ପ୍ରାପ୍ତ ଡ. ରଜକିଶୋର ପାଢ଼ୀ ଏବଂ ସମ୍ମାନିତ ଅତିଥି ରୂପେ ସମାଜସେବିକା ସ୍ନିଗ୍ଧା ତ୍ରିପାଠୀ ଯୋଗଦେଇଥିଲେ। କେଦାର ଭାରତୀର ଉପଦେଷ୍ଟା କବି ଅରୁଣ କୁମାର ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ ସଭାପତି ଆସନ ଅଳଙ୍କୃତ କରିଥିଲେ। ସମ୍ପାଦିକା ସୁଶ୍ରୀ ନିବେଦିତା ମହାପାତ୍ର ଆସରଟିକୁ ସଂଯୋଜନା କରିଥିଲେ। ଆସରର ମଧ୍ୟାନ୍ତରରେ ଜୟନ୍ତୀ ଓଝା, ରେବତୀ ବେହେରା, ଶୁଭସ୍ମିତାଙ୍କ ସଙ୍ଗୀତରେ ଆସରର ପରିବେଶ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା। ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରତାପ କେଶରୀ ବେହେରା, ଭବାନୀ ରାଜୁ, ମିହିର କୁମାର ଦାସ, ଶିବଦୂତୀ ପାଣିଗ୍ରାହୀ, ସମୀର ନାୟକ, ସତ୍ୟନାରାୟଣ ପ୍ରଧାନ, ଶରତ ଚନ୍ଦ୍ର ମହାନ୍ତ, ଇନ୍ଦ୍ରଜିତ ନାୟକ, ସୁମିତ୍ରା ଦଳାଇ, ପବିତ୍ର କୁମାର ଜେନା ,ମମତା, ଦେବଯାନୀ ପ୍ରମୁଖ ସହଯୋଗ କରିଥିଲେ। ସହ ସମ୍ପାଦିକା ଶିବଦୂତୀ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଦ୍ୟୁତ ଆଘାତରେ ଜଣେ ଆହତ

କବାଟବନ୍ଧ,୮।୭(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତଜେନାପୁରଥାନାଅଧୀନଅଞ୍ଜିରାପଞ୍ଚାୟତ ଗୋଡ଼ିପାଟିଆ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଆହତ ହୋଇଥିବା ଜଣାପଡିଛି। ଆହତ ବ୍ୟକ୍ତିଜଣଙ୍କ ହେଲେରଙ୍କ ଜେନାଙ୍କ ପୁଅ କୈଳାସ ଜେନା (୫୫) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଜଳସେଚନ ପାଇଁ ଲାଗିଥିବା ଏକ ବୋରିଂର କରେଣ୍ଟ କୈଳାସଙ୍କୁ ଲାଗିଥିଲା। ଏହା ଥ୍ରୀ ଫେଜ କରେଣ୍ଟ ହୋଇଥିବାରୁ ଜୋରରେ ଆଘାତ ହୋଇ ତାଙ୍କର ହାତର କିଛି ଅଂଶ ଜଳି ଯାଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ମେଡ଼ିକାଲକୁ ନେଇଥିଲେ। କଟକର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ଜଣାପଡିଛି।



# ପ୍ରଦୂଷଣ ନେଲା ଆଉ ଗୋଟିଏ ମୁଣ୍ଡ

**ଦାନଗଦି, ୮।୭(ସମିସ) :** କଳିଙ୍ଗନଗର ଶିଳ୍ପାଞ୍ଚଳ ସୁକିନ୍ଦା ରୋଡ଼ ରେଳ ସାଇଡିଂ ପ୍ଲଟକୁ ଲାଗିଥିବା ସୁଆଁଲ ଗାଁ ବେହେରା ସାହିରେ କିଡ୍‌ନୀ ରୋଗରେ ଆଉ ଜଣଙ୍କର ଆଜି ମୃତ୍ୟୁ ଘଟିଛି। ତାଙ୍କ ନାଁ ରଘୁନାଥ ନାୟକ (୪୯)। ସେ ସୁକିନ୍ଦା ରୋଡ଼ ରେଳ ସାଇଡିଂରେ ଜଣେ ଶ୍ରମିକ ଭାବେ କାମ କରୁଥିଲେ। ସେ ସୁକିନ୍ଦା ରୋଡ଼ ଲୋଡି ଅନଲୋଡି ଶ୍ରମିକ ସଙ୍ଘର ଜଣେ ସଦସ୍ୟ ଥିଲେ। ବିଗତ ଦିନରେ ଏହି ଗାଁରେ ବାୟୁ ଜଳ ପ୍ରଦୂଷଣ ଜନିତ ରୋଗରେ ଆକ୍ରାନ୍ତ ହୋଇ ଶହ ଶହ ଲୋକଙ୍କ ମୁଣ୍ଡ ଗଡ଼ିଲାଣି। ପୁରୁଷ ଶୂନ୍ୟ ହୋଇଗଲାଣି ଏହି ଗାଁ। କ୍ଲିଙ୍କର, କୋଇଲା ଗୁଣ୍ଡ ଏହି ରେଳ ସାଇଡିଂରେ ଅନଲୋଡିଂ ଓ ଲୋଡିଂ ହୋଇ କାରଖାନାମାନଙ୍କୁ ପରିବହନ ହେବା ଦ୍ୱାରା ଧୂଳି ଧୂଆଁ ମାତ୍ରାଧିକ ଉଡ଼ି ସୁଆଁଲ ଗାଁର ପାଣି ପବନ ସମ୍ପୂର୍ଣ୍ଣ ବିଷ ହୋଇଯାଇଛି। ତେଣୁ ଏ ରେଳ ସାଇଡିଂ ଆଉ କେତେ ମୁଣ୍ଡ ନେଲା ପରେ ପ୍ରଶାସନର ନିଦ ଭାଙ୍ଗିବ ତାହା ଦେଖିବାର ଅଛି। ପ୍ରଦୂ୍ୟଷଣ ନିୟନ୍ତ୍ରଣ ବିଭାଗ ଖାଲି ନୋଟିସ ପରେ ନୋଟିସ୍ ଜାରିକରି ଚୁପ ବସିଛି। ଜଳର ନମୁନା ଓ ବାୟୁର ନମୁନା ପାଇଁ ଆର୍‌ଡିଏସ୍ ମେସିନ ଗାଁରେ ବସାଇଲେ ପ୍ରକୃତ ପ୍ରଦୂ୍ୟଷଣର ମାତ୍ରା କେତେ ଜଣାପଡନ୍ତା ବୋଲି ଲୋକେ ଦାବି କରୁଛନ୍ତି। ଶ୍ରମିକ ସଂଗଠନ ତରଫରୁ ମୃତକଙ୍କ ପରିବାର କୁ କ୍ଷତି ପୂରଣ ଯୋଗାଇ ଦେବାକୁ ବାକି କରାଯାଇଛି।

# ୧୫୦ ଲିଟର ମଦ ଜବତ; ୨ଗିରଫ

**କୁଆଖିଆ, ୮।୭(ସମିସ):** କୁଆଖିଆ ପୁଲିସ ଗତକାଲି ରାତିରେ ଏକ ଚୋରା ମଦ ବୋଝେଇ ବୋଲେରୋକୁ ଜବତ କରିଛି। ଏହି ବୋଲେରୋରୁ ୧୫୦ ଲିଟର (୩୦ ପେଟି) ଆସ୍କା-୪୦ ଦେଶି ମଦ ଜବତ ହୋଇଛି। ସୂଚନା ଅନୁସାରେ ରାତି ପ୍ରାୟ ୧୦ଟା ବେଳେ ଚଣ୍ଡିଖୋଲରୁ ବିକ୍ରି ଉଦ୍ଦେଶ୍ୟରେ ଏହି ଦେଶି ମଦଭର୍ତ୍ତି ପେଟି ଗୁଡିକୁ ଯାଜପୁର ଟାଉନ୍‌କୁ ନିଆଯାଉଥିଲା। କୁଆଖିଆ ପୁଲିସର ପାଟ୍ରୋଲିଂ ଟିମ୍ ଏହି ବୋଲେରୋ ନଂ- ଓଆର୍ ୦୨ ବିଏମ୍- ୫୭୨୩କୁ ସନ୍ଦେହରେ ଅଟକାଇଥିଲା। ଗାଡିରୁ ମଦ ମିଳିବା ପରେ ଗାଡି ସହିତ ମଦ ପେଟିଗୁଡିକୁ ଜବତ କରି ଥାନାକୁ ନିଆଯାଇଥିଲା। ଗାଡିର ଡ୍ରାଇଭର ତେଣ୍ଡୁଆ, ବିହାରର ଶଶୀ ଭୁଷଣ କୁମାର ଓ ମଦ ବ୍ୟବସାୟୀ ମଙ୍ଗଳପୁର ଥାନା ଅନ୍ତର୍ଗତ ବଉଲାଙ୍ଗ ଗ୍ରାମର ତ୍ରୈଲୋକ୍ୟନାଥ ପରିଡ଼ାକୁ ଗିରଫ କରାଯାଇଥିଲା। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। କୁଆଖିଆ ଥାନାରେ ଏ ସମ୍ପର୍କରେ ଏକ ମାମଲା(କେସ୍ ନଂ-୨୬୦/୨୫) ରୁଜୁ ହୋଇଛି। ଏଏସଆଇ ମନୋଜ ପରିଡ଼ା ଘଟଣାର ତଦନ୍ତ କରୁଛନ୍ତି।

# ସୁକିନ୍ଦା କଂଗ୍ରେସର ପ୍ରସ୍ତୁତି

**ଦାନଗଦି, ୮।୭(ସମିସ):** ଆସନ୍ତା ୧୧ ତାରିଖ ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲ ଗାନ୍ଧୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶକୁ ସଫଳ କରିବା ପାଇଁ ଆଜି ସୁକିନ୍ଦା କଂଗ୍ରେସ ତରଫରୁ ଦାନଗଦି କଂଗ୍ରେସ ଭବନରେ ଇଂ.ବିଭୁ ଭୂଷଣ ରାଉତଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହେନ୍ଦ୍ର ଦାଶ, ରଞ୍ଜିତ ରାଜ, ଦାମଦର ପୁହାଣ, ଅଜୟ କୁମାର ବେହେରା, ଦୟାନିଧି ପଲେଇ, ଶୁକଦେବ ମହାନ୍ତି, ଉମାକାନ୍ତ ଜେନାମଣୀ, ମଦନ ମୋହନ ଖୁଣ୍ଟିଆ, ପ୍ରଭାତୀ ବଳ, ପୁଷ୍ପଲତା ପାତ୍ର, ମଳୟ ପାତ୍ର, ରଞ୍ଜନ କୁମାର ଧୀର, ଜନ୍ମଜୟ ବଳ ସାମନ୍ତ, ହିନ୍ଦୁ ଜାମୁଦା, ବୀର କିଶୋର ସାହ, ମାଧ ଦେଓ, ଦୁର୍ଗା ଶଙ୍କର ବାରିକ, ବିମାନ ପେରେଇ, ପବିତ୍ର ଯେନା, ମିଟୁ ମଲ୍ଲିକ, ଡବର ସାମାଡ, ସଦାଶିବ ଘଡ଼ାଇ, ଉଦୟ ସିଂ, ଚିତ୍ତ ମାହାନ୍ତ, ଦୈତାରୀ ମଲ୍ଲିକ, ଗୁଣମଣି ସା, ଅନିଲ ଯେନା, କବିର ଯେନା ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ଧର୍ମଶାଳା, ୮।୭(ସମିସ):** ଜାରକାସ୍ଥିତ ଧର୍ମଶାଳା ବ୍ଲକ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଚଳିତ ବର୍ଷ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଭାପତି ଆଶାତରୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜିଲ୍ଲା ସମ୍ପାଦକ ବିବେକାନନ୍ଦ ନାୟକ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ବିଜୟ କୁମାର ଦେବତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜ୍ଜୁନ ଚରଣ ସାହୁ, ଯୁଧିଷ୍ଠିର ସ୍ୱାଇଁ, ଅର୍ଜ୍ଜୁନ ପୃଷ୍ଟି, ସୁନାକର ସାହୁ, ହୃଷୀକେଶ ସାମଲ, ବ୍ରଜକିଶୋର ଦାଶ, ଅମରେଶ ଦାଶ, ପୁରୁଷୋତ୍ତମ ଜେନା, ସୁବାସ ଚନ୍ଦ୍ର ବେହେରା, ଅଭିରାମ ନନ୍ଦ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଶିଶୁ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସଂଗଠନ ସମ୍ପାଦକ ପୀତବାସ ପାତ୍ର ଧନ୍ୟବାଦ ଦେଇଥିଲେ।

## ଖରିଫ ଋତୁ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

# କୃଷକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବାକୁ ଆହ୍ୱାନ

ଯାଜପୁର, ୮।୭(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଆଗାମୀ ଖରିଫ ଋତୁ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କୃଷକମାନେ ଯେପରି ସରକାରୀଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବ୍ୟାଙ୍କ୍ ମାନେ ଚାଷୀ ମାନଙ୍କୁ ଋଣ ଯୋଗାଇ ଦେବାକୁ ଜିଲ୍ଲାପାଳ ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ସମବାୟ ବ୍ୟାଙ୍କ୍ ୬୮ କୋଟି ଋଣ ଯୋଗାଇ ଦେବାକୁ ଧାର୍ଯ୍ୟ ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ମାସ ଶେଷ ସୁଦ୍ଧା ଜିଲ୍ଲାର ୬୩ ହଜାର ଚାଷୀଙ୍କୁ ପଞ୍ଜୀକୃତ କାର୍ଯ୍ୟ ଶେଷ କରିବାକୁ ବ୍ଲକ କୃଷି ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା ସଭାକାର୍ଯ୍ୟକୁ ଆଗେଇ ନେବା ସହ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୫ ଖରିଫ ଫସଲ ନିମନ୍ତେ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଯାଜପୁର ଜିଲ୍ଲାରେ ୨୦୨୫ ମସିହା ସୁଦ୍ଧା ସମୁଦାୟ ୧, ୦୬, ୫୭୦ ହେକ୍ଟର ଜମିରେ ଧାନ ଚାଷ, ସମୁଦାୟ ୧୫୪୦ ହେକ୍ଟର ଜମିରେ ମକା ଚାଷ, ସମୁଦାୟ ୫୦୦ ହେକ୍ଟର ଜମିରେ ମିଲେଟ୍ ଚାଷ, ସମୁଦାୟ ୪୯୯୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ, ସମୁଦାୟ ୩୦୦ ହେକ୍ଟର ଜମିରେ ତୈଳ ବୀଜ ଚାଷ, ୭୯୦ ହେକ୍ଟର ଜମିରେ ଝୋଟ ଚାଷ ଏବଂ ସମୁଦାୟ ୨୦୮୦ ହେକ୍ଟର ଜମିରେ ମସଲା ଚାଷ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୨୦୨୫ ମସିହା ସୁଦ୍ଧା ଯାଜପୁର ଜିଲ୍ଲାରେ ପ୍ରମୁଖ ଜଳସେଚନ, କ୍ଷୁଦ୍ର ଜଳସେଚନ, ବୃହତ୍ ଉଠା ଜଳସେଚନ, କ୍ଷୁଦ୍ର ଉଠା ଜଳସେଚନ ଏବଂ ଅନ୍ୟାନ୍ୟ ଉତ୍ସରୁ ସମୁଦାୟ ୧୦୭୫୭୨.୪୧ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୫- ୨୬ ମସିହା ମୃତ୍ତିକା ପରୀକ୍ଷା କରାଯାଇ ବ୍ଲକୱାରୀ ୯୬୧୪ ନମୁନା ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୫ ମସିହା ସୁଦ୍ଧା ୧୨୪୨୬ ମେଟ୍ରିକ୍ ଟନ୍ ରାସାୟନିକ ସାର ଯଥା- ଫସଫରସ, ପଟାସ ଓ ଯବକ୍ଷାରଜାନ ବ୍ୟବହାର ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ ବୈଠକରେ ଫସଲ ସୁରକ୍ଷା ଯୋଜନା, କୃଷି ଯାନ୍ତ୍ରିକୀକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଅଗ୍ରଣି ବ୍ୟାଙ୍କ୍ ପରିଚାଳକ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆସୁଛି ବନ୍ୟା; ସତର୍କ ପ୍ରଶାସନ

**ଯାଜପୁର, ୮।୭(ସମିସ):** ଯାଜପୁର ଜିଲ୍ଲାରେ ବନ୍ୟାଜଳ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ଅପରାହ୍ନରେ ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ପରିସ୍ଥିତିରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଦକ୍ଷତା ସମ୍ପନ୍ନ ଅଗ୍ନିଶମ, ଇଲେକ୍ଟ୍ରିସିଟି, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଫୋନ୍ ନମ୍ବର ନିୟନ୍ତ୍ରଣ କକ୍ଷରେ ରହିବ। ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ଆବଶ୍ୟକୀୟ ସାମଗ୍ରୀ ପ୍ରସ୍ତୁତ ରହିବ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ବନ୍ୟା ସମୟରେ ଜଳ ପ୍ରବାହ ସ୍ଥିତି ସମ୍ପର୍କରେ ସମସ୍ତ ତଥ୍ୟର ସୂଚନା ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ବନ୍ୟା ସମୟରେ ଜିଲ୍ଲାରେ କେହି ମାଛ ଧରିବାକୁ ନଦୀକୁ ଯାଇପାରିବେ ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବନ୍ୟା ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତସ୍ତରରେ ରିଲିଫ ଅଧିକାରୀ ବିଡ଼ିଓମାନେ ନିୟୋଜିତ କରିବେ। ବନ୍ୟା ପୂର୍ବରୁ ଆବଶ୍ୟକୀୟ ସାମଗ୍ରୀ ଏବଂ ଶୁଖିଲା ଖାଦ୍ୟ ଆଗରୁ ମହଜୁଦ ରଖିବାକୁ ଜିଲ୍ଲାପାଳ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟୀ ମାନଙ୍କ ରହିବା ନିମନ୍ତେ ସ୍କୁଲରେ ଅସ୍ଥାୟୀ ଆଶ୍ରୟସ୍ଥଳ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଏକ ନୋଡାଲ ଅଧିକାରୀ ରହିବେ ଏବଂ ସେମାନେ ପରିସ୍ଥିତିକୁ ଅନୁଧ୍ୟାନ କରି ସ୍କୁଲ ଗୁଡ଼ିକୁ ଖୋଲିବା ସହିତ ଆବଶ୍ୟକ ବ୍ୟବସ୍ଥା କରିବେ। ବ୍ଲକ ସ୍ତରରେ ବିଡ଼ିଓମାନେ ବୈଠକ ଅନୁଷ୍ଠିତ କରିବା ସହିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅନ୍ତର୍ଭୁକ୍ତ କରିବେ। ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ ରିଲିଫ କୋଡ ଅନୁଯାୟୀ ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟ ଯୋଗାଇଦିଆଯିବ। ରାଜ୍ୟ ସରକାର ବନ୍ୟା ସ୍ଥିତିରେ ଜିରୋ କାଜୁୟାଲିଟିକୁ ପ୍ରାଥମିକତା ଦେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡା ଔଷଧ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ବ୍ଲକ ପଏଣ୍ଟରେ ରହିବା ବ୍ୟବସ୍ଥା କରାଯିବ। ଲଗାଣ ବର୍ଷାରେ ରାସ୍ତାରେ ହୋଇଥିବା ଗର୍ତ୍ତକୁ ମରାମତି କରିବାକୁ ଆର୍‌ଆଣ୍ଡବିକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଡିସଇନ୍‌ଫେକ୍ସନ୍ ପ୍ରକ୍ରିୟା ଚାଲୁ ରହିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ଆସିଲେ ପ୍ରଭାବିତ ବରୀ, ବିଞ୍ଝାରପୁର, ବଡ଼ଚଣା, ରସୁଲପୁର କ୍ଷତି ଗ୍ରସ୍ତ ହେବ। ସେହିପରି ବୈତରଣୀ ନଦୀରେ ବନ୍ୟା ଜଳ ଆସିଲେ କୋରେଇ, ଯାଜପୁର, ଦଶରଥପୁର ଆଦି କ୍ଷତି ଗ୍ରସ୍ତ ହେବାକୁ ଥିବାରୁ ଏହି ସବୁ ଅଞ୍ଚଳକୁ ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ରାଜକିଶୋର ପାଢ଼ୀଙ୍କୁ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା



**ଧର୍ମଶାଳା, ୮।୭ (ସମିସ):** ଧର୍ମଶାଳା ବ୍ଲକ କୋତପୁର ନିବାସୀ ଡ. ରାଜକିଶୋର ପାଢ଼ୀଙ୍କୁ କେନ୍ଦ୍ର ବାଲ୍ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଡ. ପାଢ଼ୀ ଅଚ୍ୟୁତପୁରସ୍ଥିତ ଦାମୋଦର ବିଦ୍ୟାପୀଠରୁ ଶିକ୍ଷକତା କରି ଅବସର ନେଇଥିବା ବେଳେ ସ୍କୁଲର ପୁରାତନ ଛାତ୍ରସଂସଦ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଛାତ୍ର ସଂସଦର ସଭାପତି ପ୍ରଶାନ୍ତ କୁମାର ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତନୁଜା ଦାଶ, ପ୍ରଧାନ ଶିକ୍ଷୟିତ୍ରୀ ମନୋସ୍ୱିନୀ ଆଇଚ, ସମାଜସେବୀ କାହ୍ନୁଚରଣ ଦାଶ ଯୋଗଦେଇଥିଲେ। ସମ୍ପାଦକ ଅଶୋକ କୁମାର ବେହେରା ସୂଚନା ପ୍ରଦାନ କରିଥିବା ବେଳେ ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ତଥା ଶିଶୁ ସାହିତ୍ୟିକ ଦୀନବନ୍ଧୁ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସଂସଦ ସଦସ୍ୟ ସରୋଜ କୁମାର ପାଢ଼ୀ, ଦିଗ୍‌ବିଜୟୀ ରାଉତ, ଜୟପ୍ରକାଶ ରାଉତ, ରାମଚନ୍ଦ୍ର ସେଠୀ, ପ୍ରକାଶ ଶତପଥୀ ପ୍ରମୁଖ ସହାୟତା କରିଥିବା ବେଳେ ଶେଷରେ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଝାଡେଶ୍ୱର ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

ଦାନଗଦି, ୮।୭(ସମିସ): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ଦ୍ୱାରା ନିଯୁକ୍ତ ପିଜିଟି ଅଧ୍ୟାପକ/ଅଧ୍ୟାପିକା ମାନଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ଉତ୍ସବରେ ଅଧ୍ୟାପକ ଡ. କ୍ଷିରୋଦ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ରଞ୍ଜନ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ତୋଫାନ କୁମାର ଜେନା, ଖଗେଶ ଜେନା, ରଞ୍ଜନ କୁମାର ଖଣ୍ଡା, ପାରିଜାତ ମହାନ୍ତି, ଶ୍ରୀମନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ. ପଣ୍ଡା ନୂତନ ଭାବେ ନିଯୁକ୍ତି ପାଇଥିବା ଅଧ୍ୟାପକ ଅମର ସେଠୀ, ମୁନା ନାୟକ, ଅଭୟ କୁମାର ସାହୁ, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ପ୍ରମୁଖଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଖଗେଶ କୁମାର ଜେନା ପ୍ରଭୁ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଅଧ୍ୟାପକ ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ





**ପାଣିକୋଇଲି, ୮।୭(ସମିସ):** ଡ୍ରାଇଭର ମହାସଂଘର ଦାବିକୁ ରାଜ୍ୟ ସରକାର ପୂରଣ କରିନଥିବା ବେଳେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅଲ ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନର ଡାକରା ଦେଇଛି। ଏ ନେଇ ଯାଜପୁର ଜିଲ୍ଲାର କୋରାଇ ବ୍ଲକର ଗାଡ଼ି ଚାଳକ ମାନେ ପାଣିକୋଇଲି ପୁରୁଣା ଟୋଲଗେଟ୍ ଠାରେ ଆନ୍ଦୋଳନରେ ବସିଥିଲେ। ଜିଲ୍ଲା ସଭାପତି ମାନସ ଦେବତା ଓ କୋରାଇ ବ୍ଲକ ସଭାପତି ଖଗେଶ୍ୱର ମୁଦୁଲିଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ ଗାଡ଼ି ଚାଳକ ଆନ୍ଦୋଳନରେ ବସିଥିବା ବେଳେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

**ବଡ଼ଚଣା:** ଓଡ଼ିଶା ଡ୍ରାଇଭର ମହାମଞ୍ଚ ନିର୍ଦ୍ଦେଶ କ୍ରମେ ଡ୍ରାଇଭର ଏକତା ମଞ୍ଚ ଆନୁକୂଲ୍ୟରେ ଆଜି ଠାରୁ ସମଗ୍ର ଓଡ଼ିଶାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ସହ ଚାଳକମାନଙ୍କ ଧର୍ମଘଟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଚଣ୍ଡିଖୋଲ ଛକ ଠାରେ ବଡ଼ଚଣା ଡ୍ରାଇଭର ମହାସଂଘ ଯାଜପୁର ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଆରମ୍ଭ ହୋଇଛି। ବିଭିନ୍ନ ଦାବି ନେଇ ଡ୍ରାଇଭରମାନେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ଆଜି ଚଣ୍ଡିଖୋଲ ଛକ ଠାରେ ବଡଚଣା ଡ୍ରାଇଭର ମହାସଂଘର ସଭାପତି ଆଲୋକ କୁମାର ଦାସ, ଉପସଭାପତି ପ୍ରକାଶ ସାମଲ, ସମ୍ପାଦକ୍ ସଞ୍ଜୟ କୁମାର ସାହୁ କୋଷାଧ୍ୟକ୍ଷ ଗୌତମ ଦାସ ସଂଯୋଜକ, ସହ ସମ୍ପାଦକ ସିଦ୍ଧାନ୍ତ ଭୁୟାଁ, ଉପଦେଷ୍ଟା ଅକ୍ଷୟ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ଗାଡ଼ି ଚାଳକ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ଧର୍ମଘଟ ସ୍ଥଳକୁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ମୋଟର ଯାଞ୍ଚ ନୀରିକ୍ଷକ, ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ଜେନା ପ୍ରମୁଖ ଯାଇ ଚାଳକମାନଙ୍କ ସହିତ ଆଲୋଚନା କରିଥିଲେ। ତେବେ ରାଜ୍ୟ ସଂଘ ଯେଉଁ ନିଷ୍ପତି ନେବ ତାକୁ ଆମ ମାନିନେବୁ ବୋଲି ଚାଳକ ସଂଘ କହିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏକ ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି।

**ଧର୍ମଶାଳା:** ଡ୍ରାଇଭର ମହାସଂଘ ଧର୍ମଶାଳା ଶାଖା ପକ୍ଷରୁ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ କରାଯାଇଛି। ଫଳରେ ଗାଡି ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଡ୍ରାଇଭରମାନେ ନିଜର ଦାବି ହାସଲ ପାଇଁ ସରକାର ଉପରେ ଚାପ ପକାଇବା ନିମନ୍ତେ ଆଜିଠାରୁ ଧର୍ମଘଟରେ ରହିଛନ୍ତି। ଆଜି ଜାରକା ବସ୍‌ଷ୍ଟାଣ୍ଡ ନିକଟରେ ଧର୍ମଶାଳା ଅଞ୍ଚଳର ଡ୍ରାଇଭରଭାଇମାନେ ଏକତ୍ରିତ ହୋଇ ଧର୍ମଘଟରେ ବସି ରହିଛନ୍ତି। ଦାବି ପୂରଣ ପ୍ରତିଶ୍ରୁତି ନ ମିଳିବା ଯାଏଁ ଧର୍ମଘଟ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଡ୍ରାଇଭର ମହାସଂଘ ଧର୍ମଶାଳା ଶାଖାର ସଭାପତି ଲୋକନାଥ ପୁରୀଙ୍କ ନେତୃତ୍ୱରେ ଉପସଭାପତି ସତ୍ୟବ୍ରତ ନାୟକ, ସମ୍ପାଦକ ଅମୂଲ୍ୟ କୁମାର ମଲିକ, ସହସମ୍ପାଦକ ବସନ୍ତ ପରିଡ଼ା, କୋଷାଧ୍ୟକ୍ଷ ଅଭୟ ବାରିକ ସଂଯୋଜକ ବିଜୟ ବେହେରା ବରଷ୍ଠ ସଭ୍ୟ ପ୍ରଫୁଲ୍ଲ କୁମାର ମାହାଣା, ଅଶୋକ କୁମାର ରାଉତ, ପ୍ରମୋଦ କୁମାର ମାହାଣା ପ୍ରମୁଖ ଶତାଧିକ ଡ୍ରାଇଭର ଏହି ଧର୍ମଘଟରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

**ବିଞ୍ଝାରପୁର:** ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି ବିଞ୍ଝାରପୁର ବ୍ଲକର ଶତାଧିକ ଚାଳକ। ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁଁ ସିଂହପୁରରୁ ଅନ୍ୟଜାଗାକୁ ଗାଡି ଚଳାଚଳ ପ୍ରଭାବିତ ହୋଇଛି। ଅଧିକାଂଶ ବସ୍, ଟ୍ରକ,



ଟେମ୍ପୋ ଓ ଟ୍ୟାକ୍ସି ଗଡୁନାହିଁ। ବିଞ୍ଝାରପୁର ଓ ଆଖପାଖକୁ ମାଲ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଞ୍ଝାରପୁର ବ୍ଲକ ଡ୍ରାଇଭର ମହାସଙ୍ଘ ସଭାପତି ଅବିନାଶ ରଥ, ସମ୍ପାଦକ ଅଶୋକ ଦାସଙ୍କ ନେତୃତ୍ୱରେ ଅରେଇ ଛକଠାରେ ଚାଲିଥିବା ଡ୍ରାଇଭରଙ୍କ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଡ୍ରାଇଭର ମାନଙ୍କ ସହିତ ସମାଜସେବୀ କୈଳାସ ସେଠୀ ଅଲୋଚନା କରିଥିଲେ।


**ସୁକିନ୍ଦା:** ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଙ୍ଘ ପକ୍ଷରୁ ଆରମ୍ଭ ହୋଇଥିବା ଷ୍ଟେରିଂ ଛାଡ ଆନ୍ଦୋଳନରେ ସୁକିନ୍ଦା ଅଞ୍ଚଳର ଶତାଧିକ ଡ୍ରାଇଭର ସାମିଲ ହୋଇଛନ୍ତି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଛକ ନିକଟରେ ଡ୍ରାଇଭରମାନେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ଫଳରେ ସୁକିନ୍ଦା ଖଣି ଅଞ୍ଚଳର ଶହଶହ ଟ୍ରକ୍ ଠିଆ ହୋଇ ରହିଥିବା ଦେଖିବାକୁ ମିଳିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୁକିନ୍ଦା ବ୍ଲକ ସମ୍ପାଦକ ତାରାକାନ୍ତ ଜେନା ଓ ସଂଯୋଜକ ଶାନ୍ତନୁ କୁମାର ମହାନ୍ତଙ୍କ ଜଣାଇଛନ୍ତି।

**ଯାଜପୁର:** ସାରା ରାଜ୍ୟରେ ଆଜି ସକାଳୁ ଆରମ୍ଭ ହୋଇଛି ଡ୍ରାଇଭର ଏକତା ମଞ୍ଚ ଆହ୍ୱାନରେ ଡ୍ରାଇଭର ମାନଙ୍କ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ଓ ଧର୍ମଘଟ। ସେହି କ୍ରମରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଡ୍ରାଇଭର ମହାସଂଘର ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯାଇଛି। ଯାଜପୁର ବ୍ଲକ ବେଲେଶ୍ୱରରେ ଯାଜପୁର ବ୍ଲକ ଡ୍ରାଇଭର ପକ୍ଷରୁ ପ୍ରତିବାଦ ହୋଇଛି। ସେହିପରି ସୁଦରେଇମୁହଁରେ ଦଶରଥପୁର ସଙ୍ଘ ପକ୍ଷରୁ ଧର୍ମଘଟ କରାଯାଇଥିଲା। ଏହି ଆନ୍ଦୋଳନ ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ବ୍ରାହ୍ମଣୀ ବ୍ରିଜ ଡ୍ରାଇଭର ମହାସଂଘ ଆନ୍ଦୋଳନରେ ସାମିଲ ହୋଇଛି। ଧର୍ମଶାଳା ବ୍ଲକ ସଭାପତି ଲୋକନାଥ ପୁରୀଙ୍କ ନେତୃତ୍ୱରେ ବ୍ଲକର ସହସମ୍ପାଦନା ବସନ୍ତ କୁମାର ପରିଡ଼ା, କୋଷାଧ୍ୟକ୍ଷ ଅଭୟ ବାରିକ, ଉପଦେଷ୍ଟା ବିଜୟ କୁମାର ବେହେରା, ଅନିରୁଦ୍ଧ ମଲ୍ଲିକ, ଉଦୟ ପ୍ରଧାନ, ବିକ୍ରମ ବାରିକ, ରବୀନ୍ଦ୍ର ରାଉତ, ହରିହର ଖଟୁଆଙ୍କ ସମେତ ଅଞ୍ଚଳର ବହୁ ଡ୍ରାଇଭର ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ଛକ ନିକଟରେ ସ୍ଥାନୀୟ ଜେନାପୁର, ବୃନ୍ଦାଦେଇପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ମଧୁସୂଦନ ପୁର, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଲବା, ଚକ୍ରଧର ପୁର, ଅଞ୍ଜିରା, ସାହାଣୀଡ଼ିହ, ସମ୍ପାରୁ, ପୁରୁଣା ବଉଳମାଳ, ତରଞ୍ଜିଆ, ମହିସରା, ଆଦି ୧୬ ପଞ୍ଚାୟତର ପ୍ରାୟ ୧୭ ଶହ ଡ୍ରାଇଭର ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଧାରଣା ସ୍ଥଳରେ ଜେନାପୁର ପୁଲିସ ମୁତୟନ ହୋଇଛନ୍ତି।

**ଦାନଗଦି:** କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଦାନଗଦି ମିଲିଟାରୀ ଛକ ଠାରେ ଡ୍ରାଇଭର ମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ଚୋରଦା- ଡୁବୁରୀ ରାସ୍ତା ଶୂନଶାନ ଦେଖାଯାଉଛି। ରାସ୍ତାଘାଟ ଖାଁ ଖାଁ ଶୂନଶାନ ଲାଗୁଛି। ଶିଳ୍ପାଞ୍ଚଳର ଶହ ଶହ କର୍ମଚାରୀ ଶ୍ରମିକ ଚାଲି ଚାଲି କର୍ମ କ୍ଷେତ୍ରକୁ ଯିବାର ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନ ରାଜରାସ୍ତାରେ ପାଟ୍ରୋଲିଂ ସହ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରୁଥିବା ଦେଖିବାକୁ ମିଳୁଛି। ବହୁତ ଶ୍ରମିକ ମାଲବୁହା ପିକ୍‌ଅପ୍‌ରେ ଯାଉଥିବା ଦେଖିବାକୁ ମିଳିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଡ୍ରାଇଭର ସଙ୍ଘର ଯାଜପୁର ଜିଲ୍ଲା ସମ୍ପାଦକ ଶରତ ବେହେରା ଓ ଆଡଭାଇଜର ଅଶୋକ ରାମ କହିଛନ୍ତି।





ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ। ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ।
-ପ୍ଲାଟୋ

ସକାଳ
THE SAKALA

# ସାର ସଙ୍କଟ

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିବା ସହିତ ସାରାଦେଶରେ ବେଉଷଣ ଓ ରୁଆ କାମ ପ୍ରାୟତଃ ସରିଯାଇଛି। ଓଡ଼ିଶା ସମେତ ଆମ ଦେଶର ଚାଷୀମାନଙ୍କର ମୁଖ୍ୟ ସମସ୍ୟା ହେଲା ଜଳସେଚନ, ବିହନ ଓ ସାର। ସୌଭାଗ୍ୟବଶତଃ ଏଥର ବିହନ ସମସ୍ୟା ପ୍ରାୟତଃ ନାହିଁ। ମନୁଆ ମୌସୁମୀ ଯଦି ତା'ର ମତିଗତି ଅନୁକୂଳ ରଖିଲା ତେବେ ଜଳସେଚଦନ ସମସ୍ୟା ମଧ୍ୟ ସେତେ ଉତ୍କଟ ହେବ ନାହିଁ। ତେବେ ଏ ପର୍ଯ୍ୟନ୍ତ ସାର ସମସ୍ୟାର ସମାଧାନ ହୋଇପାରିନାହିଁ। ଓଡ଼ିଶା ଚାଷୀମାନଙ୍କ ଏ ସମସ୍ୟା ଏବର୍ଷ ଶୀଘ୍ର ଦୂର ହୋଇଥିବା ବେଳେ ଅନ୍ୟାନ୍ୟ କୃଷିପ୍ରଧାନ ରାଜ୍ୟରେ ବଢ଼ିବାରେ ଲାଗିଛି।

ଭାରତୀୟ କୃଷିରେ ଡିଏପି ଓ ୟୁରିଆର ଚାହିଦା ଅଧିକ। ଠିକ୍ ସମୟରେ ଏହି ଦୁଇ ସାର ନ ମିଳିଲେ ସ୍ୱାଭାବିକ ମୌସୁମୀର ଲାଭ ଚାଷୀକୁଳ ପାଇପାରିବେ ନାହିଁ। କୃଷିଋଣ ମଧ୍ୟ ପାଇବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅଥଚ ହରିଆଣା, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଚାଷୀମାନେ ସାର ପାଇଁ ରାତି ଅଧରୁ ଲମ୍ବା ଧାଡ଼ିରେ ଠିଆ ହେଉଥିଲେ ମଧ୍ୟ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ପୁଲିସ୍ ଉପସ୍ଥିତିରେ ସାର ବିତରଣ ହେଉଛି। ଆଉ କେତେକ ରାଜ୍ୟରେ ସାରର କଳାବଜାରୀ ଓ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଥିବା ଅଭିଯୋଗମାନ ଆସିଛି। କେତେକ ସ୍ଥାନରେ ପରିସ୍ଥିତିର ଫାଇଦା ଉଠାଇ ଅସାଧୁ ବ୍ୟବସାୟୀମାନେ ୟୁରିଆ ସହିତ ଅନ୍ୟ କେତେକ ଉତ୍ପାଦ ବାଧ୍ୟତାମୂଳକ ଭାବେ ବିକ୍ରି କରୁଥିବା ଦେଖାଯାଉଛି। ଡିଏପିର ଅଭାବରେ କାମ ଚଳିବା ପାଇଁ ସିଙ୍ଗଲ ସୁପରଫସଫେଟ୍ ବ୍ୟବହାର କରିବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। କିନ୍ତୁ ଏହା ଫଳରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବହୁଗୁଣା ବୃଦ୍ଧି ପାଇବାକୁ ଥିବାରୁ ଚାଷୀମାନେ ଅମଙ୍ଗ ହେଉଛନ୍ତି। ଏଭଳି ପରିସ୍ଥିତିରେ ସାର ସଙ୍କଟର ଶୀଘ୍ର ସମାଧାନ ନ ହେଲେ ଦେଶର ବିଶାଳ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ବିଡ଼ମ୍ବନା ହେଉଛି ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡ଼ୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡ଼ୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍। ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା। ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ। ରାସାୟନିକ ସାର ଯୋଗାଣ ପାଇଁ ସମସ୍ତ ରାଜ୍ୟ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ରାଜ୍ୟ ନିମନ୍ତେ ମାସିକ କୋଟାର ବ୍ୟବସ୍ଥା କରାଯାଇଛି। ଆମଦାନୀ ପରେ ଭାରତ ସରକାର ଚାହିଦା ଓ କୋଟା ଭିତ୍ତିରେ ରାଜ୍ୟମାନଙ୍କୁ ସାର ଯୋଗାଇ ଦେଇ ଆସୁଛନ୍ତି। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି। ବିଶେଷକରି ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି।

ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ଓଡ଼ିଶା ସରକାର ଭଳି ସାରକୁ ଅନ୍ୟ ରାଜ୍ୟ ସରକାରମାନେ ଅତ୍ୟାବଶ୍ୟକ ସାମଗ୍ରୀ ବର୍ଗରେ ତାଲିକାଭୁକ୍ତ କଲେ ବେଆଇନ ମହଜୁଦ, କୃତ୍ରିମ ଅଭାବ ଏବଂ କଳାବଜାରୀ ଆଇନତଃ ଦଣ୍ଡନୀୟ ହୋଇପାରିବ ଏବଂ ଚାଷୀଙ୍କ ସାର କଷଣ କେତେକାଂଶରେ ଦୂର ହୋଇପାରିବ। ●

# ଡାହାଣୀ ହତ୍ୟା: ଏକ ସାମାଜିକ ମହାମାରୀ!

ଡକ୍ଟର ଅବଶ ପରିଡ଼ା

ଆମ ଦେଶରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା ଏକ ସାମାଜିକ ସମସ୍ୟା। ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଆଜିର କୃତ୍ରିମ ବୁଦ୍ଧିମତ୍ତା ଓ ଅନ୍ତରୀକ୍ଷ ବିଜ୍ଞାନ ଯୁଗରେ ମଧ୍ୟ ଲାଗି ରହିଛି। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ପରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ଘଟଣାରେ ଓଡ଼ିଶାର ସ୍ଥାନ ଜାତୀୟସ୍ତରରେ ଦ୍ୱିତୀୟ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ତଥ୍ୟରେ ଉଲ୍ଲେଖ ଅଛି ଯେ ଗତ ଦଶନ୍ଧିରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ନିର୍ଯାତିତ ଏବଂ ପ୍ରଭାବିତ ସଂଖ୍ୟା ତିନି ହଜାରରୁ ଅଧିକ। ସେଥିମଧ୍ୟରୁ ସତୁରିରୁ ଅଧିକ ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ନିର୍ମମ ହତ୍ୟା କରାଯାଇଥିଲା। କିନ୍ତୁ ପରିସଂଖ୍ୟାନ ସରକାରଙ୍କ ପ୍ରଦତ୍ତ ତଥ୍ୟ ଠାରୁ ଢେର୍ ଅଧିକ ବୋଲି କିଛି ନାଗରିକ ସମାଜ ଦାବି କରନ୍ତି। ସେହିପରି କିଛି ହେତୁବାଦୀ ସଂଗଠନ ଦୃଢ଼ୋକ୍ତି କରନ୍ତି ଯେ ପ୍ରତିବର୍ଷ ଓଡ଼ିଶାରେ ୭୫ରୁ ଅଧିକ ଲୋକଙ୍କୁ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା କରାଯାଉଛି।

ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ହେଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ମାମଲା ସମଗ୍ର ଓଡ଼ିଶାରେ ହେଉଥିବା ଘଟଣାର ଶତକଡ଼ା ୮୩ ଭାଗ। ଏବେ କିଛି ବର୍ଷ ହେଲାଣି ଗଞ୍ଜାମ ଓ ବାଲେଶ୍ୱର ପରି ଦୁଇଟି ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ଏହି ଭଳି ହତ୍ୟାକାଣ୍ଡ ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଛି। ଗୁଣିଗାରେଡ଼ିକୁ ନେଇ ଘଟୁଥିବା ସମସ୍ତ ହିଂସକ ଘଟଣାରେ ତିରିଶ ପ୍ରତିଶତ ହତ୍ୟାର ଶିକାର ହୁଅନ୍ତି ଏବଂ ବାକି ସତୁରି ଭାଗ ଲୋକ ନିଜ ବାସସ୍ଥାନ ବା ନିଜ ଗାଁ ଛାଡ଼ି ଦେଉଛନ୍ତି ବୋଲି ଓଡ଼ିଶା ମହିଳା ଆୟୋଗର ଏକ ରିପୋର୍ଟରେ ଉଲ୍ଲେଖ ଅଛି।

ସମାଜବିଜ୍ଞାନର ଏକ ଅଧ୍ୟୟନ କୁହେ ଯେ ଡାଇନି, ଡାହାଣୀ ବା ଡାୟନ ଏକ ପୁରୁଣା ଲିଙ୍ଗ - ନିରପେକ୍ଷ ଶବ୍ଦ। ଯାହା କେବଳ ମହିଳା ନୁହେଁ ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ। ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ପୁରୁଷଙ୍କୁ ଡାହାଣୀ ରୂପେ ପରିଚୟ ଦିଆଯାଏ ଓ ହତ୍ୟା ମଧ୍ୟ କରାଯାଏ। ଭାରତର ପୁରୁଷ ଡାହାଣୀମାନେ 'ତୋହାନା' ନାମରେ ବେଶ୍ ପରିଚିତ। ଗୁଣିଗାରେଡ଼ି କିମ୍ବା ଡାହାଣୀର ନାମକରଣ, ଚୟନ ଓ ଦଣ୍ଡ ପ୍ରକ୍ରିୟା ତିନୋଟି ସୋପାନ ଦେଇ ଗତିକରେ। ପ୍ରଥମ, ନାମକରଣ ପ୍ରକ୍ରିୟାରେ ଗପସପ ମାଧ୍ୟମରେ କଳାଯାଦୁ କିମ୍ବା ଡାହାଣୀ ବିଦ୍ୟା ହେଉଥିବାର ଚର୍ଚ୍ଚା ଆରମ୍ଭ ହୁଏ। ସମ୍ପୃକ୍ତ ପୁରୁଷ କିମ୍ବା ମହିଳା ହେଉଛନ୍ତି ଭୟଙ୍କର, ବିନାଶକାରୀ ଓ ନକାରାତ୍ମକ ଶକ୍ତି ଏବଂ ସେମାନେ ଶିଶୁ ମୃତ୍ୟୁ, ହଇଜା, ମହାମାରୀ, କୂଅ ଓ ପୋଖରୀ ଶୁଖିଯିବା, ମରୁଡ଼ି କିମ୍ବା ଅପମୃତ୍ୟୁ ପାଇଁ ସିଧାସଳଖ ଦାୟୀ ବୋଲି ଧରି ନିଆଯାଏ। ଅନେକଯାଗାରେ ଦେଖା ଯାଇଛି ଯେ ପଡ଼ୋଶୀ(ଗାଁରେ ପଡ଼ୋଶୀ ସାଧାରଣତଃ କୁଟୁମ୍ବ), ଗାଁ ପୂଜକ ବା ଗୁଣିଆ, ଉଚ୍ଚ ଜାତି ଓ ସମ୍ପର୍କୀୟମାନେ ଏହି ନାମକରଣ କରନ୍ତି। ଏପରି କିଛି ଉଦାହରଣ ଅଛି ଯେଉଁଠି ସ୍ୱାଧୀନ, ସଶକ୍ତ ମହିଳା ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢ଼ୁଥିବା ସମାଜସେବୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଡାହାଣୀ ନାମକରଣ କରଯାଇଛି।

ଦ୍ୱିତୀୟ ପ୍ରକ୍ରିୟାଟି ହେଉଛି ଡାହାଣୀ ବା କଳା ଯାଦୁକରକୁ ଚୟନ କରିବା। ପ୍ରାୟତଃ ଏହି ଚୟନର ଦାୟିତ୍ୱ ଓ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି ଗାଁ ପୂଜକ ଯେଉଁମାନେ ଗୁଣିଆ କିମ୍ବା ଭୋପା କିମ୍ବା ଓଝା ନାଁ ରେ ପରିଚିତ। ଭାରତରେ ଅନ୍ଧବିଶ୍ୱାସରେ ଭରପୂର ଅସଂଖ୍ୟ ଚିହ୍ନଟ ପ୍ରକ୍ରିୟା ଅଛି। ଏଠାରେ କିଛି ଲୋକପ୍ରିୟ ଡାହାଣୀ ଚୟନ ପ୍ରକ୍ରିୟା କଥା ଆଲୋଚନା କରିବା। ଓଡ଼ିଶା ଓ ଛତିଶଗଡ଼ର କିଛି ଆଦିବାସୀ ଅଞ୍ଚଳରେ ସନ୍ଦିଗ୍ଧ ଡାହାଣୀଙ୍କ ନାଁରେ ଓଝା ଏକ ପାଣିପାତ୍ରରେ ମସୁର ଡାଲିକୁ ପକାଏ। ଯଦି ଡାଲି ପାଣିରେ ବୁଡ଼ିଯାଏ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡାହାଣୀ ଭାବେ ଚୟନ କରାଯାଏ। ସେହିପରି ଅନ୍ୟ କିଛି ଗୋଷ୍ଠୀରେ ଓଝାମାନେ କିଛି ଗଛର ପତ୍ରରେ ସନ୍ଦିଗ୍ଧ ନାମଗୁଡ଼ିକ ଲେଖନ୍ତି, ଯାହା ନାଁ ପତ୍ରରୁ ଲିଭିଯାଏ, ସେ ବ୍ୟକ୍ତିଙ୍କୁ ଡାହାଣୀ ଭାବେ ଚିହ୍ନଟ କରାଯାଏ।

ତୃତୀୟ ବା ଶେଷ ପ୍ରକ୍ରିୟା ହେଉଛି ଦଣ୍ଡବିଧାନ। ଗୁଣିଗାରେଡ଼ି ସନ୍ଦେହ ଅଭିଯୁକ୍ତଙ୍କ ପାଇଁ ଚରମ ଦଣ୍ଡ ହେଉଛି ମୃତ୍ୟୁ। ଏହାର ମଧ୍ୟ ପ୍ରକାରଭେଦ ଅଛି। ଯେପରିକି ଅଭିଯୁକ୍ତକୁ ପଥରରେ ଛେଚି କରି ହତ୍ୟା କରିବା, ନିଆଁରେ ଫିଙ୍ଗିଦେବା କିମ୍ବା ଉପର ତଳକୁ ଝୁଲାଇ ମୃତ୍ୟୁ ଦଣ୍ଡ ଦେବା ଇତ୍ୟାଦି। ଏପରି ଅନେକ ଉଦାହରଣ ଅଛି, ଯେଉଁଠି ପୀଡ଼ିତଙ୍କ ବ୍ୟତୀତ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ନିର୍ଯାତନା ଦିଆଯାଏ କିମ୍ବା ହତ୍ୟା କରାଯାଏ। ଦଣ୍ଡ ଦେବା ସମୟରେ ମହିଳାମାନଙ୍କୁ ବଳାତ୍କାର ଓ ନିର୍ଯାତନା ମଧ୍ୟ ଦିଆଯାଉଥିବାର ବହୁଳ ଅଭିଯୋଗମାନ ପ୍ରମାଣିତ ହୋଇଛି। ଡାହାଣୀ ସନ୍ଦେହରେ ବିଚାର ପ୍ରକ୍ରିୟାକୁ ନେଇ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ଗୁଣିଗାରେଡ଼ି ବା ଡାହାଣୀ ବିଚାରରେ ଶତକଡ଼ା ୭୩ ଭାଗ ଅଭିଯୁକ୍ତଙ୍କୁ ହତ୍ୟା କରାଯାଉଛି, ୮% ଅଭିଯୁକ୍ତଙ୍କୁ ଗାଁରୁ ବାହାର କରି ଦିଆଯାଉଛି ଏବଂ ୧୯ % ଲୋକ ଆକ୍ରମଣ କିମ୍ବା ହିଂସାର ଶିକାର ହେଉଛନ୍ତି।

ଗୁଣିଗାରେଡ଼ି, କଳା ଯାଦୁ ଓ ଡାହାଣୀ ପ୍ରସଙ୍ଗର ଅନେକ ସାମାଜିକ ଦିଗ ଅଛି। ଯେପରିକି ଦାରିଦ୍ର୍ୟ, ସମ୍ପତ୍ତି ଲୋଭ, ଅର୍ଥ, ଜମି, ଜାତି, ଲିଙ୍ଗ ଓ ପ୍ରାଧାନ୍ୟକୁ ନେଇ ଏହା ଏକ ଅଘୋଷିତ ଯୁଦ୍ଧ। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଲିଙ୍ଗଭିତ୍ତିକ ହିଂସାର ଏକ ସାମାଜିକ ଅନୁମୋଦିତ ପ୍ରକ୍ରିୟା। ସମାଜର ଅବହେଳିତ ଗୋଷ୍ଠୀଙ୍କ ଉପରେ ଗୁଣିଗାରେଡ଼ି ସନ୍ଦେହ ହେଉଛି ଏକ ପ୍ରକାର ଅତ୍ୟାଚାର ଓ ପ୍ରାଧାନ୍ୟର ପ୍ରତୀକ। ଅନେକ ସମୟରେ ଏହା ଗୋଷ୍ଠୀ ହିଂସା ଓ ଭିଡ଼ ହତ୍ୟାର ଏକ ଯୋଜନାବଦ୍ଧ ଦିଗ ମଧ୍ୟ ପାଲଟୁଛି। ଅନୁଧ୍ୟାନରୁ ଜଣାପଡ଼େ ଯେ, ଗୁଣିଗାରେଡ଼ି ହତ୍ୟା ଦୁଇଟି ଉପାୟରେ ଘଟିଥାଏ। ପ୍ରଥମଟି ହେଉଛି ମନୁଷ୍ୟ ବଳି, ଯେଉଁଠି କୌଣସି ଅଲୌକିକ ଶକ୍ତି ବା ଆତ୍ମାଙ୍କୁ ସନ୍ତୁଷ୍ଟ କରିବା ନାମରେ ମଣିଷକୁ ହତ୍ୟା କରାଯାଏ, ଯାହା ଗୁଣିଗାରେଡ଼ି ଦ୍ୱାରା ପ୍ରବର୍ତ୍ତିତ। ଏହି ହତ୍ୟାର ଉଭୟ ବ୍ୟକ୍ତିଗତ ଓ ସମ୍ପ୍ରଦାୟର ସ୍ୱାର୍ଥ ଲୁଚି ଥାଏ।

କିଛିବର୍ଷ ତଳେ ବଲାଙ୍ଗୀରରେ ଏକ ଶିଶୁ ବଳି ଘଟଣା ପୂରା ଓଡ଼ିଶାକୁ ସ୍ତବ୍ଧ କରିଥିଲା। ଗୁଣିଆ କଥାରେ ପ୍ରଲୋଭିତ ହୋଇ ଏକ ଶିଶୁପୁତ୍ରକୁ ତା'ର ନିଜ ଦାଦା ଓ ଭାଇ ବଳି ଦେଇଥିଲେ। କଳା ଯାଦୁ, ବଶୀକରଣ ଏବଂ ଦେବାଦେବୀଙ୍କୁ ସନ୍ତୁଷ୍ଟ ପାଇଁ ଶିଶୁ ବଳି ଓ ନାବାଳିକା ବଳି ଭଳି ଅଘଟଣ ଆମ ସଭ୍ୟ ସମାଜରେ ଏବେ ବି ଘଟୁଛି। ଏଠି ଜାଣି ରଖିବାକୁ ହେବ ଯେ ମନୁଷ୍ୟ ବଳି ପ୍ରଥାକୁ ସାମାଜିକ ସ୍ୱୀକୃତି ମଧ୍ୟ ମିଳିଥିଲା। ଏହି ପ୍ରଥାର ନାଁ ଥିଲା 'ମେରିଆ ବଳି'। ଏହା ପ୍ରାଚୀନ ସମୟର ବଳି ପ୍ରଥା, ଯେଉଁଠି ବଳି ଦେବା ପାଇଁ ବଜାରରେ ମଣିଷ ବିକ୍ରି ହେଉଥିଲେ। ଅବଶ୍ୟ ଏ ପ୍ରଥାଟି ଏବେ ଆଉ ନାହିଁ।

ଦ୍ୱିତୀୟଟି ହେଉଛି, ବ୍ୟାପକ ରୂପେ ଦେଖାଯାଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା। ଏ ହତ୍ୟାର କାରଣ କେବଳ ଅନ୍ଧବିଶ୍ୱାସ ନୁହେଁ, ବରଂ ଅନେକ କ୍ଷେତ୍ରରେ ବ୍ୟକ୍ତିଗତ, ସାମାଜିକ ଓ ଅର୍ଥନୈତିକ କାରଣ ମଧ୍ୟ ରହିଥାଏ। ଏହାର ଶିକାର ବିଶେଷତଃ ମହିଳାମାନେ ହିଁ ହୋଇଥା'ନ୍ତି। ଏହା ଏକ ସଂଗଠିତ ଲିଙ୍ଗଭିତ୍ତିକ ହିଂସା। ବିହାର, ଓଡ଼ିଶା ଓ ଛତିଶଗଡ଼ରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ମୃତ୍ୟୁ ଉପରେ ଆଧାରିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ସମୁଦାୟ ଡାହାଣୀ ହତ୍ୟା ଓ ଗୁଣିଗାରେଡ଼ି ନିର୍ଯାତିତଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ନବେ ପ୍ରତିଶତ। ଏ ସମସ୍ତ ମହିଳା ପ୍ରାୟତଃ ଦରିଦ୍ର, ବିଧବା, ନିଃସହାୟ, ଦଳିତ କିମ୍ବା ଗ୍ରାମୀଣ ଆଦିବାସୀ ଶ୍ରେଣୀର। ସବୁଠାରୁ ମୁଖ୍ୟ କଥା ହେଲା ମୁଖ୍ୟତଃ ୫୦ ରୁ ୬୫ ବର୍ଷ ବୟସର ମହିଳାମାନେ ଅଭିଯୁକ୍ତ ହେବାର ସର୍ବାଧିକ ଆଶଙ୍କା ଥାଏ। ଏକ ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା ପରିସଂଖ୍ୟାନର ଏକ ତଥ୍ୟରୁ ଜଣାପଡ଼େ ଯେ ଆମ ଦେଶରେ ୨୦୧୦ ମସିହାରୁ ୨୦୨୧ ମସିହା ମଧ୍ୟରେ ପ୍ରାୟ ୧୫୦୦ ବୃଦ୍ଧା ମହିଳାଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଛି। ଗୁଣିଗାରେଡ଼ି ସନ୍ଦେହ ହତ୍ୟାର ମଧ୍ୟ ବିବର୍ତ୍ତନ ହେଉଛି। ଏ କିଛି ଦଶନ୍ଧି ହେଲା, ଏହା ମବଲିଂଚିଂ ବା ଭିଡ଼ହତ୍ୟା ସହ ଯୋଡ଼ି ହୋଇଯାଇଛି। ଯେଉଁଠି ଭିଡ଼ ବା ଏକ ଗୋଷ୍ଠୀ ନ୍ୟାୟ ଦେବା ନାମରେ ହତ୍ୟା କରୁଛି।

ଡାହାଣୀ ହତ୍ୟାକୁ ନେଇ ବଳିଷ୍ଠ ନିୟମ କାନୁନ ଥିବା ସତ୍ତ୍ୱେ ଏହା ଏକ ସାମାଜିକ ସଂକ୍ରମିତ ବ୍ୟାଧି ହୋଇଗଲାଣି। ଓଡ଼ିଶା ସରକାରଙ୍କ ଡାହାଣୀ ହତ୍ୟା ପ୍ରତିରୋଧ ବିଲ୍ ୨୦୧୩ର ପ୍ରୟୋଗ ଅନେକ ମାତ୍ରାରେ ଏ ସାମାଜିକ ବ୍ୟାଧିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛି। କିନ୍ତୁ ଏ ନିୟମରେ କିଛି ସଂଶୋଧନର ଆବଶ୍ୟକତା ଅଛି। ଯେପରିକି, ଅପରାଧୀ ଓ ହତ୍ୟାକାରୀ ଅପେକ୍ଷା ଡାହାଣୀ ହତ୍ୟାର ପ୍ରରୋଚକଙ୍କ ପାଇଁ କଠୋର ଦଣ୍ଡବିଧାନର ଆବଶ୍ୟକତା ଅଛି। ବ୍ୟାପକ ଶିକ୍ଷା, ଆଇନର ଉପଯୋଗିତା, ସମୂହ ଯୋଗଦାନ, ରାଜନୈତିକ ଇଚ୍ଛାଶକ୍ତି ଓ ମହିଳା ସଶକ୍ତୀକରଣ ଇତ୍ୟାଦି ଡାହାଣୀ ହତ୍ୟା ଭଳି ସାମାଜିକ ସମସ୍ୟାକୁ ଓଡ଼ିଶାରେ ରୋକିପାରିବ ବୋଲି ଆଶା। କିନ୍ତୁ ଏହା ମଧ୍ୟରେ ଆଶଙ୍କା ଉପୁଜୁଛି ଯେ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଏକ ରହସ୍ୟମୟ ସାମାଜିକ ମହାମାରୀର ରୂପ ନେଉନାହିଁ ତ? ●

ଭୁବନେଶ୍ୱର, ମୋ: ୮୪୫୬୮ ୭୯୫୨୨

# ବରିଷ୍ଠ ବନାମ ବଳିଷ୍ଠ ନାଗରିକ

ଅନନ୍ତ ଚରଣ ସ୍ୱାଇଁ

ସେପରି କିଛି ଅପ୍ରୀତିକର ସ୍ଥିତି ନ ଆସିଲେ ଜୀବନରେ ବରିଷ୍ଠ ନାଗରିକ ହେବା ନିଶ୍ଚିତ। ବରିଷ୍ଠ ନାଗରିକମାନେ ନିଜର ସ୍ୱାସ୍ଥ୍ୟ, ବିତ୍ତ ଓ ଚିତ୍ତଜନିତ ସମସ୍ୟା ଭିତରେ ଘାଣ୍ଟି ହୁଅନ୍ତି। ଜେଜେ ବାପାଙ୍କଠାରୁ ଶୁଣିଥିଲି, ମନୁଷ୍ୟ, ବଳଦ, କୁକୁର ଓ ପେଚା ପରି ଚାରୋଟି ଜୀବ ଈଶ୍ୱର ସୃଷ୍ଟି କରି ପ୍ରତ୍ୟେକଙ୍କୁ ଚାଳିଶ ବର୍ଷ ଲେଖାଏଁ ଆୟୁଷ ଦେଲେ। ମଣିଷ ଏତିକି ଆୟୁଷରେ ସନ୍ତୁଷ୍ଟ ନଥିଲା। ସେ ଈଶ୍ୱରଙ୍କୁ ଗୁହାରୀ କରି ବଳଦ, କୁକୁର ଓ ପେଚାଠାରୁ କୋଡ଼ିଏ ବର୍ଷ ଲେଖାଏଁ ଆୟୁଷ ମାଗି ନେଲା। ଏହାପରେ ମନୁଷ୍ୟର ଆୟୁ ହେଲା ଶହେବର୍ଷ। ପ୍ରଥମ ଚାଳିଶ ବର୍ଷ ନିଜ ଆୟୁ ହୋଇଥିବାରୁ ଜୀବନ ଭଲ ଭଲରେ କଟେ। ପରବର୍ତ୍ତୀ କୋଡ଼ିଏ ବର୍ଷ ବଳଦଠାରୁ ଆସିଥିବାରୁ ତା' ପରି କଷ୍ଟ ସହେ। ଷାଠିଏରୁ ଅଶୀ ବର୍ଷ କୁକୁରଠାରୁ ଆସିଥିବା ଆୟୁରେ ବଞ୍ଚୁଥିବାରୁ ଜଗୁଆଳିର କାମ କରେ ଏବଂ ଅଶୀରୁ ଶହେ ବର୍ଷ ପେଚାଠାରୁ ଧାର ନେଇଥିବାରୁ ତା' ପରି କେବେଳ ନୀରବଦ୍ରଷ୍ଟା ସାଜେ।

ଜନ୍ମ-ମୃତ୍ୟୁ ମଧ୍ୟରେ ମନୁଷ୍ୟ ଶିଶୁ, କିଶୋର, ଯୌବନ ଓ ବାର୍ଦ୍ଧକ୍ୟ ଅବସ୍ଥା ଦେଇ ଗତି କରେ। ଭିନ୍ନ ଭିନ୍ନ ସମୟର ସମସ୍ୟା ଭିନ୍ନ। ଆଜିର ଶିଶୁ ଆସନ୍ତା କାଲିର ବରିଷ୍ଠ ନାଗରିକ। ଏମାନେ ସମାଜର ଏକ ଅଭିନ୍ନ ଅଂଶ। ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି।। ଏକ ଆକଳନ ଅନୁସାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୨୦୨୨ ମସିହାରେ ସମୁଦାୟ ଜନସଂଖ୍ୟାର ୧୦.୫ ପ୍ରତିଶତ ଥିଲା। ୨୦୫୦ ମସିହା ବେଳକୁ ଏହା ବୃଦ୍ଧି ପାଇ ୨୦.୮ ପ୍ରତିଶତରେ ପହଞ୍ଚିବ ଏବଂ ଶତାବ୍ଦୀ ଶେଷ ବେଳକୁ ମୋଟ ଜନସଂଖ୍ୟାର ୩୬ ପ୍ରତିଶତକୁ ଟପିଯିବ। ଜାତିସଂଘର ଏକ ତଥ୍ୟ ଅନୁଯାୟୀ, ୨୦୪୬ ସୁଦ୍ଧା ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଶିଶୁଙ୍କ (୦ ରୁ ୧୫ ବର୍ଷ) ସଂଖ୍ୟାକୁ ଅତିକ୍ରମ କରିଯିବ। ୨୦୨୨ ରୁ ୨୦୫୦ ମଧ୍ୟରେ ୮୦ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ପ୍ରାୟ ୨୭୯% ବୃଦ୍ଧି ପାଇବ। ଏମାନଙ୍କ ମଧ୍ୟରେ ବିଧବା ଓ ଅତ୍ୟଧିକ ନିର୍ଭରଶୀଳ ବୃଦ୍ଧ ମହିଳାଙ୍କ ସଂଖ୍ୟା ଅଧିକ ରହିବ।

ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ। ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ଏକାକୀତ୍ୱ ବା ଏକଲାପଣିଆ ସେମାନଙ୍କ ମନୋବଳ ଭାଙ୍ଗିଦିଏ। ବରିଷ୍ଠ ନାଗରିକଙ୍କ ପ୍ରତି ସହାନୁଭୂତି ବଦଳରେ ସେମାନେ ବୃଦ୍ଧାବସ୍ଥାରେ ପ୍ରତାରିତ ହେବା ସହ ବିଭିନ୍ନ ପ୍ରକାରର ଉତ୍ପୀଡ଼ନର ଶିକାର ହେବା ଦୃଷ୍ଟାନ୍ତ ଅନେକ। ବୟସ ବଢ଼ିବା ସହ ସ୍ୱାସ୍ଥ୍ୟଗତ ସମାସ୍ୟା ବୃଦ୍ଧି ପାଏ। ତେଣୁ ପରିଣତ ବୟସରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଆବଶ୍ୟକ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ହସ ଖୁସିରେ ଜୀବନ କାଟିବା ଦରକାର। ମନ ଉପରେ ନିୟନ୍ତ୍ରଣ ଜୀବନ ପାଇଁ ସୁଖଦାୟକ। ମନକୁ ସ୍ଥିର ଓ ନିଜ ନିୟନ୍ତ୍ରଣରେ ରଖିବାକୁ ଯୋଗ, ଧ୍ୟାନ, ପ୍ରାଣାୟମ ଅଭ୍ୟାସ ଜରୁରୀ। ମନକୁ ନିଜ ଆୟତ୍ତରେ ରଖିବାକୁ ଚେଷ୍ଟା କରିବା ଦରକାର। କାରଣ ମନର ଅଧୀନକୁ ଚାଲିଗଲେ ନିଜର ବୋଲି କିଛି ନଥାଏ। ଏହାଦ୍ୱାରା ଅନେକପ୍ରକାର ସମସ୍ୟା ଦେଖାଦିଏ।

ତନ ଓ ମନ ବ୍ୟତୀତ ଧନ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିତ୍ତୀୟ ସ୍ୱାଧୀନତା ବା ବିତ୍ତୀୟ ସମ୍ପନ୍ନତା ବ୍ୟକ୍ତିକୁ ବଳିଷ୍ଠ କରିବାରେ ସହାୟକ ହୋଇଥାଏ। ପାଖରେ ଧନ ଥିଲେ ଅନ୍ତତଃ ବୃଦ୍ଧାବସ୍ଥାର ଅବହେଳିତ ହେବାର ଆଶଙ୍କା ହ୍ରାସ ପାଏ। ଆର୍ଥିକ ଅଭାବ ରହିଲେ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ। ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ଅଭାବ ନ ରହିବ ସେଥିପାଇଁ ବହୁପୂର୍ବରୁ ପ୍ରସ୍ତୁତି ଦରକାର। ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ସଞ୍ଚୟ ଓ ନିବେଶ ଆରମ୍ଭ କରିବା। ନିଜ ପାଇଁ ବଞ୍ଚିବା। ଅନ୍ୟର ପସନ୍ଦ ଅନୁସାରେ ପିନ୍ଧିବା, ଖାଇବା, ଚଳିବା ଦ୍ୱାରା ଅଯଥାରେ ଅନେକ ଖର୍ଚ୍ଚ ହୋଇଯାଏ। ଆର୍ଥିକ ସଙ୍କଟ ଦେଖାଯାଏ। ବଜେଟ ପ୍ରସ୍ତୁତି କରି ତଦନୁଯାୟୀ ଚାଲିଲେ ଖର୍ଚ୍ଚ ନିୟନ୍ତ୍ରଣ ହେବା ସହ ଆର୍ଥିକ ସମୃଦ୍ଧି ଆସିଥାଏ।

ଆକସ୍ମିକ କ୍ରୟ ବା ପ୍ରେରଣା କ୍ରୟ(ଇମ୍ପଲ୍ସ ବାଇଂ) ରୁ ଦୂରେଇ ରହିବା ଆବଶ୍ୟକ। ଆକସ୍ମିକ କ୍ରୟ ହେଉଛି ପୂର୍ବଯୋଜନା ନଥିବା କିମ୍ବା ଆବଶ୍ୟକ ନଥିବା ଜିନିଷ ହଠାତ କିଣିବା। ବଞ୍ଚିଥିବା ବେଳେ କିମ୍ବା ମୃତ୍ୟୁ ପରେ ସମ୍ପତ୍ତି ପାଇବା ପାଇଁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଯେପରି ଅସନ୍ତୋଷ ଓ କଳହ ନହୁଏ ସେଥିପାଇଁ ଇଷ୍ଟେଟ ପ୍ଲାନିଂର ଆବଶ୍ୟକ। ଏହାଦ୍ୱାରା ବରିଷ୍ଠ ନାଗରିକଙ୍କ ନିଜର ମାନସିକ ଶାନ୍ତି ବୃଦ୍ଧି ପାଇବ। ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଷ୍ଟେଟ ପ୍ଲାନଂର ଉଦ୍ଦେଶ୍ୟ। ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା, ଜୀବନକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଇଷ୍ଟେଟ ପ୍ଲାନିଂହେଉଛି ଏକ ସୁରକ୍ଷିତ ଆୟୁଧ।

ବରିଷ୍ଠ ନାଗରିକମାନଙ୍କର ଅନେକ ସମସ୍ୟା। ବରିଷ୍ଠ ହେବା ସହ ନିଜକୁ ବଳିଷ୍ଠ କରିପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ତେଣୁ ବରିଷ୍ଠ ନାଗରିକଙ୍କ ପାଖରେ ବଳିଷ୍ଠ ହେବାର ସମସ୍ତ ଉପାଦାନ ଥିଲେ ସୁଖ ଶାନ୍ତିରେ ଜୀବନ ବିତିଥାଏ। ଜୀବନକୁ ସରସ ସୁନ୍ଦର କରିବାକୁ ବରିଷ୍ଠ ନାଗରିକମାନେ ନିଜକୁ ବଳିଷ୍ଠ କରିବାର ଆବଶ୍ୟକ ରହିଛି। ●

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଶ୍ରୀମନ୍ଦିର ବେଢ଼ାରେ ଜ୍ୱର ଦେବତା

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀମନ୍ଦିର ଦେବଗ୍ରାମରେ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ସହ ଅନେକ ଦେବାଦେବୀ ଆରାଧିତ ହେଉଛନ୍ତି। ସେମାନେ ସମସ୍ତେ ମହାପ୍ରଭୁଙ୍କର କିଛି ନା କିଛି ନିଜ କାନ୍ଧରେ ବହନ କରିଛନ୍ତି। ପ୍ରଭୁ ଲୋକନାଥ ଶ୍ରୀମନ୍ଦିରର ଭଣ୍ଡାରରକ୍ଷକ ଓ ଯମେଶ୍ୱର ମହାଦେବ ସାଆନ୍ତଙ୍କ ହିସାବ ରଖନ୍ତି ବା ମୁନସୀର କାମ କରନ୍ତି। ଈଶାନେଶ୍ୱର ମହାଦେବ ମହାପ୍ରଭୁଙ୍କର ଗୁରୁ ଗୋସେଇଁ। ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡି ଓ ଅଷ୍ଟମହାବୀର କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ରୋଷ ଗଣେଶ ରୋଷଘରର ଭଣ୍ଡାର ଜଗୁଛନ୍ତି। ଦକ୍ଷିଣ କାଳୀକା ରୋଷଘରର ତତ୍ତ୍ୱାବଧାରିକା। କୁତାମ ଚଣ୍ଡୀ ବା ଶ୍ୱାନ ଭୈରବୀ ଶ୍ରୀକ୍ଷେତ୍ର ପରିସରକୁ କୁକୁରମାନଙ୍କ ଉପଦ୍ରବରୁ ରକ୍ଷା କରୁଛନ୍ତି। ସେହିକ୍ରମରେ ବଡ଼ଦେଉଳ ବେଢ଼ାରେ ଜଣେ ବିଚିତ୍ର ଦେବତା ବିରାଜମାନ କରିଛନ୍ତି। ମହାପ୍ରଭୁଙ୍କ ଭକ୍ତମାନେ ଜ୍ୱର ରୋଗରେ ପୀଡ଼ିତ ହେଲେ ସେ ଦେବତା ତା'ର ଉପଶମ କରନ୍ତି। ତେଣୁ ତାଙ୍କର ନାମ 'ଜ୍ୱର ଦେବତା' ରଖାଯାଇଛି।

ମହାଲକ୍ଷ୍ମୀଙ୍କ ମନ୍ଦିର ସାମନାରେ ବେଢ଼ାର ଦ୍ୱିତୀୟ ବୃହତ୍ତମ ମନ୍ଦିରରେ ସୂର୍ଯ୍ୟନାରାୟଣ ଦେବ ଆରାଧିତ ହେଉଛନ୍ତି। ସେହି ମନ୍ଦିରର ଜଗମୋହନର ଏକ ଠଣାରେ 'ଜ୍ୱର ଦେବତା' ବିଜେ କରିଛନ୍ତି। ତିନି ପାଦ ଓ ତିନି ମୁଣ୍ଡ ବିଶିଷ୍ଟ ଏହି ବିଚିତ୍ର ଦିଅଁଙ୍କ ବିଗ୍ରହର ଛଅ ଗୋଟି ହାତ ଅଛନ୍ତି। କ୍ଷୀରରେ କଦଳୀ ଚକଟା ହୋଇଥିବା ପଣା ତାଙ୍କର ପ୍ରିୟ ପ୍ରସାଦ। ଜ୍ୱରରେ ପୀଡ଼ିତମାନେ ଏହି ପଣା ଭୋଗ ସହ 'ଜ୍ୱର ଦେବତା'ଙ୍କୁ ଆରାଧନା କରନ୍ତି। ପୂଜକ ରୋଗୀର ନାମ ଓ ଗୋତ୍ର ଉଚ୍ଚାରଣ କରି ପଣା ପ୍ରସାଦ ଦିଅଁଙ୍କୁ ସମର୍ପଣ କଲା ପରେ ପ୍ରସାଦକୁ ମେଘନାଦ ପାଚେରୀ ବାହାରେ ଫିଙ୍ଗି ଦିଆଯାଏ। ଆରାଧନା ପରେ ଦୁରାରୋଗ୍ୟ ଜ୍ୱର ମଧ୍ୟ ଭଲ ହୋଇଯାଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭଲ ପାଉଥିବା ଅନେକ ଭକ୍ତ କୋଟିବ୍ରହ୍ମାଣ୍ଡର ମାଲିକ ମହାପ୍ରଭୁଙ୍କର ଜ୍ୱରର ଉପଶମ ପାଇଁ ତାଙ୍କର ଅଧସ୍ତନ 'ଜ୍ୱର ଦେବତା'ଙ୍କୁ ପଣା ଭୋଗ ଦେଇ ପୂଜା କରନ୍ତି। ସ୍ନାନପୂର୍ଣ୍ଣିମା ଦିନ ଥଣ୍ଡାପାଣିରେ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜଗନ୍ନାଥ ଜ୍ୱରରେ ପୀଡ଼ିତ ହୋଇ ଅନବସରରେ ରହନ୍ତି। ବୈଦ୍ୟଙ୍କ ପରାମର୍ଶ କ୍ରମେ ପଥିପାଚନ ଖାଆନ୍ତି। ତାଙ୍କର ଏ ଅବସ୍ଥା କଥା ଶୁଣି ଭକ୍ତମାନେ ଦୁଃଖ କରନ୍ତି। କେତେକ ଭକ୍ତ ମହାପ୍ରଭୁଙ୍କର ଆରୋଗ୍ୟ କାମନା କରି ଜ୍ୱର ଦେବତାଙ୍କ ପାଖରେ କାତ୍ୟାୟନ ଗୋତ୍ରୀ ଜଗନ୍ନାଥଙ୍କ ନାମ ନେଇ ପଣା ପ୍ରସାଦ ଭୋଗ କରନ୍ତି ଏବଂ ଭୋଗ ସମର୍ପଣ ପରେ ପାଚେରୀ ବାହାରକୁ ଫିଙ୍ଗି ଦିଅନ୍ତି।

ଏହି ଦେବତାଙ୍କ ଆବିର୍ଭାବକୁ ନେଇ ଏକ ରୋଚକ ଲୋକକଥା ଶୁଣାଯାଏ। ଦ୍ୱାପର ଯୁଗରେ ବାଣାସୁର ନାମରେ ଜଣେ ପ୍ରବଳ ପ୍ରତାପୀ ଅସୁର ରାଜା ଥିଲା। ସେ ବଡ଼ ଶିବ ଭକ୍ତ ଥିଲା ଏବଂ ବିଷ୍ଣୁ ଅବତାର ଶ୍ରୀକୃଷ୍ଣଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲା। ଉଷା ନାମରେ ତା'ର ଜଣେ ଅନନ୍ୟା ସୁନ୍ଦରୀ କନ୍ୟା ଥିଲା। ସେ କନ୍ୟାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କୃଷ୍ଣଙ୍କ ନାତି (ରୁକ୍ମିଣୀଙ୍କ ବଡ଼ପୁଅ ପ୍ରଦ୍ୟୁମ୍ନଙ୍କ ପୁଅ) ଅନିରୁଦ୍ଧ ତା'କୁ ବିବାହ କରିବା ପାଇଁ ଇଚ୍ଛା କଲା। ଉଷାକୁ ଦେଖା କରିବାକୁ ଯାଇଥିବା ବେଳେ ବାଣାସୁର ତାଙ୍କୁ ବନ୍ଦୀ କରି ରଖିଲା। ଏ ଖବର ପାଇ କୃଷ୍ଣବଳରାମ ଯାଦବ ସେନାବାହିନୀ ସହ ଯୁଦ୍ଧଯାତ୍ରା କଲେ। ଦୁଇ ପକ୍ଷ ଭିତରେ ପ୍ରବଳ ଯୁଦ୍ଧ ହେଲା। ବାଣାସୁର ଯାଦବ ବଳଙ୍କଠାରୁ ପରାଜୟ ଆଶଙ୍କା କରି ମହେଶ୍ୱର ଶିବଙ୍କ ଶରଣାଗତ ହେଲା। ଭୋଳାନାଥ ଶିବ ଭକ୍ତର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ତା' ପକ୍ଷରେ ଯୋଗ ଦେଲେ ଏବଂ କୃଷ୍ଣଙ୍କ ସହ ଯୁଦ୍ଧ କଲେ। ଶ୍ରୀକୃଷ୍ଣଙ୍କ ଶରାଘାତରେ ଶିବ ଜ୍ୱରରେ ପୀଡ଼ିତ ହେଲେ। ତାଙ୍କର ସର୍ବାଙ୍ଗ ଥରିବାକୁ ଲାଗିଲା। ସେ ନିଜର ଶକ୍ତି ପ୍ରୟୋଗ କରି ନିଜ ଶ୍ରୀଅଙ୍ଗରୁ ଜଣେ ଦେବତାଙ୍କୁ ସୃଷ୍ଟି କଲେ। ତିନି ପାଦ, ତିନି ମୁଣ୍ଡ ଓ ଛଅ ହାତ ବିଶିଷ୍ଟ ଏହି ଅଦ୍ଭୁତ ଦେବତା ଶିବଙ୍କ ଆଦେଶମାତ୍ରେ ତାଙ୍କୁ ରୋଗମୁକ୍ତ କରିଦେଲେ। ଏଥିରେ ଖୁସି ହୋଇ ଶିବ ତାଙ୍କୁ କ୍ଷୀର ଓ କଦଳୀର ପଣା ପ୍ରସାଦ ପୁରସ୍କାର ସ୍ୱରୂପ ପ୍ରଦାନ କଲେ। ଶ୍ରୀକୃଷ୍ଣ ଏ କଥା ଜାଣିଥିଲେ। କଳି ଯୁଗରେ ସେ ନୀଳାଚଳରେ ଜଗନ୍ନାଥ ନାମ ବହନ କରି ଦାରୁରୂପେ ଆରାଧିତ ହେଲେ। ଏ ଯୁଗର ମଣିଷମାନେ ବହୁଳଭାବେ ଜ୍ୱରରେ ପୀଡ଼ିତ ହେବେ ବୋଲି ତାଙ୍କୁ ଜଣାଥିଲା। ତେଣୁ ତାଙ୍କ ମନ୍ଦିର ପରିସରରେ ଉପସ୍ଥିତ ରହି ଭକ୍ତମାନଙ୍କୁ ଜ୍ୱର ରୋଗରୁ ମୁକ୍ତି ଦେବା ପାଇଁ ସେ ଜ୍ୱର ଦେବତାଙ୍କୁ ଆଦେଶ ଦେଲେ। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୨ ଦିନରେ...

ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେକାହାଳୀ । ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ । ପରେ ଡୋରଲାଗି ହୋଇ ସନ୍ଧ୍ୟା ୭ଟା ୨୫ରେ ପହଣ୍ଡି ଆରମ୍ଭ ହୋଇଥିଲା । ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର । ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ । ପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି । ଗୋଟି ପହଣ୍ଡିରେ ରଥରୁ ନୀଳକନ୍ଦର ଅଭିମୁଖେ ବାହାରିଥିଲେ ଠାକୁର ।

କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ । ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ । ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ । କିନ୍ତୁ ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ । କିଛି ସମୟ ପରେ ସିଂହଦ୍ୱାର ଖୋଲି ଭିତରକୁ ପଳାଇଥିଲେ ମହାଲକ୍ଷ୍ମୀ । ପରେ ଶ୍ରୀମନ୍ଦିର ଭିତରକୁ ବିଜେ କରିଥିଲେ ମହାପ୍ରଭୁ । କିନ୍ତୁ ସେତେବେଳେ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା । ସେଠାରେ ବଚନିକା ସରିବା ପରେ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ଘର ନିକଟରେ ଲକ୍ଷ୍ମୀଙ୍କ ସହ ଭେଟ ହାଇଥିଲା । ସେଠାରେ ବିବାହର ଗଇଁଠାଳ ଫିଟାଯାଇଥିଲା । ଏହି ନୀତିକୁ ଭିତରଚ୍ଛ ମହାପାତ୍ର ସମ୍ପାଦନ କରିଥିଲେ । ପରେ ସେଠାରେ ବନ୍ଦାପନା ଏବଂ ରସଗୋଲା ଭୋଗ ହୋଇଥିଲା । ଅର୍ଥାତ୍ କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ । ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ ।

## ଏଥର ଡିଜିଟାଲ୍...

ଆଧାର କରି ଲୋକସଭା ଏବଂ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାଣ କରାଯିବ ବୋଲି କୁହାଯାଉଛି । ଆସନ୍ତା ସାଧାରଣ ନିର୍ବାଚନ ୨୦୨୯ରେ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ଏପ୍ରିଲ ୨୦୨୬ରୁ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ଏହି ପର୍ଯ୍ୟାୟରେ ବାସଗୃହ ଓ ଆସବାବପତ୍ର ସଂପର୍କରେ ତଥ୍ୟ ସଂଗ୍ରହ କରାଯିବ । ଫେବୃଆରୀ ୨୦୨୭ରୁ ଆରମ୍ଭ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରାଯିବ । ତେବେ ଜନଗଣନା ପୂର୍ବରୁ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଶାସନିକ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟମାନଙ୍କୁ କୁହାଯାଉଛି । ଏହି ତାରିଖ ପରେ ଆଉ ଜିଲ୍ଲା/ବ୍ଲକ୍ ଗଠନ କିମ୍ବା ନାମକରଣକୁ ଅନୁମତି ମିଳିବ ନାହିଁ । ଜନଗଣନା ପ୍ରକ୍ରିୟା ସଂପନ୍ନ ହେବା ପର୍ଯ୍ୟନ୍ତ ଏହାକୁ ନିଷିଦ୍ଧ କରାଯାଇଥିବା ରେଜିଷ୍ଟ୍ରାର ଜେନେରାଲ ସ୍ପଷ୍ଟ କରିଦେଇଛନ୍ତି ।

୨୦୨୧ରେ ହେବାକୁ ଥିବା ଜନଗଣନା ପାଇଁ ନାଗରିମାନଙ୍କ ଠାରୁ ୩୧ଟି ବିଷୟରେ ତଥ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ବାସଗୃହ, ପରିବାର ସଂପର୍କରେ ତଥ୍ୟ ସହିତ ପାଣି, ପାଇଖାନା, ରୋଷେଇ ପାଇଁ ଇନ୍ଧନ, ରେଡିଓ, ଟିଭି, ଲାପଟପ୍ କଂପ୍ୟୁଟର, କାର, ମୋବାଇଲ ନମ୍ବର ଏବଂ ଖାଦ୍ୟ ସାମଗ୍ରୀ ସଂପର୍କରେ ତଥ୍ୟ ରହିଥିଲା । କିନ୍ତୁ ଏଥର ଜନଗଣନାରେ ଜାତି ସଂପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ । ଏଥିଲାଗି ୩୪ ଲକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯିବ । ସେମାନଙ୍କୁ ତାଲିମ ଦେବାଲାଗି ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଥିବା ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ଯେ ୨୦୨୧ରେ ହେବାକୁ ଥିବା ଜନଗଣନାକୁ କୋଭିଡ୍ ମହାମାରୀ ପାଇଁ ସ୍ଥଗିତ କରି ଦିଆଯାଇଥିଲା ।

## ସାରା ରାଜ୍ୟରେ...

ପାରି ଅନେକ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସଂଘ ପକ୍ଷରୁ ରଖାଯାଇଥିବା ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ କହିଛି । ଗତ ମାସେ ତଳେ ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏହି ଦାବି ପୂରଣ ହୋଇ ନ ଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଛି । ଗାଡ଼ି ଚାଳକମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଥିବାରୁ ସାରା ରାଜ୍ୟରେ ଆନ୍ଦୋଳନର ଜୋରଦାର ପ୍ରଭାବ ପଡ଼ିଛି ।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଯାଇଛି । ଏହି ସମୟ ମଧ୍ୟରେ ଡ୍ରାଇଭରମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି । ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି । ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି ।

ଡ୍ରାଇଭର ସଂଘର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ ସଂଘ ସହିତ ଆଲୋଚନା କରାଯାଇଛି । ମାତ୍ର ଏହି ଆଲୋଚନାରେ କୌଣସି ସନ୍ତୋଷ ଜନକ ପ୍ରତିଶ୍ରୁତି ମିଳି ନ ଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଡ୍ରାଇଭର ସଂଘର ସମ୍ପାଦକ ଚଇତନ ପ୍ରଧାନ କହିଛନ୍ତି । ଏହି ଆନ୍ଦୋଳନ ପରେ ମଙ୍ଗଳବାର ସନ୍ଧ୍ୟାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଏସ୍‌ଟିଏ ଅଧ୍ୟକ୍ଷ ଅମିତାଭ୍ ଠାକୁର ପ୍ରମୁଖ ଡ୍ରାଇଭର ସଂଘ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି ।

## ପୁଣି ଡରାଇଲାଣି...

୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ରହିଛି । ବୁଢ଼ାବଳଙ୍ଗ ନଦୀର ସତର୍କ ସଙ୍କେତ ୭.୨୧ମି ଥିବା ବେଳେ ବିପଦ ସଙ୍କେତ ୮.୧୩ମି ରହିଛି । ଆଜି ଅପରାହ୍ଣ ୫ଟା ସୁଦ୍ଧା ନଦୀର ଜଳସ୍ତର ୪.୭୦ମିଟରରେ ପାଣି ପ୍ରବାହିତ ହେଉଛି । ବନ୍ୟା ହେଲେ ପରିଖୀ, ନଗ୍ରମ, ଆଲୁମିଦା, ସାର୍ଥା, ଗୋପୀନାଥପୁର, ବୁଆଁଳ, ସିନ୍ଧିଆ, ବଇଁଚା ଆଦି ବିଭିନ୍ନ ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି ।

## ମିଳିଛି ପଟ୍ଟା...

ପାଲଟିଯାଇଛି । କେବଳ ରାଜଧାନୀ ନୁହେଁ, ରାଜ୍ୟର ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା ।

ୟୁନିଟ୍-୮ ଅଞ୍ଚଳର ବୈକୁଣ୍ଠନାଥ ସେନାପତି । ୨୦୧୭ ମସିହାରେ ଗାଡ଼କଣ ମୌଜାରେ ବିଲ୍ଡର ସଂସ୍ଥା ଜରିଆରେ ୧୫ଲକ୍ଷ ଟଙ୍କା ଦେଇ ୧୨୦୦ ବର୍ଗଫୁଟ୍‌ର ଜମି ଖଣ୍ଡେ କିଣି ପାଚେରୀ ବୁଲାଇଲେ । ଭୁବନେଶ୍ୱର ତହସିଲ୍ କାର୍ଯ୍ୟାଳୟରୁ ପଟ୍ଟା ବି ପାଇଲେ । ୨୦୨୫ ମସିହାରେ ଘର କରିବା ପାଇଁ ଉକ୍ତ ଜମିକୁ ଗଲାବେଳକୁ ସେଠି ୩ମହଲା କୋଠା ଛିଡ଼ା ହୋଇଛି । ହତବାକ୍ ବୈକୁଣ୍ଠ ଉକ୍ତ ବିଲ୍ଡର ସଂସ୍ଥାକୁ ଯୋଗାଯୋଗ କଲେ; ହେଲେ ସେଠାରୁ କୌଣସି ସହଯୋଗ ମିଳିଲାନି । ଶେଷରେ ପୁଲିସ ନିକଟକୁ ଗଲେ । ଦଲିଲ୍, ପଟ୍ଟା ସବୁ ପୁଲିସକୁ ଦେଖାଇଲେ । ପୁଲିସ ତାଙ୍କୁ ସରକାରୀ ଭାବେ ତହସିଲ୍ କାର୍ଯ୍ୟାଳୟରେ ଜମି ଚିହ୍ନଟ(ଡିମାର୍‌କେସନ୍) ପ୍ରକ୍ରିୟାରେ ଆବେଦନ ପାଇଁ ପ୍ରସ୍ତାବ ଦେଲା ।

ବୈକୁଣ୍ଠନାଥ ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ିଲେ, ସେଠି ଆବଶ୍ୟକ ଫି' ଓ କାଗଜପତ୍ର ଜମା କରି ଆବେଦନ ବି କଲେ । ହେଲେ ତାଙ୍କ ଜମି ଚିହ୍ନଟ ପାଇଁ ସରକାରୀ ଅମିନ ଆସିଲେନି । ପ୍ରାୟ ୩ମାସ ଦୌଡ଼ିବା ପରେ ତହସିଲ୍ କାର୍ଯ୍ୟାଳୟର 'ଲ୍ୟାଣ୍ଡ ସର୍ଭେ ବିଭାଗ' କହିଲା, ଆଉ ୩ ବର୍ଷ ପରେ ଜମି ଚିହ୍ନଟ ହେବ । ଏବେ ଆମ ପାଖରେ ୩ହଜାର ଆବେଦନ ପଡ଼ିଛି । ଆମ ପାଖରେ ମାତ୍ର ଦୁଇ ଜଣ ସରକାରୀ ଅମିନ ଅଛନ୍ତି । ସେମାନେ ଦିନକୁ ଅତି ବେଶୀରେ ଦୁଇଟି ଜମି ଚିହ୍ନଟ କରିପାରୁଛନ୍ତି । ଏହାଶୁଣି ବୈକୁଣ୍ଠ ନିଜର ଜୀବନ ଯାକର ଜମା ପୁଞ୍ଜି ଦେଇ କିଣିଥିବା ଜମି ଖଣ୍ଡକ କୋଉଠି ବୋଲି ତାଙ୍କ ଜୀବଦଶରେ ଚିହ୍ନଟ କରିପାରିବେ ନା ନାହିଁ, ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ।

ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗ ଡିମାର୍‌କେସନ୍ ବ୍ୟବସ୍ଥା ରଖିଛି । ଏହି ପ୍ରକ୍ରିୟାରେ ଜମି ମାଲିକ ଆବେଦନ କଲେ, ସରକାରଙ୍କ ପକ୍ଷରୁ ଜମିର ଚଉହଦୀ ଜମି ଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ପାଖକୁ ଡାକ ଯୋଗେ ଚିଠି ପଠାଇବେ । ଏଥିପାଇଁ ଆବେଦନକାରୀଙ୍କ ଆବେଦନକୁ ଭିତ୍ତିକରି ପ୍ରତିବେଦୀମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ତରଫରୁ ଡକାଯିବ । ସେମାନଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଆବେଦନକାରୀଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଉକ୍ତ ମଉଜାରେ କେଉଁଠି ଅଛି ତାକୁ ସରକାରୀ ପ୍ରଦତ୍ତ ମ୍ୟାପ୍ ଅନୁଯାୟୀ ଚିହ୍ନଟ କରି ଜମି ଚିହ୍ନଟ କରାଯିବ । ଏହି ପ୍ରକ୍ରିୟା ଦ୍ୱାରା ଜଣେ ଜମି ମାଲିକ ବାସ୍ତବରେ ନିଜର ଜମି କେଉଁଟା ଜାଣିପାରିବ । ହେଲେ ତହସିଲ୍ କାର୍ଯ୍ୟାଳୟରେ ଆବଶ୍ୟକ ଅମିନ ନାହାନ୍ତି । ୧୦ଟି ମଞ୍ଜୁରପ୍ରାପ୍ତ ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ୨ଜଣ । ତେଣୁ ଜମି ଚିହ୍ନଟ ପ୍ରକ୍ରିୟା ପୁରା ଧୀମା ଗତିରେ ଚାଲୁଛି । ତେଣୁ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

## ମନମୋହନଙ୍କ ମଥାରେ...

ବିଜେପି ସଭାପତି ଘୋଷଣା ହେବା ପରେ ମନମୋହନ ସାମଲଙ୍କ ପାଇଁ ଦଳୀୟ କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା, ଜିଲାସ୍ତରରୁ ଆସିଥିବା ନବ ନିର୍ବାଚିତ ମଣ୍ଡଳ ଓ ଜିଲ୍ଲା ସଭାପତିମାନେ ଉପସ୍ଥିତ ଥିଲେ ।

ଏହି ଅବସର ଶ୍ରୀ ସାମଲ କହିଛନ୍ତି ଯେ ମୋତେ ମିଳିଥିବା ଦାୟିତ୍ୱ ସଂଗଠନ କର୍ମକର୍ତ୍ତାଙ୍କର । ସେମାନଙ୍କର ପରିଶ୍ରମ ପାଇଁ ଆମେ ରାଜ୍ୟରେ ସରକାର କରିପାରିଛୁ । ସରକାର ଆଣିବା ଯେତିକି କଷ୍ଟ, ସଂକଳ୍ପ ପୂରଣ ପାଇଁ ସେତିକି କଷ୍ଟ । ରାଜ୍ୟରେ ବିଜେପି ସରକାର ଲମ୍ବା ସମୟ ଧରି ରହିବ । ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀ ଓ ଯୋଗ୍ୟ କର୍ମକର୍ତ୍ତା ଅଛନ୍ତି । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଆମର ପ୍ରତିବଦ୍ଧତାକୁ ପୂରଣ କରିବା । ସରକାର ସହ ଦଳ ଖୁଣ୍ଟ ହୋଇ ଠିଆ ହୋଇ ରହିବ । ଓଡ଼ିଶାରେ ଲମ୍ବା ସମୟ ଧରି ଆମର ଶାସନ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ମନମୋହନଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ । ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର ଗଠନ କରିପାରିଛୁ ଓ ରାଜ୍ୟରେ ୨୧ରୁ ୨୦ ସାଂସଦ ଜିତିବା ମନମୋହନ ଭାଇଙ୍କ ନେତୃତ୍ୱ ପାଇଁ ସମ୍ଭବ ହୋଇଛି । ପୋଷ୍ଟରୁ ଲଗାଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ମନମୋହନ ଦଳର ୪ ଥର ନେତୃତ୍ୱ ନେଇ ଇତିହାସ ରଚିଛନ୍ତି । ଏହି ଅବସରରେ ତାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ମନମୋହନଙ୍କ ନେତୃତ୍ୱରେ ଦଳ ନିରନ୍ତର ଭାବେ ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଶା ପ୍ରକାଶ କରିଛନ୍ତି ।

## ଆଗରେ ଆହ୍ୱାନ...

ତେବେ ଚଳିତ ଥର ମନମୋହନଙ୍କ ପାଇଁ ଦଳ ପରିଚାଳନା ସହଜ ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି ରାଜନୈତିକ ବିଶେଷଜ୍ଞ । ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ଆଶାରେ ଆତୁର ନେତାଙ୍କୁ ସନ୍ତୁଷ୍ଟ କରିବା ଦଳ ସଭାପତି ଓ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ । ଅନୁରୂପ ଭାବରେ ବିଶୃଙ୍ଖଳିତ ନେତା, ବିଧାୟକଙ୍କ ଉପରେ ଲଗାମ କଷିବା ଏବଂ ସରକାର ଓ ସଂଗଠନ ମଧ୍ୟରେ ତାଳମେଳ ରଖିବା ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଲାଣି ।

ସରକାରଙ୍କୁ ୧୩ ମାସ ପୂରିବାକୁ ଯାଉଛି । ମାତ୍ର ଏଯାବତ୍ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀ ଏବଂ କମିଶନରେ ନିଯୁକ୍ତି ହୋଇପାରିଲା ନାହିଁ । ଦଳ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ଏବଂ ବରିଷ୍ଠଙ୍କ ମଧ୍ୟରେ ଛକାପଞ୍ଝା କାରଣରୁ ଏହା ସମ୍ଭବ ହୋଇପାରୁ ନାହିଁ । ନିଜ ନିଜ ଅନୁଗତଙ୍କୁ ଥଇଥାନ ପାଇଁ ପ୍ରମୁଖ ନେତାଙ୍କ ମଧ୍ୟରେ ଏକପ୍ରକାର ରେସ୍ ଲାଗିଥିବା ବେଳେ ନେତୃତ୍ୱ ସହମତି ଆଣିପାରୁ ନାହାନ୍ତି । ନିଗମ ନିଯୁକ୍ତି ପାଇଁ ଗତ ବର୍ଷକ ମଧ୍ୟରେ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଶେଷରେ ଏହା ବିଫଳ ସାବ୍ୟସ୍ତ ହୋଇଛି । ଅତଏବ, ପୁନର୍ବାର ସଭାପତି ଦାୟିତ୍ୱ ନେବା ପରେ ଛାମୁଆଙ୍କ ମଧ୍ୟରେ ସହମତି ଆଣି ନିଗମ, ବୋର୍ଡ ନିଯୁକ୍ତିକୁ ସାକାର ରୂପ ଦେବା ମନମୋହନଙ୍କ ପାଇଁ ପ୍ରମୁଖ ଆହ୍ୱାନ ସାଜିବ ବୋଲି କୁହାଯାଉଛି । ପୁନଶ୍ଚ ଦଳରେ ବଢୁଥିବା ବିଶୃଙ୍ଖଳାକୁ ପ୍ରଶମନ କରିବା ମଧ ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

ନିକଟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ଭୁବନେଶ୍ୱର ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ କ୍ଷେତ୍ରରେ ଦଳର ନିରବତା ସଂଗଠନରେ ରହିଥିବା ଦୁର୍ବଳତାକୁ ପରିପ୍ରକାଶ କରିଛି । ଦଳରେ ଶୃଙ୍ଖଳାର ଅଭାବ ଯୋଗୁଁ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଯାହାପାଇଁ ନେତାମାନେ ଦିନକୁ ଦିନ ଲଗାମ ଛଡ଼ା ହେବାକୁ ବସିଥିବା ବେଳେ ଦଳକୁ ଏଥିପାଇଁ ସାଧାରଣରେ ଅପଦସ୍ତ ହେବାକୁ ପଡୁଛି । ତୃଣମୂଳସ୍ତରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବିଜେପି ନେତାମାନେ ଏକପ୍ରକାର ନିଜ କବଜାକୁ ନେଇଥିବା ବେଳେ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ମୁକ୍ତ ଭାବେ କାର୍ଯ୍ୟ କରି ପାରୁନାହାନ୍ତି । ଯାହାର ପ୍ରଭାବ ବିକାଶମୂଳକ କାମ ଉପରେ ସିଧାସଳଖ ପଡୁଛି । ତେଣୁ ଦଳରେ କିପରି ଶୃଙ୍ଖଳା ଫେରାଇ ଅଣାଯିବ, ତାହା ମନମୋହନଙ୍କ ଆଗରେ ଅନ୍ୟତମ ବଡ଼ ଆହ୍ୱାନ ସାଜିବ ବୋଲି ତଥ୍ୟଭିତ୍ତିକ ମହଲ ଯୁକ୍ତି ବାଢ଼ିଛନ୍ତି ।

ଅପରପକ୍ଷେ ଗତ ଏକବର୍ଷରେ ସଫଳତା ଅପେକ୍ଷା ବିଭିନ୍ନ କ୍ଷେତ୍ରରେ ବିବାଦ, ବିଶୃଙ୍ଖଳା ଉଭୟ ସରକାର ଏବଂ ସଂଗଠନ ପାଇଁ ବଦନାମ ଆଣିଛି । ଆଉ ଦେଢ଼ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ । ୨୦୨୪ ସାଧାରଣ ବିଜୟ ଯେ ଆକସ୍ମିକ ନଥିଲା, ଏହାକୁ ପ୍ରମାଣିତ କରିବାକୁ ହେଲେ ଦଳକୁ ପଞ୍ଚାୟତ ଓ ପୌର ନିର୍ବାଚନରେ ଆଖିଦୃଶିଆ ସଫଳତା ହାସଲ କରିବାକୁ ପଡ଼ିବ । ଏଥିପାଇଁ ସରକାରଙ୍କୁ ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ସଂଗଠନକୁ ସଶକ୍ତ ହେବାର ଆବଶ୍ୟକତା ରହିଛି । ଏହା ମନମୋହନଙ୍କ ପାଇଁ ଅନ୍ୟତମ ଆହ୍ୱାନ ସାଜିବ ବୋଲି ସାଧରାଣରେ ମତପ୍ରକାଶ ପାଉଛି ।

■ ୧୪ରୁ କାର୍ଯ୍ୟବନ୍ଦ ଡାକରା ପରେ

# ଆଲୋଚନା ପାଇଁ ରାଜସ୍ୱ ଅମଲା ସଂଘକୁ ଡାକିଲେ ସରକାର

ଭୁବନେଶ୍ୱର,୮।୭ (ସମିସ): ୧୦ ଟି ପ୍ରମୁଖ ଦାବି ନେଇ କଳା ବ୍ୟାଚ୍ ପିନ୍ଧି କାର୍ଯ୍ୟରତ ଥିବା ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି ରାଜ୍ୟ ସରକାର । ବୁଧବାର ସନ୍ଧ୍ୟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଛି । ରାଜସ୍ୱ ଅମଲା ସଂଘ ପକ୍ଷରୁ ବାରମ୍ବାର ଏହି ଦାବି ପୂରଣ ପାଇଁ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ ସରକାର କର୍ଣ୍ଣପାତ କରି ନ ଥିଲେ । ଏଥିପାଇଁ ଗତ ୭ ତାରିଖଠାରୁ ରାଜ୍ୟର ରାଜସ୍ୱ ଅମଲା ସଂଘର ସଦସ୍ୟ ସଦସ୍ୟାମାନେ କଳାବ୍ୟାଚ୍ ପିନ୍ଧି କାମ କରୁଥିବା ବେଳେ ଆସନ୍ତା ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି । ସଂଘର ଏହି ଆନ୍ଦୋଳନ ଡକାରା ପରେ ସରକାର ତାଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ସଂଘ ପକ୍ଷରୁ ରଖାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ସ୍ତର-୯କୁ ବୃଦ୍ଧି କରାଯିବାକୁ କୁହାଯାଇଛି । ଏହା ଜିଏ ବିଭାଗର ପତ୍ର ସଂଖ୍ୟା ୮୮୯୮ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ନୂତନ ପଦବୀ ସୃଷ୍ଟି କରି ସେହି ଅନୁଯାୟୀ କ୍ୟାଡର ପୁନର୍ଗଠନ କରିବାକୁ ଦାବି ହୋଇଛି ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

email- serwsbd2003@yahoo.com

O-381

**e- Procurement Notice for Road Work**

1 Name of the work : Periodical Renewal work of 5 year post DLP PMGSY Roads (14 Nos)

3 Class of contractor : "B" & "A" Class of (Odisha PWD) or relevant class of other licensing authority .

3 Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately)

4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 07/2025-26 | 10.07.2025 at 11.00 A.M. | 30.07.2025 up to 5.00 P.M. | 29.07.2025 up to 2.00 P.M. | 31.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0064/2526

Chief Construction Engineer,
Rural Works Circle, Sunabeda

C-618

e-mail: eephbhpt@gmail.com

**GOVERNMENT OF ODISHA**
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No.SEPH-BHPT– 07 of 2025-26/ Dt. 04.07.2025**
**e-Procurement Notice**

01. Name of the Work : 3no Work.
02. Type of Bid. : Single Bid System
03. Estimated Cost : Rs. 6.65 to Rs. 10.44 lakh
04. Period of Completion : 01 (One) Calendar Months
05. Date & Time of availability of bid document in the portal : From 11.00 AM of dt. 08.07.2025 to 5.00 PM of 17.07.2025.
06. Last date / time of receipt of bids in the portal : 5.00 PM of 17.07.2025.
07. Date & Time of opening of technical bids : At 11.30 AM of 18.07.2025
08. Name and Address of the Officer Inviting Bid : Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-13059/11/0028/2526

Superintending Engineer,
P.H. Division, Bhawanipatna

**ODISHA LIFT IRRIGATION CORPORATION LTD**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12

CAD-995

Phone : (0674) 2390195, Fax : (0674)2395844, E-mail : olicltd123@bsnl.com olicltd@ymail.com

**No. 4P-24/2025, 5427/OLIC, Dated: 03.07.2025**

**NATIONAL COMPETITIVE BIDDING THROUGH e-Procurement**

The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Control Panel with DOL Starter in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | Bid Security Declaration to be submitted for EMD (Rs. In lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-11 (E) 2025-26 | Control panel with DOL starter suitable for 3.0 HP submersible pump sets coupled with induction motor | 19400 | 814.412 | 8.14412 | 11,800/- (inclusive of 18% GST) |

1. Period of Completion :- 60 days from the date of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto17.00 hrs.
4. Last date of seeking clarification: Dt. 18.07.2025 up to 17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Any Addendum/ corrigendum/ Cancellation of tender will be available in the said website. Authority reserves the right to reject any or all the tenders without assigning any reasons thereof .

OIPR-32135/11/0051/2526

EXECUTIVE DIRECTOR

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର - ୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଲକର ନୋଟିସ୍**

| କ୍ର. ନଂ. | ଲକର ନଂ. | ଗ୍ରାହକମାନଙ୍କ ନାମ ଏବଂ ଠିକଣା |
|---|---|---|
| | | ଭୁବନେଶ୍ୱର ଶାଖା, ସା: ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି.ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨ |
| ୧ | ୬ | **ପବିତ୍ର ରାଉତରାୟ,** ପ୍ଲଟ୍ ନଂ.: ୧୨୪୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୨ | ୩୯ | **ପ୍ରତାପ ପଟ୍ଟନାଏକ,** ବ୍ଲକ୍-ଏ, କ୍ୱାର୍ଟର ନଂ.: ୬୦୨, କ୍ରୀଷ୍ଣା ଟାୱାର୍ସ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୩ | ୮୬ | **ଅଶୋକ କାନୁନ୍‌ଗୋ,** ଏମ୍/୫-୨୪, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ |

ବ୍ୟାଙ୍କ ଦ୍ୱାରା ଉପରଦର୍ଶିତ ଲକରଧାରୀମାନଙ୍କୁ ବ୍ୟାଙ୍କରେ ପଞ୍ଜିକୃତ ଥିବା ସେମାନଙ୍କର ଠିକଣାରେ ବାରମ୍ବାର ନୋଟିସ୍ ଦିଆଯାଇଥିଲେ ମଧ ସେମାନେ ସେମାନଙ୍କର ଲକର ଫିସ୍ ପୈଠ କରିବାରେ ବିଫଳ ହୋଇଛନ୍ତି ଏବଂ ଶାଖା ସହିତ ଯୋଗାଯୋଗ କରୁନାହାଁନ୍ତି । ତେଣୁ ସେମାନଙ୍କୁ ଜଣାଇ ଦିଆଯାଉଛି କି, ଏହି ନୋଟିସ୍ ତାରିଖ ଠାରୁ **୯୦ ଦିନ** ମଧ୍ୟରେ ସେମାନେ ସେମାନଙ୍କର ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରନ୍ତୁ ଏବଂ ବ୍ୟାଙ୍କର ବକେୟା ଦେୟ ସଙ୍ଗେ ସଙ୍ଗେ ପୈଠ କରନ୍ତୁ । ଆପଣମାନେ ବକେୟା ଦେୟ ପୈଠ କରୁନଥିବାରୁ ବ୍ୟାଙ୍କ ପକ୍ଷରୁ ଦେୟ ପୈଠ ନିମନ୍ତେ ବାରମ୍ବାର ଅନୁରୋଧ କରାଯାଉଛି ତଥାପି ଆପଣମାନେ ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି, ଫଳସ୍ୱରୂପ ଆପଣଙ୍କର ଭଡା ଲକରର ସମସ୍ତ ଅଧିକାର ବାଜ୍ୟାପ୍ତି ହୋଇଯିବ ଏବଂ ଆପଣଙ୍କୁ ଆବଣ୍ଟିତ ଲକରକୁ ବ୍ୟାଙ୍କ ପୁନଃ ଦଖଲ କରିବାରେ ହକଦାର ହେବ ।

ବ୍ୟାଙ୍କ ଆପଣଙ୍କ ଲକର ଉପରେ ପୁନଃ ଦଖଲ ଅଧିକାର ପ୍ରୟୋଗ କରି, ତାହାକୁ **ତା.୧୩.୧୦.୨୦୨୫ରିଖ (ନୋଟିସ୍ ପ୍ରକାଶନର ୯୦ ଦିନ ଠାରୁ) ମଧାହ୍ନ ୧୨.୦୦ ଘଟିକା (ସମୟ)**ରେ ଆପଣଙ୍କ ଖର୍ଚ୍ଚ ଏବଂ ଦାୟରେ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି । ଏଣୁ, ଆପଣଙ୍କୁ ପରାମର୍ଶ କି ଆପଣ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବକେୟା ଦେୟ ବ୍ୟାଙ୍କକୁ ପୈଠ କରନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୯.୦୭.୨୦୨୫ — ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**NOTICE**

By virtue of an affidavit sworn before The Notary Public, Bhubaneswar dated- 07.07.2025. I, **HARAN BIBI**, Address: At-Dibyasinghaprasad, Po- Keranga, Ps/Dist- Khordha, Odisha-752055 and presently residing at Dibyasinghaprasad, Po- Keranga, Ps/Dist- Khordha, Odisha-752055 declare that I have changed my name from **HARUN BIBI** to **HARAN BIBI.** Henceforth, the shall be known as **HARAN BIBI** for all purposes.

**(HARAN BIBI)**

**AFFIDAVIT**

I, Dibyasingha Dash, age about 82 years, S/o- Late Anam Dash, resident of At- Kolar, Po-Desthali, Ps-Kakatpur, Dist- Puri, Pin- 752107, Odisha declared by this affidavit No. 8190, dated- 08.07.2025 that now onwards I Shall be known **DIBYASINHA DASH** for all future purposes.

**AFFIDAVIT**

I, Saikat Dev, S/o- Samir Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3234, dtd-07/07/2025 that now onwards I shall be known as **SAIKAT DEB** for all future purposes.

**AFFIDAVIT**

I, Bachana Sahoo, S/o- Late Bairagi Sahoo resident of At-Talamal, Po-Gadakokal, PS-Brahmagiri, Dist- Puri, Pin-752011, Odisha declare by this affidavit no-07, dtd-09/05/2025 that now onwards I shall be known as **BACHAN SAHOO** for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. ELOP-T-06-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।

**ବିଜ୍ଞାପିତ ମୂଲ୍ୟ :** ₹ 1,49,76,774.36, EMD : ₹ 2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ ।

(2) ଟେଣ୍ଡର ସଂ. ELOP-T-07-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।

**ବିଜ୍ଞାପିତ ମୂଲ୍ୟ :** ₹ 3,06,70,684.98, EMD : ₹ 3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 730 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1600 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-332/Q/25-26

**AFFIDAVIT**

I, Bikash Agrawal, S/o- Ramniwas Agrawal, Resident of Ward No.11, Shaktinagar, Bargarh, P.O./P.S./ Dist.- Bargarh, Pin- 768028 (Odisha), declare by this Affidavit No. 92, Dated 07.07.2025, that now onwards I shall be known as **Bikash Agrawala** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dated 05.07.2025 vide C.F.No.01 Dated 05.07.2025, I Rohit Mahakhud (New Name) employed as AAO ZAO, CBDT, Bhubaneswar, Odisha declare that, I have changed my name from Rohita Mahakhuda (Old Name) to Rohit Mahakhud (New Name). Henceforth I shall be known as **Rohit Mahakhud** for all purpose.

**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 26-06-2025. I Daimati Bindhani, W/o Damu Bindhani, residing At/Po: Biriguda Ps: Kodinga Dist: Nabarangpur, declare that I have changed my name from Dayamati Bindhani to Daimati Bindhani. Henceforth I shall be known as **Daimati Bindhani** for all purposes.

**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 07-07-2025. I Durjyan Goud, residing At: SilokgudaPo: Mokia Ps: Papadahandi Dist: Nabarangpur, declare that I have changed my Son's name from Dama Goud to Sripati Goud. Henceforth he shall be known as **Sripati Goud** for all purposes.

**AFFIDAVIT**

I, Ajay Kumar Pradhan, S/o- Laxmidhar Pradhan, resident of At/Po- Dandamukundapur, Ps- Pipili, Pin-752104, Dist- Puri, Odisha declared by this affidavit No- 8189, dated- 08.07.2025, that now onwards I shall be known as **AJAYA KUMAR PRADHAN** for all future purposes.

**AFFIDAVIT**

I, Swarnamudra Dev, W/o- Saikat Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN-768202, Odisha declared by this affidavit No. 3233, dtd- 07/07/2025 that now onwards I shall be known as **SWARNAMUDRA DEB** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 08/07/2025. I, **Jharana Das,** D/o-Debendra Swain, resident of Village-Chhedara, Po- Gunupur, PS- Pattamundai, Dist. Kendrapada, Odisha. My Name has been recorded as **Matji Jharana Dash** in my postal NSC Ac No- 6275385402 and **Mataji Jharana Dash** in my postal SB Ac No. 6274869013. I declare that **Jharana Das, Matji Jharana Dash & Mataji Jharana Dash** is one and same person for all future purposes.

**AFFIDAVIT**

By virtue of an affidavit before Notary public, Kantabanji, I, **Bijay Kumar Agrawal**, formally called Bijaya Kumar Agrawal, S/o.: Basanta Lal Agrawal, permanent resident of Kaushalyapara, Bangomunda, Bolangir, Odisha-767040, currently residing at Kaushalyapara, Bangomunda, Bolangir, Odisha-767040 declared for and on behalf of myself I wholly renounce, relinquish and abandon the use of my former name of Bijaya Kumar Agrawal and in place thereof do assume from the date hereof the name of **Bijay Kumar Agrawal** and as that may thereafter be called, known and distinguished not by my former name of Bijaya Kumar Agrawal but by my assumed name of **Bijay Kumar Agrawal.**

# ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି, ରିପୋର୍ଟ ମାଗିଲେ

## ନାଳିଆ ନଦୀ ସୁରକ୍ଷା ପାଚେରି ନିର୍ମାଣରେ ୪.୩୩ କୋଟି ଅନିୟମିତତା

ଭଦ୍ରକ/ଅସୁରାଳି ୮ ।୭(ସମିସ)

ଗତ ୪ ତାରିଖରେ "ସକାଳ'ରେ "ନାଳିଆ ନଦୀରେ ସୁରକ୍ଷା ପାଚେରି ନିର୍ମାଣରେ ଅନିୟମିତତା' ଶୀର୍ଷକ ଖବର ପ୍ରକାଶ ପାଇଲା ପରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦୃଷ୍ଟି ଗୋଚର ହୋଇଛି। ଜିଲ୍ଲାପାଳ ଏହାର ଏକ ରିପୋର୍ଟ ମାଗିବା ସହ ଅନିୟମିତତା ପରିପ୍ରେକ୍ଷୀରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର ବିଭାଗୀୟ ଅନୁଧ୍ୟାନ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଭଦ୍ରକ ବ୍ଲକ ଅନ୍ତର୍ଗତ ଅନ୍ନପାଳ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଗ୍ରାମକୁ ସୁରକ୍ଷା ଦେବା ଲାଗି ନାଳିଆ ନଦୀରେ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହା ଅର୍ଣ୍ଣପାଳ ଭି.ଆର ସେତୁରୁ ରାଜୁଆଲି ବିନ୍ଧା ପର୍ଯ୍ୟନ୍ତ ୫.୩୦ କିଲୋମିଟରରୁ ୧୧.୫୦ କିଲୋମିଟର (କାର୍ଯ୍ୟକ୍ଷମ ୫.୩୦ କିଲୋମିଟରରୁ ୯.୯୧ କିଲୋମିଟର) ଚାଲୁ ରହିଛି। ବିନା ସୂଚନା ଫଳକରେ ଏହି କାର୍ଯ୍ୟ ୩୦ ପ୍ରତିଶତ ସରି ନଥିଲେ ବି ଠିକାଦାର ୭୦ ପ୍ରତିଶତ ବିଲ୍ କରି ଅର୍ଥ ଉଠାଇ ନେଇଛନ୍ତି। ଯାହାକି ସ୍ଥାନୀୟ ଅଂଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଏପଟେ ପ୍ରଥମ ଥର ପାଇଁ ଏହି ନଦୀରେ ବନ୍ୟା ଆସିଛି। ସୁରକ୍ଷା ବନ୍ଧ ବୁଡି ଗାଁ ବନ୍ଧରେ ଆଣ୍ଠୁଏ ପାଣି। ଗାଁ ରାସ୍ତା ବୁଡିବା ଯୋଗୁଁ ସ୍କୁଲ ପିଲାଙ୍କଠୁଁ ଆରମ୍ଭ କରି ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁରକ୍ଷା ପ୍ରାଚୀର ପାଇଁ ୪ କୋଟି ୪୩ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲେ ବି ଅଦ୍ୟାବଧି ସୂଚନାଫଳକ ନଲାଗିବା, ବର୍ଷାଦିନ ପୂର୍ବରୁ ନିର୍ମାଣ କାର୍ଯ୍ୟ ନସରିବା, ବିଭାଗୀୟ ସର୍ବୋଚ୍ଚ



ଅଧିକାରୀ ଏସଇଙ୍କ ପାଖରେ କେତେ କୋଟି ଟଙ୍କାର କାର୍ଯ୍ୟ ଚାଲିଛି ତାହା ସେ ଜାଣି ନପାରିବା, କମ୍ କାମ କରି ଅଧିକ ବିଲ୍ ପାସ୍ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ନଦୀଜଳ ଗାଁରେ ଥିବା ଚାଷଜମିରେ ପ୍ରତିବର୍ଷ ପ୍ରବେଶ କରି ଫସଲ ନଷ୍ଟ କରୁଥିବାରୁ ଏହି ସୁରକ୍ଷା ପ୍ରାଚୀର ନିର୍ମିତ ହେଉଥିଲା। ବିଭାଗୀୟ ଅଧିକାରୀ, ଠିକାଦାର ଓ ଶାସକ ଦଳର ବୁଝାମଣାରେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଲକ୍ଷଲକ୍ଷ ଟଙ୍କା ବାଟ ମାରଣା ହୋଇଛି ବୋଲି ଜିଲ୍ଲା ମାନବ ସେବା ସଂଗଠନର ସଦସ୍ୟ ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ଉପଦେଷ୍ଟା ଦୀପ୍ତିରଞ୍ଜନ ନାୟକ, ସନ୍ତୋଷ ଦାସ, ରତିକାନ୍ତ ନାୟକ, ନାରୀନେତ୍ରୀ ବିମଳା ନାଥ ପ୍ରମୁଖ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ଏତଦବ୍ୟତୀତ ଅର୍ଥ ବାଟମାରଣାରେ ଯେଉଁ ଅଧିକାରୀମାନେ ସାମିଲ ଅଛନ୍ତି, ସେମାନଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବାକୁ ଗ୍ରାମବାସୀ ଦାବି ମଧ୍ୟ କରିଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତି ଗ୍ରାମବାସୀଙ୍କୁ ଆଶ୍ୱସ୍ତ କରିଛି।

'ସକାଳ' ପ୍ରଭାବ

# ୨୪ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବଦଳି

ଭଣ୍ଡାରିପୋଖରୀ, ୮।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୨୪ ଜଣ ଶିକ୍ଷକଙ୍କ ବଦଳି ହୋଇଛି। ମଙ୍ଗଳବାର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବଦଳି ତାଲିକାରେ ୨୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି। ସେଥିମଧ୍ୟରୁ ୧୧ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜଣେ ମାତ୍ର ଶିକ୍ଷକ ଥିବା ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଅନ୍ୟ ୧୩ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଳକା ଥିବା ବିଦ୍ୟାଳୟରୁ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ବଦଳି କରାଯାଇଛି ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# କିଶୋର ନ୍ୟାୟ ଅଧିନିୟମ ସମ୍ପର୍କିତ ସଚେତନତା



ଭଦ୍ରକ, ୮।୭(ସମିସ): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଧାମନଗର ବ୍ଲକ ଦୋବଲ କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମରେ କିଶୋର ନ୍ୟାୟ ଅଧିନିୟମ (ଯତ୍ନ ଏବଂ ସୁରକ୍ଷା) ଆଇନ ୨୦୨୫ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କୌଣସି ଅନୈତିକ, ଅସାମାଜିକ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ନ ରହିବାକୁ ଅତିଥିମାନେ ବୁଝାଇଥିଲେ। ଏହାସହ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଶିଶୁ କଲ୍ୟାଣ ମୁଖ୍ୟ ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁଯତ୍ନ ବିଭାଗର ମୁଖ୍ୟ ଅବିନାଶ ମହାନ୍ତି, କିଶୋରନ୍ୟାୟ ପରିଷଦର ସଦସ୍ୟ ବନମାଳି ଜେନା, ଏଲ୍‌ଏଡିଏସ୍‌ର ମୁଖ୍ୟ ତାପସ ମହାନ୍ତି ଏବଂ ମହାପୁରୁଷ ଆଶ୍ରମର ଅଧୀକ୍ଷକ ନକୁଳ ଚରଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ପିତୃମାତୃହୀନ ଶିଶୁଙ୍କ ଚିହ୍ନଟ ପାଇଁ ତାଲିମ



ଭଦ୍ରକ, ୮।୭(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହ ପରିଷଦରେ ଅନୁଷ୍ଠିତ ପରିବାରରେ ରହୁଥିବା ପିତୃମାତୃହୀନ ଶିଶୁ ଓ ଏକକ ପିତୃମାତୃହୀନ ଶିଶୁଙ୍କୁ ଚିହ୍ନଟ ନିମନ୍ତେ ଏକ ତାଲିମ କାର୍ଯ୍ୟ ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ସମେତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଜିଲ୍ଲାପାଳ ଭଦ୍ରକ ଦିଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗଅଧିନରେକାର୍ଯ୍ୟକରୁଥିବାସମସ୍ତସିଡ଼ିପିଓ, ସୁପରଭାଇଜରଯୋଗଦାନକରିଥିଲେ। ପ୍ରଶିକ୍ଷଣ ନେବାପରେ ସେକ୍ଟର ସ୍ତରରେ ସମଗ୍ର ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ ଦେବାସହ ତଥ୍ୟପୂର୍ଣ୍ଣ କରି ଜିଲ୍ଲାସ୍ତରକୁ ପ୍ରେରଣ କରିବାପାଇଁ ସୂଚନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀର ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଶିଶୁ ମଂଗଳ କମିଟିର ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ୟୁନିଟର ସୁବ୍ରତ ଦାଶ ଯୋଗଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ସ୍ୱାଗତିକା ବାରିକ, ଦମୟନ୍ତୀ ଦାସ, ଧୀରଜ ବାରିକ, ମହେଶ ଚନ୍ଦ୍ର, ନବୀନ ବେହେରା, କୁଳଦୀପ ଜେନା ସମେତ ଚାଇଲ୍ଡଲାଇନର ସଂଯୋଜିକା ଶୁଭଶ୍ରୀ ପଢିହାରୀ ସମସ୍ତ ଟିମ୍ ସହଯୋଗ କରିଥିଲେ।

# ପାଚିକା ସହାୟିକା ମଜଦୁର ସଂଘର ଦାବିପତ୍ର

ଭଦ୍ରକ, ୮।୭(ସମିସ): ଓଡ଼ିଶା ପାଚିକା ସହାୟିକା ମଜଦୁର ସଂଘ ଭଦ୍ରକ ଶାଖା ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପାଚିକା ସହାୟିକାମାନେ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଜିଲ୍ଲାପାଳ ଦିଲୀପ ରାଉତାଏଙ୍କୁ ପ୍ରଦାନ କରିଥିଲେ। ମଧ୍ୟାହ୍ନ ଭୋଜନ ପାଚିକାଙ୍କୁ ମାସିକ ୧୦ ହଜାର ଟଙ୍କା ପ୍ରଦାନ, ମଧ୍ୟାହ୍ନଭୋଜନ ଯୋଜନାର ଘରୋଇକରଣକୁ ବନ୍ଦ, ଖାଦ୍ୟ ପ୍ରସ୍ତୁତ ବେଳେ କୌଣସି ଦୁର୍ଘଟଣା ଘଟିଲେ ପାଚିକା ଓ ଅନ୍ୟ କର୍ମଚାରୀଙ୍କୁ ମାଗଣା ଚିକିତ୍ସା ସହ ମୃତ୍ୟୁ ବା ସଂପୂର୍ଣ୍ଣ ଅକର୍ମଣ୍ୟ କ୍ଷେତ୍ରରେ କ୍ଷତିପୂରଣ ପ୍ରଦାନ ଏବଂ ବୀମାଭୁକ୍ତ କରିବା, ଆଶା ଓ ଅଙ୍ଗନବାଡ଼ି ଭଳି ଅନ୍ୟାନ୍ୟ କେନ୍ଦ୍ରୀୟ ପ୍ରାୟୋଜିତ




ଯୋଜନାର କର୍ମୀମାନଙ୍କ ପରି ମାଗଣା ବୀମା, ଇପିଏଫ-ଇଏସଆଇ ଅନ୍ତର୍ଭୁକ୍ତ କରିବା, ପାଚିକା ଓ ଅନ୍ୟ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟ ବର୍ଷରେ ୧୦ ମାସ ପରିବର୍ତ୍ତେ ସଂପୂର୍ଣ୍ଣ ୧ ବର୍ଷର ମାନଦେୟ ପ୍ରଦାନ କରିବା, ପାଚିକା ଓ ସହାୟିକାଙ୍କୁ ବର୍ଷକୁ ୨ ଯୋଡ଼ା ୟୁନିଫର୍ମ, ପାଚିକାଙ୍କ ଛଟେଇ କ୍ଷେତ୍ରରେ ସେମାନଙ୍କ ପୁନଃସ୍ଥାପନ ପାଇଁ ନିୟମ ପ୍ରଣୟନ କରିବା, ଆକସ୍ମିକ ଏବଂ ପ୍ରସୂତିକାଳୀନ ଛୁଟି ପ୍ରଦାନ ଆଦି ଦାବି ରହିଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ମନୋଜବସନ୍ତରାୟ, ଜିଲ୍ଲାପାଚିକାସହାୟିକାସଂଘରସଭାନେତ୍ରୀସସ୍ମିତାନାୟକ, ସଂପାଦିକା ମମତା ବାରିକ, ତପନ କୁମାର ପଣ୍ଡା, ପରେଶନାଥ ଧଳ, ସଞ୍ଜୟ ମହାନ୍ତି, ବିପିନ ମିଶ୍ର, ଯଦୁମଣି ପାଣିଗ୍ରାହୀ, ସନ୍ତୋଷ ଜେନା, ଚନ୍ଦନ ପତି, ସୁଶାନ୍ତ ସାହୁ, ରବିନ୍ଦ୍ର ଦେ, କମଳାକାନ୍ତ ସାହୁ, ଭକ୍ତହରି ରାଉତ ଓ ଶ୍ରୀମତୀ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ନିଆରା ଢଙ୍ଗରେ ମୋହରମ୍ ପାଳନକଲା କଳିଙ୍ଗ ଯୁବ କ୍ଲବ୍

ଧାମନଗର, ୮।୭(ସମିସ): ଭାଇଚାରାର ସହର ଧାମନଗରରେ ପବିତ୍ର ମହରମ ପର୍ବ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଗତ ରବିବାର କଳିଙ୍ଗ ୟୌଥ କ୍ଲବ କଚେରି ବଜାର ଧାମନଗର ପକ୍ଷରୁ ଭାଇଚାରାକୁ ସୁଦୃଢ କରିବା ପାଇଁ ଉଭୟ ସମ୍ପ୍ରଦାୟର ସର୍ବଦଳୀୟ ନେତା ଓ ସମାଜସେବୀଙ୍କୁ ନେଇ ଏକ ନିଆରା ଢଙ୍ଗରେ ମୋହରମ ପର୍ବ ପାଳନ କରାଯାଇଛି। କଳିଙ୍ଗ ୟୁଥ କ୍ଲବର ସଭାପତି ତଥା କାଉନସିଲର ପ୍ରତିନିଧି ମୀର ମୁରତୁଜାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସଚନ୍ଦ୍ର ମହାପାତ୍ର, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, କାଉନସିଲର ଜୟନୁଲ ହକ୍, ବିଜେଡି ନଗର ସଭାପତି ବିଜୟକେତନ ସାହୁ, ଯୁବ ସଭାପତି ସେକ ସୈଏଫୁଦ୍ଦିନ, କଂଗ୍ରେସ ଦଳର ନଗର ସଭାପତି ମାନସ ମହାପାତ୍ର, ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ କୁମାର ବାରିକ, ବରିଷ୍ଠ ସଭ୍ୟ ସେକ ଅବଦୁଲ ହାକିମ, ବିଜେଡିନେତା ଉମେଶ ମହାନ୍ତି, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଅଧ୍ୟାପକ ସୁରେନ୍ଦ୍ର ଜେନା, ପ୍ରକାଶ ମହାପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ସାମ୍ବାଦିକ ସଂଘର ସଭାପତି ବିରେନ୍ଦ୍ର ଜେନା, ରବିନ୍ଦ୍ର ସ୍ୱାଇଁ, ରବିନ୍ଦ୍ର ଜେନା, ଶାନ୍ତି କମିଟି ସଭ୍ୟ ସମାଜସେବୀ ଏମଡି ହବିବୁର ରହେମାନ, ସେକ ରୋସ୍ତମ, ଶୈଳେନ୍ଦ୍ର ମହାପାତ୍ର, ସେକ ମୋହିଉଦ୍ଦିନ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ସରୋଜ ସେଠୀ, ବିଜେପି ନେତା ଶ୍ରୀଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳିଙ୍ଗ ୟୌଥ କ୍ଲବ ପକ୍ଷରୁ କର୍ମକର୍ତ୍ତା ଦ୍ୱାରା ସମସ୍ତଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରେ କ୍ଲବ ନିକଟରୁ ଏକ ଶୋଭାଯାତ୍ରା ବାହାରି ବଜାର ଓ ଗୌରା ଛକ, ବାଉଁଶ ବାଡ଼ି ଗ୍ରାମ ପରିକ୍ରମା କରି କରବଲା ମଇଦାନଠାରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ପ୍ରକାଶ ଥାଉ କି, ମୁସଲାମ ଧର୍ମରେ ଚନ୍ଦ୍ର ଗଣନାକୁ ଆଧାର କରି ପ୍ରତ୍ୟେକ ବର୍ଷ ଏହି ପର୍ବ



ପାଳନ କରାଯାଇଥାଏ। ଇସଲାମିକ ୧୪୪୭ (ହିଜରୀ) କ୍ୟାଲେଣ୍ଡର ଅନୁସାରେ ବର୍ଷର ପ୍ରଥମ ମାସ ଓ ପ୍ରଥମ ଦିନକୁ ଇସଲାମିକ ନବ ବର୍ଷ(ମହରମ ପର୍ବ) ଭାବେ ପାଳିତ ହୁଏ। ଚନ୍ଦ୍ରର ଦଶମ ଦିନରେ 'ୟମେ-ଆଶୁରା' ପର୍ବ ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଇମାମ ହୋସେନ ସହିଦ ହୋଇଥିଲେ। ଏହି ସହିଦ ଦିବସକୁ ତାଙ୍କର ସ୍ମୃତି ଉଦେଶ୍ୟରେ ସମଗ୍ର ବିଶ୍ୱରେ 'ୟାଦେ ହୋସେନ' ପର୍ବ ଭାବେ ପାଳନ କରାଯାଉଛି। ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ପବିତ୍ର ମହରମ ପର୍ବ ପାଳନ ଉପଲକ୍ଷେ ଜୁଲୁସ ଶୋଭାଯାତ୍ରା ଏବଂ ଆଖଡା ଖେଳ ଅନୁଷ୍ଠିତ ହୋଇଯାଇଛି।

**ଆଲୋଚନା ବିଫଳ**

# ଦରମା ଦାବିରେ ସମିତି ସହସମ୍ପାଦକଙ୍କ ଧାରଣା ଜାରି

ଭଣ୍ଡାରିପୋଖରୀ/ବାରିକପୁର, ୮।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା କୃଷି ସେବା ସମବାୟ ସମିତି ଲିଃର ସହକାରୀ ସମ୍ପାଦକ ନିର୍ମଳଚନ୍ଦ୍ର ଦାସଙ୍କ ଧାରଣା ୨ୟ ଦିନ



ପାଇଁ ଅବ୍ୟାହତ ରହିଛି। ବକେୟା ମାସିକ ଦରମା ପ୍ରଦାନ ଦାବିରେ ସମିତି ସମ୍ମୁଖରେ ଶ୍ରୀ ଦାସ ସପରିବାର ଧାରଣାରେ ବସିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହାର ସମାଧାନ ପାଇଁ ହୋଇଥିବା ଆଲୋଚନା ବିଫଳ ହୋଇଛି। ଭଣ୍ଡାରିପୋଖରୀ ସମବାୟ ବ୍ୟାଙ୍କ ପରିସରରେ ଜିଲ୍ଲା ସମବାୟ ନିବନ୍ଧକ ଦୁଃଖିଆ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ ସମବାୟ ନିରୀକ୍ଷକ ରତ୍ନପୂର୍ଣ୍ଣା ସାହୁ, ବ୍ୟାଙ୍କ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ଉପନିବନ୍ଧକ ଆଲୋକ ବଲ୍ଲଭ ସାହାଣୀ, ବସନ୍ତ ରଣା, ସଂପୃକ୍ତ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ସମ୍ପାଦକ ଅଜୟ କୁମାର ବେହେରା ପ୍ରମୁଖ ଧାରଣାରତ ନିର୍ମଳ ଚନ୍ଦ୍ର ଦାସଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଦାସ ସମିତି ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ଦିନ ଦରମା ପ୍ରଦାନ କରାଯିବ ବୋଲି ସମିତି ବୈଠକରେ କୁହାଯାଇଥିଲା। ମାତ୍ର ଶ୍ରୀ ଦାସ ଦରମା ପ୍ରଦାନ କଲେ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ରୋକଠୋକ ଶୁଣାଇଦେଇ ବୈଠକ ପରିତ୍ୟାଗ କରିଥିଲେ। ଫଳରେ ବିନା ନିର୍ଯ୍ୟାସରେ ବୈଠକ ସମାପ୍ତ ହୋଇଥିଲା। ଦରମା ନମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ସମିତି ସଭାପତିଙ୍କ ପକ୍ଷରୁ ତାଙ୍କ ଉପରେ ଲଗାଯାଇଥିବା ଆରୋପ କପୋଳକଳ୍ପିତ ବୋଲି ଶ୍ରୀ ଦାସ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି।

## ଆଗରପଡ଼ା ବଜାରକୁ ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ

# ୭ ଦିନରେ ସମାଧାନ ନହେଲେ କଂଗ୍ରେସର ରାସ୍ତାରୋକ

ଭଦ୍ରକ, ୮।୭(ସମିସ): ଭଦ୍ରକ ଜିଲ୍ଲା ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାର ଦୁରବସ୍ଥା ନେଇ ଆଜି କଂଗ୍ରେସ ପକ୍ଷରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇ ଭଦ୍ରକ ଏସ୍‌ପି ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ପତ୍ର ଦିଆଯାଇଛି। ବ୍ୟସ୍ତବହୁଳ ତଥା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଆଗରପଡ଼ା ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ଆଗରପଡା-ବରପଦା ରାସ୍ତା, ବ୍ଲକ ତଥା ତହସିଲ ଅଫିସକୁ ଯିବାକୁ ଆଗରପଡା-ବନ୍ତ ରାସ୍ତା, କେନ୍ଦୁଝର ଜିଲ୍ଲାକୁ ଯିବାକୁ ଆଗରପଡା-ଆନନ୍ଦପୁର ରାସ୍ତା ଓ ବାଲେଶ୍ୱର ଜିଲ୍ଲା ଯିବାକୁ ଆଗରପଡା-କୁପାରୀ ରାସ୍ତା ଏବେ ଶୋଚନୀୟ ହୋଇ ମରଣଯନ୍ତା ପାଲଟିଛି। ଉକ୍ତ ବିପର୍ଯ୍ୟସ୍ତ ରାସ୍ତା ଅବସ୍ଥାର ସୁଧାର ନେଇ କଂଗ୍ରେସ ପକ୍ଷରୁ ବାରମ୍ବାର ଦାବି ହେବା ପରେ କିଛିଦିନ ପୂର୍ବେ ବରପଦା-ଆଗରପଡା ରାସ୍ତାକୁ ମରାମତି ଲାଗି ଏକ ଠିକା ସଂସ୍ଥା ଦ୍ୱାରା ମରାମତି କରାଯାଇଥିଲା। କାର୍ଯ୍ୟ ଅତି ନିମ୍ନମାନର ହେବା ଯୋଗୁଁ ଏହା ଏହି ରାସ୍ତାରେ ଯାତାୟତ



ବିପର୍ଯ୍ୟସ୍ତ ହୋଇପଡିଛି। ଏଣୁ ଏହି ରାସ୍ତା ସମସ୍ୟା ନେଇ ଆଜି ବ୍ଲକ କଂଗ୍ରେସ ନେତା ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରବିନାରାୟଣ ମହାନ୍ତି, ଗୋପୀନାଥପୁର ସରପଞ୍ଚ ସବିତା ନାୟକ, କାର୍ତ୍ତିକଚନ୍ଦ୍ର ଜେନା, ସତ୍ୟବାନ ଦାସ, ଜଗବନ୍ଧୁ ବେହେରା, ଜୟଦେବ ସିଂ, ଚିତରଞ୍ଜନ ସାମନ୍ତରାୟ, ସୁରେନ୍ଦ୍ର ଜେନା, ରାମଚନ୍ଦ୍ର ଜେନା, ପ୍ରଦତ ନାୟକ, ରାଜକିଶୋର ବେହେରା, କଳ୍ପତରୁ ସାହୁ, ବିଜୟ ବାରିକ, ଛାୟାକାନ୍ତ ଗାନ୍ଧୀ, ବାଙ୍କବିହାରୀ ଜେନା, ଜୟକୃଷ୍ଣ ଜେନା, ଟୁନିଆ ବେହେରା, ମହେଶ ଦାସ, ପ୍ରକାଶ ମହାକୁଡ଼, ନିଲୁ ଶତପଥୀ, ଚିତରଞ୍ଜନ ରାମ, ଦିପୁ ସିଂ, ପୁପୁନା ଖୁଣ୍ଟିଆ, ପ୍ରତାପ ଯେନା, ଅସରଫ ସାହା, ରବିନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ ଦିନରେ ସମାଧାନ ନହେଲେ କଂଗ୍ରେସ ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଡ୍ରାଇଭର ମହାସଂଘର ଷ୍ଟିୟରିଂଛାଡ଼ ଆନ୍ଦୋଳନ; ଗାଡ଼ି ଚଳାଚଳ ପ୍ରଭାବିତ







ଭଦ୍ରକ, ୮।୭(ସମିସ)

ମୋଟରଯାନ ଆଇନ-୨୦୧୯ ବାତିଲ୍, ଡ୍ରାଇଭରଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା, ଇଚ୍ଛୁକ ଡ୍ରାଇଭରଙ୍କୁ ବିନାସୁଧରେ ୧୦ ଲକ୍ଷ ଟଙ୍କା ଋଣ ପ୍ରଦାନ, ସମସ୍ତ ଡ୍ରାଇଭରଙ୍କୁ ଇଏସଆଇ ଅନ୍ତର୍ଭୁକ୍ତ, ଅବସରପ୍ରାପ୍ତ ଡ୍ରାଇଭରଙ୍କୁ ମାସିକ ପେନସନ, ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ କରିବା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଦାବିନେଇ ଭଦ୍ରକ ବନ୍ତ ଛକ ନିକଟସ୍ଥ ଜାତୀୟ ରାଜପଥ-୧୬କୁ ସକାଳ ୮ରୁ ୧୦ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା। ଏଥିରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅଲ୍‌ଓଡିଶା ଡ୍ରାଇଭର ଆସୋସିଏସନ୍ ଭଦ୍ରକ ଜିଲ୍ଲା ସଭାପତି ଅଜୟ ଚାନ୍ଦ, ଅନ୍ୟତମ ନେତା ଅଭିରାମ ବେହେରା, ମାନସ ସାହୁ, ଗୋପୀନାଥ ସାହୁ, କାଲୁ ଖାନ୍ ପ୍ରମୁଖ ନେତୃତ୍ୱ ନେଇଥିଲେ। ବୁଧବାର ସର୍ବଭାରତୀୟ ସାଧାରଣ ଧର୍ମଘଟରେ ଅଲ୍ ଓଡିଶା ଡ୍ରାଇଭର ଆସୋସିଏସନ୍ ସାମିଲ ହେବ ବୋଲି ଆସୋସିଏସନ୍ ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀ ଚାନ୍ଦ ଆନ୍ଦୋଳନସ୍ଥଳରେ ଘୋଷଣା କରିଛନ୍ତି।

ସେହିପରି ୭ ଦଫା ଦାବିନେଇ ଚାନ୍ଦବାଲି ସହର ସମେତ ଦିଗଛିଆ ବଜାର, କଇଥଖୋଲା ଆଦି ସ୍ଥାନରେ ଡ୍ରାଇଭରମାନେ ରାସ୍ତାରେ ଗାଡ଼ି ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଦାବିଗୁଡ଼ିକ ମଧ୍ୟରେ ପ୍ରତି ୧୦୦ କିଲୋମିଟରରେ ପାର୍କିଂ ବ୍ୟବସ୍ଥା ସହ ବିଶ୍ରାମାଗାର, ଶୌଚାଳୟ ଆଦି ବ୍ୟବସ୍ଥା କରିବା ଆଦି ଦାବି ରହିଛି।



ବାରିକପୁର: ଓଡ଼ିଶା ଡ୍ରାଇଭର ମହାସଂଘ ଓ ଡ୍ରାଇଭର ଏକତା ମହାମଞ୍ଚ ଷ୍ଟିୟରି ଛାଡ଼ ଆନ୍ଦୋଳନ ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ ନମ୍ବର ଜାତୀୟ ରାଜପଥ ଆଖୁଆପଦା ବୈତରଣୀ ସେତୁପାର୍ଶ୍ୱରେ ଗାଡି ଚାଳକମାନେ ଶାନ୍ତିପୂର୍ଣ୍ଣ ଧର୍ମଘଟ ଆରମ୍ଭ କରିଛନ୍ତି। ବ୍ଲକ୍ ସଭାପତି ଅଭିମନ୍ୟୁ ଦାସ ଓ ସମ୍ପାଦକ ସନ୍ତୋଷ ମହାପାତ୍ରଙ୍କ ନେତୃତ୍ୱରେ ଶହଶହ ଡ୍ରାଇଭର ଏଥିରେ ସାମିଲ ହୋଇଛନ୍ତି। ମୋଟ ୭ ଦଫା ଦାବି ନେଇ ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ହରତାଳ ଆରମ୍ଭ ହୋଇଛି।

ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ରାଜପଥକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ବନ୍ତ/ଆଗରପଡ଼ା: ଆଗରପଡ଼ା ଠାରେ ଲୋକମାନେ ନାନାଦି ହଇରାଣ, ହରକତ ହେଉଥିବାର ପରିଲକ୍ଷିତ ହୋଇଛି। ଭଦ୍ରକ, ବାଲେଶ୍ୱର, କେଉଁଝର ଆଦି ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ। ତେଣୁ ଏହି ସ୍ଥାନ ଦେଇ ବିଭିନ୍ନ ସ୍ଥାନକୁ ଯାନବାହନ ଚଳାଚଳ କରୁଥିବାରୁ ଲୋକମାନେ ଯାଆଆସ କରିଥାନ୍ତି। ସଭାପତି ବିଜୟନାଥ, ଉପସଭାପତି ଖଗେଶ୍ୱର ଜେନା, ଆଦିକନ୍ଦ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ମେଘନାଥ ରାଉଳ, କାର୍ତିକ ସାହୁ, ମାନସ ନାଥ, ଉମାକାନ୍ତ କର, ଲକ୍ଷ୍ମୀଧର ବାରିକ, ସନାତନ ସେଠୀ, ଦୁଃଖୀ ବିଶ୍ୱାଳ, ଶରତ ସାହୁଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ଥିଲେ।

ପୌର କାର୍ଯ୍ୟାଳୟ ସମ୍ମୁଖରେ ୨୩ ନଂ ୱାର୍ଡବାସିନ୍ଦାଙ୍କ ଧାରଣା

# ବର୍ଷାଜଳ ନିଷ୍କାସନ ମୁଖ୍ୟ ଦାବି



ବାସୁଦେବପୁର, ୮ ।୭(ସମିସ): ବାସୁଦେବପୁର ପୌରପାଳିକାର ୨୩ ନମ୍ବର ୱାର୍ଡରେ ଜଳ ନିଷ୍କାସନ ଦାବିରେ ୱାର୍ଡବାସୀଙ୍କ ପୌର କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି। କିଛିଦିନ ଧରି ଲଘୁଚାପଜନିତ ବର୍ଷାରେ ଡ୍ରେନେଜ ଅବ୍ୟବସ୍ଥା ଯୋଗୁଁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସାଜିଛି। କେତେକ ସ୍ଥାନରେ ସରକାରୀ ଜମି ଅବରୋଧ କରିବା ସହିତ ନାଳ ଅବରୋଧ ଯୋଗୁଁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଘରେ ପାଣି ପଶୁଛି। ପୌରପାଳିକାର ୨୩ ୱାର୍ଡ଼ର ଜନତା ଦୀର୍ଘ ଦିନ ଧରି ଜଳ ନିଷ୍କାସନ ପାଇଁ ଦାବି କରି ଆସୁଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ସତ୍ତ୍ୱେ ବର୍ଷ ବର୍ଷ ବଦଳି ହେଉ ନଥିବାରୁ ପୌରପାଳିକାର କର୍ମଚାରୀଙ୍କ ଉଦାସୀନତା ପରିଲକ୍ଷିତ ହେଉଛି। ସାଧାରଣ ଲୋକ ବର୍ଷା ପାଣିରେ ହନ୍ତସନ୍ତ ହେଉଛନ୍ତି। ଘରେ ପାଣି ପଶିଲାଣି ତ ପୁଣି ବର୍ଷା ପାଣି ନିଷ୍କାସନ ନହୋଇ ଜମି ରହିଛି। ଛୋଟ ପିଲା ପାଣିରେ ସ୍କୁଲ ଯାଇ ପାରୁନାହାନ୍ତି। ବାରମ୍ବାର ଅଭିଯୋଗ କରି ନିରାଶ ହେବାରୁ ଶେଷରେ ମାଧ ହୋଇ ଗଣଧାରଣାରେ ବସିବାକୁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ସକାଳଠାରୁ ୱାର୍ଡ ବାସିନ୍ଦାମାନେ ମିଳିତ ଭାବେ ପୌରପାଳିକା କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଯେ ପର୍ଯ୍ୟନ୍ତ ଜଳ ନିଷ୍କାସନର ବ୍ୟବସ୍ଥା ନକରିବେ, ସେ ପର୍ଯ୍ୟନ୍ତ ବସି ରହିବେ ବୋଲି କହିଥିଲେ। ବାସୁଦେବପୁର ତହସିଲଦାର ଘଟଣାର ହସ୍ତକ୍ଷେପ କରି ଅବରୋଧ ହଟାଇ ଜଳନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କୋଟିଳା, ବୈତରଣୀ ଓ ଗେଙ୍ଗୁଟିରେ ବଢୁଛି ଜଳସ୍ତର

ଅସୁରାଳି, ୮ ।୭(ସମିସ)

ପାଖାପାଖି ୧୫ ଦିନ ହେବ ଲଗାଣ ବର୍ଷା ଜାରି ରହିଛି। ତେବେ, ଏହି ୫ଦିନ ହେବ ପ୍ରବଳରୁ ଅତି ପ୍ରବଳ ବର୍ଷା ଦ୍ୱାରା ବୈତରଣୀ ଓ ତା'ର ଶାଖା କୋଟିଳା ନଦୀର ଆସିଥିବା ବନ୍ୟା ପ୍ରଭାବରେ ଧାମନଗର ବ୍ଲକରେ ତଳିଆ ଅଞ୍ଚଳରେ କ୍ଷତି ଘଟିବାର ଆଶଙ୍କା ରହିଛି। କୋଟିଳା ନଦୀର ସଇଲୋଠାରେ ନଦୀବନ୍ଧ ଦୁର୍ବଳ ଥିବାରୁ ସ୍ଥାନୀୟ ଲୋକ ଆତଙ୍କିତ ଅଛନ୍ତି। ଯଦିଓ ଗୌରାଙ୍ଗପୁର ଓ ମଲିମାହାର ଏସକେପ ଉଚ୍ଚତା ବୃଦ୍ଧି କରାଯାଇଛି। ତାହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ବନ୍ୟାପାଣି ପଶିପାରେ। ସେହିପରି ପ୍ରବଳ ବର୍ଷା ଦ୍ୱାରା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ହସନାବାଦ ପଞ୍ଚାୟତର ବ୍ୟାପକ ଅଞ୍ଚଳ, ପଙ୍ଗଟା, ମଠସାହି, ଅନଳଡିହ, ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆପାଳ, ସଇଲୋ, ମାଣ୍ଡୁଲା ଜଳମଗ୍ନ ହୋଇଛି। ଏପଟେ ରବିବାର ସମଗ୍ର ଅଞ୍ଚଳରେ ଦିନତମାମ ଲଗାଣ ବର୍ଷା ହୋଇଥିଲା। ମଝିରେ ମଝିରେ ଦୁହାକୁ ଦୁହା ପ୍ରବଳ ବର୍ଷିବା କାରଣରୁ

## ଆତଙ୍କିତ ହସନାବାଦ, ଅର୍ଜୁନପୁର ଓ ସଇଲୋବାସୀ



ସାଧାରଣଜୀବନ ଯାତ୍ରା ବ୍ୟାଘାତ ଘଟିବା ସହ ବର୍ଷା ପାଣିରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଛି। ବିଲ ବାଡ଼ିରେ ହୋଇଥିବା ପରିବା ଚାଷ ଏବଂ ଶାରଦ ଧାନଚାଷ ପାଇଁ ବିଲରେ ପଡିଥିବା ତଳି ପାଣିରେ ବୁଡି ନଷ୍ଟ ହୋଇଛି। ଧାମନଗର ଅଞ୍ଚଳରେ ପ୍ରବାହିତ ବିଭିନ୍ନ ନଦୀବନ୍ଧରେ ବନ୍ୟାରେ ଯେପରି ଘାଇ ସୃଷ୍ଟି ନହେବ ସେ ଲାଗି ଆଗୁଆ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଧାମନଗର ଜଳସମ୍ପଦ ବିଭାଗ ଅଧିକାରୀ ଜଣାଇଛନ୍ତି।

ସେହିପରି ଧାମନଗର ବ୍ଲକର ଅନେକ ପଞ୍ଚାୟତର ଚାଷ ଜମି ବର୍ଷା ଜଳରେ ବୁଡ଼ି ରହିଥିବାରୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବ ହେଉଛି। ଏଣୁ ଖୁବ୍ ଶୀଘ୍ର ପ୍ରଶାସନିକ ଅଧିକାରୀ ବନ୍ୟାର ମୁକାବିଲା ନିମନ୍ତେ ସଜାଗ ରହିବା ସହ ଦୁର୍ବଳ ନଦୀବନ୍ଧ ପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ଦାବି ଉଠିଛି। ଏହି ପରିପ୍ରେକ୍ଷୀରେ ଜଳସେଚନ ବିଭାଗର ଉପଖଣ୍ଡ ଅଧିକାରୀ ଶରତ ଘଡାଇ, ଧାମନଗର ଜଳସେଚନ ବିଭାଗର ଏସଡିଓ କିଶୋର ଦାସ ଉପସ୍ଥିତ ରହି ପରିସ୍ଥିତିକୁ ଲକ୍ଷ୍ୟ ରଖିଛନ୍ତି।



## ବିଷପାନ କରି ଯୁବକ କଟକ ସ୍ଥାନାନ୍ତର



ଭଦ୍ରକ, ୮ ।୭(ସମିସ): ଭଦ୍ରକର ଚରମ୍ପା ରେଳଷ୍ଟେସନ ସମ୍ମୁଖରେ ଅଚେତ ଅବସ୍ଥାରେ ପଡ଼ିରହିଥିବା ଜଣେ ଅଜଣା ଯୁବକଙ୍କୁ ଉଦ୍ଧାର କରାଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦାଖଲ କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗତକାଲି ରାତିସାରା ବର୍ଷାରେ ସେ ଭିଜି ଷ୍ଟେସନ ସମ୍ମୁଖରେ ଅଚେତ ହୋଇ ପଡିଥିଲେ। ତାଙ୍କୁ କିଛି ସହୃଦୟ ଗୋଟିଏ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ସକାଳେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ କହିବା ମୁତାବକ, ସେ କୌଣସି ବିଷ ଖାଇଛନ୍ତି ତାଙ୍କ ଅବସ୍ଥା ବହୁତ ଉଦବେଗଜନକ ରହିଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୌଣସି ପରିଚୟ ମିଳିନି, ଫଳରେ କେହି ସମ୍ପର୍କୀୟ ତାଙ୍କ ସହ ନଥିବା ଜଣାଯାଇଛି।

## ବୁଥ୍‌ସ୍ତରୀୟ ତାଲିମ ଶିବିର



ଭଦ୍ରକ, ୮ ।୭(ସମିସ): ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨ଦିନ ଧରି ଭଦ୍ରକ ପୌରପାଳିକା ସଭାଗୃହରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ଜାତୀୟ ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସହରାଞ୍ଚଳରେ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ଉକ୍ତ ତାଲିମ ଶିବିରରେ ଭଦ୍ରକ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ କୁମାର ସାମଲ ଓ ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକଜ୍ୟୋତିରଂଜନପଣ୍ଡାତାଲିମପ୍ରଦାନସହଶିବିରଟିକୁସଫଳକରିଥିଲେ।

## ଗ୍ରୀନ୍ ଓଡ଼ିଶା ପକ୍ଷରୁ ବୃକ୍ଷ ରୋପଣ

ବାରିକପୁର, ୮ ।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାଲିପୋଖରୀଠାରେ ପ୍ରତିଷ୍ଠିତ ଗ୍ରୀନ ଓଡ଼ିଶା ପକ୍ଷରୁ ବ୍ୟାପକ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ସବୁଜ ଓଡିଶା ସଙ୍ଗଠନ ପକ୍ଷରୁ ଯାଜପୁର ଚିକଣା ପଞ୍ଚାୟତ ଅଞ୍ଚଳରେ ବୃକ୍ଷ ରୋପଣ ହୋଇଥିଲା। ପ୍ରତିଷ୍ଠାତା ପ୍ରଫେସର ସୁଧିର କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ସଚିଦାନନ୍ଦ ଦାସ ମହାରାଜ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରୀନ ଓଡ଼ିଶା ସାଧାରଣ ସମ୍ପାଦକ ବିରଂଚି ନାରାୟଣ ଲେଙ୍କା, ଫରେଷ୍ଟର ସାବିତ୍ରୀ ଦାସଙ୍କ ସହିତ ବରୁଣେଶ୍ୱର ନାମ ମନ୍ଦିରର ସାଧୁସନ୍ଥ ଏବଂ ଯୁବ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।



# ବୈତରଣୀ ଜଳସ୍ତର ସ୍ଥିର



ବାରିକପୁର, ୮ ।୭(ସମିସ): ପ୍ରାୟ ଏକ ସପ୍ତାହ ଧରି ଲଘୁଚାପଜନିତ ବର୍ଷା ସତ୍ତ୍ୱେ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ଯାହାକୁ ନେଇ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ନଦୀର ଉପର ମୁଣ୍ଡରେ ସେଭଳି ବଡ ଧରଣର ବର୍ଷା ଏଯାଏଁ ହୋଇନାହିଁ। ବିଶେଷ କରି ଚମ୍ପୁଆ, କେନ୍ଦୁଝର, ଆନନ୍ଦପୁର ବର୍ଷା ଉପରେ ବୈତରଣୀ ବନ୍ୟା ନିର୍ଭର କରିଥାଏ। ଉକ୍ତ ସ୍ଥାନଗୁଡ଼ିକରେ ଏଯାଏଁ ମଧ୍ୟମ ଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେଣୁ ଦୁଇ ତିନି ଦିନ ମଧ୍ୟରେ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲେ ମଧ୍ୟ ବନ୍ୟା ଆଶଙ୍କା ଟଳି ଯାଇଥିଲା। ଆଜି ଦିନତମାମ ନଦୀର ଆଖୁଆପଦା ଆନିକଟ ଠାରେ ଜଳସ୍ତର ହ୍ରାସ ପାଇ ସନ୍ଧ୍ୟାରେ ୧୭.୮୯ ମିଟରରେ ସ୍ଥିର ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉପର ମୁଣ୍ଡରେ ସେଭଳି ବଡ ବର୍ଷା ନହେଲେ ବୈତରଣୀରେ ବନ୍ୟା ଆଶଙ୍କା ରହିବ ନାହିଁ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ ବିଭାଗ ବନ୍ୟା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ କେଶବଚନ୍ଦ୍ର ବେହେରା କହିଛନ୍ତି। କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ବନ୍ୟା ପାଇଁ ସଜାଗ ରହିଛନ୍ତି।

## ଛତାବର ଅଞ୍ଚଳ ଜଳମଗ୍ନ



ବାରିକପୁର, ୮ ।୭(ସମିସ): ଗତ କିଛି ଦିନ ହେବ ଲଘୁଚାପଜନିତ ବର୍ଷା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ଛତାବର ଅଞ୍ଚଳ ଜଳମଗ୍ନ ହୋଇଛି। ଛତାବରଠାରୁ ବଳିଘାଇ ଯାଏଁ ରାସ୍ତା ପ୍ରଶସ୍ତିକରଣ ହେଉଥିବା ବେଳେ ଡ୍ରେନେଜ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ତେଣୁ ସାମାନ୍ୟ ଓ ମଧ୍ୟମଧରଣର ବର୍ଷା ହେଲେ ଉକ୍ତ ଅଞ୍ଚଳ ପାଣିରେ ଉବୁଟୁବୁ ହେଉଛି। ଯଦି ବଡ଼ଧରଣର ବର୍ଷା ହୁଏ ତା'ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ। ଏପରିକି ଅନେକ ବାସଗୃହ ମଧ୍ୟ ପାଣିରେ ବୁଡ଼ିଯିବ। ଯାହାକି ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳିଥାଏ। ସଂପ୍ରତି ବ୍ଲକ ଅଞ୍ଚଳରେ ଝିପିଝିପି ଓ ସ୍ଥାନେ ସ୍ଥାନେ ମଧ୍ୟମ ଧରଣର ବର୍ଷା ହୋଇଛି। ତେଣୁ ଛତାବର ସମେତ ଭାଗଡା, ସଂପୋଇ, ନେଉଳିଆ, ଡାହାଲା, କୁଶଗଡିଆ, ପୁରିପଡା ପ୍ରମୁଖ ଗ୍ରାମ ସଂଲଗ୍ନ ଚାଷଜମି ଜଳମଗ୍ନ ହୋଇଛି। ଅନେକ ଚାଷ ଜମିରେ ମଧ୍ୟ ପଡ଼ିଥିବା ଧାନ ତଳି ନଷ୍ଟ ହୋଇଛି। ପାଣି ଜମି ରହିଥିବାରୁ କିଛି ଚାଷୀ ଭାଇ ମାନେ ଏଯାଏଁ ତଳି ମଧ୍ୟ ପକାଇ ପାରି ନାହାନ୍ତି। ବର୍ଷା ଦିନେ ଏହି ସ୍ଥାନଗୁଡିକରେ ଜଳ ନିଷ୍କାସନ ଜନିତ ଜଟିଳ ସମସ୍ୟା ହେଉଥିବା ବେଳେ ପ୍ରଶାସନ ଏହାକୁ ସମାଧାନ କରିବାରେ ବିଫଳ ହେଉଛି। ତେଣୁ ଶହଶହ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ପ୍ରଶାସନ ଓ ଲୋକ ପ୍ରତିନିଧି ଅବଗତ ଥାଇ ମଧ୍ୟ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନକରିବା ପରିତାପର ବିଷୟ ପାଲଟିଛି।

# ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ସଭା



ଭଦ୍ରକ, ୮।୭(ସମିସ): ନୂତନ ଭାବେ ଭଦ୍ରକ ଜିଲ୍ଲା ସଂଯୋଜକ ନିଯୁକ୍ତି ପାଇବା ପରେ ଅସିତ ପଟ୍ଟନାୟକଙ୍କୁ ଆଜି ଭଦ୍ରକରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ପଟ୍ଟନାୟକ ଭଦ୍ରକ ଗେଲପୁର ନିକଟରେ ପହଂଚିବା ପରେ ତାଙ୍କୁ ଏକ ବିଶାଳ ବାଇକ ଶୋଭାଯାତ୍ରା ରେ ଭଦ୍ରକ ରାଜଘାଟ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟକୁ ନିଆ ଯାଇଥିଲା। ତାଙ୍କ ସହିତ ପୂର୍ବତନ ପ୍ରଦେଶ କଂଗେସ ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ସଭାପତି ଅଶୋକ ଦାସ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, କଂଗ୍ରେସନେତ୍ରୀ ମଧୁସ୍ମିତା ସେଠୀ, କଂଗ୍ରେସ ନେତା ଅଭିଷେକ ରାଉତ, ଦେବରୂପ ମହାନ୍ତି, ସୁବ୍ରତ ଦାସ, ଅମିୟ ମହାପାତ୍ର, ମହିଳା ସଭାନେତ୍ରୀ ସବିତା ଚାନ୍ଦ, ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ସନିଆ ନନ୍ଦ ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ପରେ ସାମ୍ବାଦିକ ସମ୍ମିଳନୀରେ ନିରଞ୍ଜନ ପଟ୍ଟନାୟକ ଭଦ୍ରକ ଜିଲାବାସୀଙ୍କୁ ଆସନ୍ତା ୧୧ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ରାହୁଲ ଗାନ୍ଧୀଙ୍କ ସଭାରେ ବହୁସଂଖ୍ୟାରେ ଯୋଗଦେବାକୁ ନିବେଦନ କରିଥିଲେ। ଧରାକୋଟରେ ୨ଜଣ ଦଳିତଙ୍କୁ ଯେଭଳି ଅଧାଲଣ୍ଡା କରି ନର୍ଦ୍ଦମା ପାଣି ପିଆଇ ଆଣ୍ଠୁରେ ଦୁଇକିଲୋମିଟର ଚଲାଇବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ।

# ବିଦ୍ୟାଳୟ ପରିଚାଳନା କମିଟିର ନୂଆ ନିୟମ

ଦୋବଲ,୮ ।୭(ସମିସ): ଏବେ ରାଜ୍ୟ ସରକାରଙ୍କ ସ୍କୁଲର ପରିଚାଳନା କମିଟି ଓ ସ୍କୁଲ ଉନ୍ନୟନ କମିଟିକୁ ନେଇ ନୂଆ ନିୟମ ହୋଇଥିବାରୁ ବିଭିନ୍ନ ସ୍କୁଲରେ ରହିଥିବା ବିବାଦର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ହୋଇଛି। ସରକାରଙ୍କ ନୂଆନିୟମରେ ସ୍କୁଲର ପ୍ରଧାନଶିକ୍ଷକ ହିଁ ପରିଚାଳନା କମିଟି ଅଧକ୍ଷ ଭାବେ କାର୍ଯ୍ୟ କରିବେ। ଆବାହକ ରହିବେ ସହକାରୀ ଶିକ୍ଷକ। ଏସଏମସି, ଏସଏମଡିସି ପାଇଁ ଭିନ୍ନ ଭିନ୍ନ ଗାଇଡ୍ ଲାଇନ ଆସିଛି। ଶିଶୁ ବାଟିକାରୁ ଅଷ୍ଟମ ପର୍ଯ୍ୟନ୍ତ ଏସଏମସି ପାଇଁ ଗଠିତ କମିଟିରେ ୧୭ ଜଣ ସଦସ୍ୟ ରହିବେ। ସ୍କୁଲ ପ୍ରଧାନଶିକ୍ଷକ ଅଧ୍ୟକ୍ଷ ଓ ସହକାରୀ ଶିକ୍ଷକ ସଦସ୍ୟ ରହିବେ। ଇକୋ କ୍ଲବ ବା ଯୁବ କ୍ଲବର ସଦସ୍ୟ ଭାବେ ଜଣେ ଛାତ୍ର, ମହିଳା ଗ୍ରୁପର ଜଣେ ସଦସ୍ୟ, ପଛୁଆ ବର୍ଗରୁ ଜଣେ ଶିକ୍ଷାବିତ, ଅନୁସୁଚିତ ଜାତି ଓ ଜନଜାତିରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ, ୱାର୍ଡସଭ୍ୟ ବା କର୍ପୋରେଟର, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଜଣେ ବିଭାଗୀୟ ଶିକ୍ଷା ବିଭାଗରୁ ଜଣେ ପ୍ରତିନିଧି ରହିବେ। ମୋଟ ୧୫ ଜଣ ଏଭଳି କମିଟିରେ ରହିବାର ନିୟମାବଳି ଆସିଛି। ସେହିଭଳି ପ୍ରଥମରୁ ଦଶମ ଶ୍ରେଣୀ ହେବା ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଏସଏମସି ପାଇଁ ୧୭ ଜଣ ସଦସ୍ୟ ରହିବେ। ଉକ୍ତ ୧୫ ଜଣ ସମେତ ହାଇସ୍କୁଲ କଳା ଓ ବିଜ୍ଞାନ ବିଭାଗର ଜଣେ ଲେଖାଏଁ ଶିକ୍ଷକ ସଦସ୍ୟ ରହିବେ। ସେହିଭଳି କ୍ଲାସ ୯ରୁ ଦ୍ୱାଦଶ ପର୍ଯ୍ୟନ୍ତ କମିଟିରେ ୨୫ ଜଣ ରହିବାକୁ ଥିବାବେଳେ ଏକାଦଶ ଓ ଦ୍ୱାଦଶରେ ୨୨ ଜଣ ସଦସ୍ୟ ରହିବାର ନିୟମାବଳି ପ୍ରସ୍ତୁତ ହୋଇଛି। ଏଭଳି ନିୟମାବଳି ଦ୍ୱାରା କମିଟି ଗଠନରେ ଶିକ୍ଷକ ଓ ଶିକ୍ଷା ବିଭାଗ ପ୍ରତି ଯେଉଁ ଚାପ ରହୁଥିଲା ତାହା ରହିବନି ବୋଲି ଅନେକ ମତ ରଖିଛନ୍ତି। ନୂତନ ସରକାରଙ୍କ ଏହି ନିୟମ କେତେ ଦୂର କାର୍ଯ୍ୟକାରି ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଦଳିତଙ୍କ ଉପରେ ଆକ୍ରମଣ ବିରୋଧରେ ରାଜ୍ୟପାଳଙ୍କୁ ଦାବିପତ୍ର

ଭଦ୍ରକ,୮।୭(ସମିସ): ଓଡ଼ିଶା ମାନବତା ବଞ୍ଚାଓ ଅଭିଯାନ, ଓଡ଼ିଶା ରାଜ୍ୟ କିମିଟିର ଆହ୍ୱାନକ୍ରମେ ଭଦ୍ରକ ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ଆଇନଜୀବୀ ଅଗଣି ଚରଣ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭଦ୍ରକ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଛି। ସମଗ୍ର ରାଜ୍ୟରେ ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ବିଶେଷ କରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ବିଭିନ୍ନ ବର୍ଗର ମହିଳାମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର ପରିପ୍ରେକ୍ଷୀରେ ମାନ୍ୟବର ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉକ୍ତ ଘଟଣାକୁ ଦୃଢ଼ ଭାବରେ ନିନ୍ଦା କରିବା ସହ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ମାନ୍ୟବର ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି। ଗଞ୍ଜାମ ଜିଲ୍ଲା ଧରାକୋଟଠାରେ ଘଟିଯାଇଥିବା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ ଘଟଣାରେ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଢେଙ୍କାନାଳ, ଗଞ୍ଜାମ, ଭଦ୍ରକ ଓ ବରଗଡ଼ ଜିଲ୍ଲାରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ସମ୍ବିଧାନ ଅବଜ୍ଞାକାରୀ, ଆତ୍ମଘୋଷିତ ଗୋରକ୍ଷକ ଓ ସାମ୍ପ୍ରଦାୟିକତା ସୃଷ୍ଟିକାରୀ ମାନଙ୍କୁ ବେଆଇନ ଘୋଷଣା କରିବା ସହ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ୧୯୬୦ ମସିହାର ଗୋ-ହତ୍ୟା ନିରୋଧ ଆଇନକୁ ତୁରନ୍ତ ଲାଗୁ କରିବା, ସମାଜରୁ ଅସ୍ପୃଶ୍ୟତା ନିବାରଣ, ନିଶାକୁ ବ୍ୟାନ, କରାଯିବା ଭଳି ବହୁ ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ର ପ୍ରଦାନ କରିଥିବା ପ୍ରତିନିଧି ମଣ୍ଡଳୀରେ ଆଇନଜୀବୀ ଗିରିଧାରୀ ନାଥ, ସମ୍ପାଦକ ଜିଲ୍ଲା ଉନ୍ନୟନ ସଂଘର୍ଷ ସମିତି, ଆଇନଜୀବୀ ଦିବ୍ୟସିଂହ ନାୟକ, ସିପିଆଇଏମ୍ ଜିଲ୍ଲା ସମ୍ପାଦକ, କାଳନ୍ଦୀ ପାତ୍ର ସମ୍ପାଦକ ସିଆଇଯୁଟି ଭଦ୍ରକ ଜିଲ୍ଲା ଶାଖା, ରମେଶ ଜେନା ଜିଲ୍ଲା ସମ୍ପାଦକ ସିପିଆଇ, ଚନ୍ଦ୍ରଶେଖର ନାୟକ କୃଷକ ନେତା, ସମର ବଳ ଜିଲ୍ଲା ସମ୍ପାଦକ ସିପିଆଇ(ଏମ୍‌ଏଲ), ରମେଶଚନ୍ଦ୍ର ନାୟକ ଜିଲ୍ଲା ସମ୍ପାଦକ ଏସୟୁସିଆଇ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରକାଶଚନ୍ଦ୍ର ସାହୁ, କଳ୍ପନା ସାହୁ ପ୍ରମୁଖ ସାମିଲ ହୋଇଥିଲେ।



## ଚାଇଁପୁର ପାକ୍ସ ବନ୍ଦ ହେବା ଆଶଙ୍କା

# ୩ ମାସ ହେବ ଝୁଲୁଛି ତାଲା

ବନ୍ତ/ଆଗରପଡ଼ା, ୮।୭(ସମିସ): ବନ୍ତ ସଦର ମହକୁମାସ୍ଥିତ ଚାଇଁପୁର ସେବା ସମବାୟ ସମିତିରେ ଅଚଳାବସ୍ଥା ଦେଖାଦେଇଛି। ୩ ମାସ ଧରି ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନଥିବା ଜଣାପଡ଼ିଛି। ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ଗତ ୨୯/୩/୨୫ରେ ଉକ୍ତ ସମିତିର ସମ୍ପାଦକଙ୍କ ମନମୁଖୀ ବେଆଇନ କାର୍ଯ୍ୟକୁ ବିରୋଧ କରି ସମିତି ପରିଚାଳନା ପରିଷଦ ପକ୍ଷରୁ ଜରୁରୀ ବୈଠକ ଡକାଯାଇଥିଲା। ଏଥିରେ ସମ୍ପାଦକଙ୍କ କାର୍ଯ୍ୟରେ ଅବହେଳା, ଋଣ ଆଦାନ ପ୍ରଦାନରେ ଅନିୟମିତତା, କମିଟିର ସଭ୍ୟଙ୍କୁ ଖରାପ ବ୍ୟବହାର ଆଦି ଅଭିଯୋଗ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏଥିସହ ଦୈନନ୍ଦିନ କାର୍ଯ୍ୟ ଦିବସରେ ଉପସ୍ଥିତ ହେବା ସହ ସମିତିର ସମସ୍ତ କାଗଜପତ୍ର ସମିତିର ଲେଜର କ୍ଲର୍କକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶନାମାକୁ ସମ୍ପୃକ୍ତ



ସମ୍ପାଦକ ଅବମାନନା କରିବା ସହ ଦୀର୍ଘ ୩ ମାସ ଧରି ଅଫିସରେ ତାଲା ପକାଇ ସମିତି ଆସୁନାହାନ୍ତି। ଫଳରେ ସମିତିର ବ୍ୟାପକ କ୍ଷତି ହେବା ସହ ଶହ ଶହ ଚାଷୀ ଚାଷ ଋଣ ଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ବ୍ୟବସାୟ ଋଣ ଆଦି ପାଇବାରୁ ବଞ୍ଚିତ ହୋଇଛନ୍ତି। କେତେକ ଚାଷୀ ମାସିକ ଋଣ ସୁଝି ନପାରି ଖିଲାପୀ ତାଲିକାଭୁକ୍ତ ହେବାର ଆଶଙ୍କା ଦେଖାଦେଇଛି। ଏଥିନେଇ ସମିତି ସଭାପତି ଅଜୟ କୁମାର ନାୟକ ବାଲେଶ୍ୱରସ୍ଥିତ ବିବିସିସି ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହାନ୍ତି। ପରେ ସମବାୟ ସମିତିର ପରିଚାଳନା ପରିଷଦ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଏଆରସିଏସ, ଡିଆରସିଏସ, ରାଜ୍ୟ ସମବାୟ ସଚିବ, ସମବାୟ ମନ୍ତ୍ରୀଙ୍କୁ ଡାକ ଯୋଗେ ଅବଗତ କରାଯାଇଛି। ଅପରପକ୍ଷେ ଉକ୍ତ ସମିତିକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳଙ୍କ ଚିଠି ନଂ୧୦୫୩/୨୩.୫.୨୫ ମୂଳେ ବିବିସିସି ବ୍ୟାଙ୍କ ବନ୍ତ ଶାଖାର ସହକାରୀ କର୍ମଚାରୀଙ୍କୁ ଚାଇଁପୁର ସମିତିର ଅତିରିକ୍ତ ଦାୟୀତ୍ୱ ପ୍ରଦାନ ନେଇ ନିର୍ଦ୍ଦେଶ ହୋଇଥିଲା। ମାତ୍ର କୌଣସି କାରଣରୁ ଶ୍ରୀ ରାଉତ ଦାୟିତ୍ୱ ନେଇପାରି ନଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ୧୧୫୩/ ୯.୬.୨୫ ମୂଳେ ପଧାନପଡ଼ା ସମିତିର ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁଙ୍କୁ ଚାଇଁପୁର ସମବାୟ ସମିତିର ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ସମିତିରେ କୌଣସି ସମ୍ପାଦକ କାର୍ଯ୍ୟଭାର ଗ୍ରହଣ କରି ନଥିବା ଜଣାଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୮୧ ● ପାଉଣ୍ଡ ୧୧୭.୨୩
- ୟୁରୋ ୧୦୦.୯୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୮୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୭୧୨.୦୦
- ନିଫ୍ଟି ୨୫,୫୧୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ୧୪ ଦେଶ ଉପରେ ଟ୍ରମ୍ପଙ୍କ ଶୁଳ୍କ ବୋମା

# ପାରସ୍ପରିକ ଟିକସ ଲାଗୁ ସମୟସୀମା ବଢ଼ିଲା

ନୂଆଦିଲ୍ଲୀ,୮।୭(ଏଜେନ୍ସି)




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ୧୪ଟି ଦେଶକୁ ତାଙ୍କର ସ୍ୱାକ୍ଷରିତ ବାଣିଜ୍ୟ ପତ୍ର ପଠାଇ ଆଜି ଏକ ଶୁଳ୍କ ବୋମା ପକାଇଛନ୍ତି। ଏହା ଜରିଆରେ ଟ୍ରମ୍ପ ଆମେରିକାର ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ବୃଦ୍ଧି କରିବାର ତାଙ୍କର ଯୋଜନାକୁ ଆଗକୁ ବଢାଇଛନ୍ତି। ବର୍ତ୍ତମାନ ଟ୍ରମ୍ପ୍ ପାରସ୍ପରିକ ଟିକସ ଲାଗୁ ସମୟସୀମାକୁ ଜୁଲାଇ ୯ରୁ ଅଧିକାଂଶ ଦେଶ ପାଇଁ ଅଗଷ୍ଟ ପହିଲା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଉଲ୍ଲେଖନୀୟ ଯେ ୯୦ ଦିନର ଶୁଳ୍କ ଛାଡ଼ ପାଇଁ ଶେଷ ଅବଧି ୯ ଜୁଲାଇରେ ଶେଷ ହେବାକୁ ଯାଉଥିଲା, କିନ୍ତୁ ଏହାକୁ ଅଗଷ୍ଟ ପହିଲା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମସ୍ତ ଦେଶ ଉପରେ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ୨୫ ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି।

- ଦେଲେ ୨୧ ଦିନର ଛାଡ଼ ଅବଧି
- ଅଗଷ୍ଟ ପହିଲାରୁ ହେବ ଲାଗୁ
- ଜାପାନ, ଦକ୍ଷିଣ କୋରିଆ ଉପରେ ୨୫% ଟିକସ
- ମ୍ୟାଁମାର ୪୦%, ବାଲାଂଦେଶ ଉପରେ ୩୫% ଶୁଳ୍କ
- ଭାରତ ସହିତ ଏକ ଚୁକ୍ତିର ନିକଟତର :ଟ୍ରମ୍ପ୍

ହ୍ୱାଇଟ୍ ହାଉସ୍ କହିଛି ଯେ ଏହି ବୃଦ୍ଧି ଚୁକ୍ତିନାମା ଆଲୋଚନା ପାଇଁ ଅଧିକ ସମୟ ଦେବା ପାଇଁ ଉଦ୍ଦିଷ୍ଟ। ତଥାପି, ଏହି ନିଷ୍ପତ୍ତିର ବାର୍ତ୍ତା ହେଉଛି ଯେ ଆର୍ଥିକ ଅସ୍ଥିରତା ଏବଂ ଅନ୍ତର୍ଜାତୀୟ ପ୍ରତିକ୍ରିୟାକୁ ଏଡାଇବା ପାଇଁ ଟ୍ରମ୍ପ ପ୍ରଶାସନକୁ ସମୟସୀମା ସ୍ଥଗିତ ରଖିବାକୁ ପଡିଛି। ଟ୍ରମ୍ପ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୯୦ଦିନରେ ୯୦ ଟି ଚୁକ୍ତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏପର୍ଯ୍ୟନ୍ତ କେବଳ ଦୁଇଟି ଚୁକ୍ତି ସ୍ୱାକ୍ଷର ହୋଇପାରିଛି।ସେଥିରୁ ଗୋଟିଏ ବ୍ରିଟେନ ଏବଂ ଅନ୍ୟଟି ଭିଏତନାମ ସହିତ। ଏହି ଚୁକ୍ତିନାମା ମଧ୍ୟ ପ୍ରାଥମିକ ପର୍ଯ୍ୟାୟରେ ଅଛି ଏବଂ ସେଗୁଡ଼ିକୁ ଚୂଡ଼ାନ୍ତ କରିବା ପାଇଁ ଆହୁରି ଆଲୋଚନା ଆବଶ୍ୟକ। ଭିଏତନାମ ସହିତ ଚୁକ୍ତିନାମାରେ ସର୍ବନିମ୍ନ ୨୦ ପ୍ରତିଶତ ଶୁଳ୍କ ଅନ୍ତର୍ଭୁକ୍ତ, ଯାହା ପୂର୍ବରୁ ୪୬ ପ୍ରତିଶତ ଶୁଳ୍କ ପ୍ରସ୍ତାବ ଅପେକ୍ଷା କମ୍। ହେଲେ ଏହା ବର୍ତ୍ତମାନର ୧୦ ପ୍ରତିଶତ ଶୁଳ୍କ ହାର ଅପେକ୍ଷା ଅଧିକ।

ଟ୍ରମ୍ପଙ୍କ ପ୍ରଥମ ଟ୍ରମ୍ପ ଟାରିଫ୍ ପତ୍ର ଜାପାନ ଏବଂ କୋରିଆକୁ ପଠାଯାଇଥିଲା। ଯାହା ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଛି। ସେହିପରି ମିଆଁମାର, ଲାଓସ୍, ଦକ୍ଷିଣ ଆଫ୍ରିକା, କାଜାଖସ୍ତାନ ଏବଂ ମାଲେସିଆରୁ ଆମଦାନି ହେଉଥିବା ଉତ୍ପାଦ ଉପରେ ନୂତନ ଶୁଳ୍କ ଘୋଷଣା କରାଯାଇଛି। ଭାରତ ଉପରେ ଏପର୍ଯ୍ୟନ୍ତ କୌଣସି ଟିକସ ଘୋଷଣା କରାଯାଇନାହିଁ, ବରଂ ଟ୍ରମ୍ପ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବିଷୟରେ କହିଛନ୍ତି ଯେ ଆମେ ଭାରତ ସହିତ ଏକ ଚୁକ୍ତି କରିବାର ବହୁତ ନିକଟତର ଅଛୁ। ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ୧୪ଟି ଦେଶ ଉପରେ ନୂତନ ଶୁଳ୍କ ଘୋଷଣା କରିବା ସହିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବିଷୟରେ କଥା ହୋଇ କହିଛନ୍ତି, ଆମେ ଭାରତ ସହିତ ଏକ ଚୁକ୍ତି କରିବାର ନିକଟତର ଅଛୁ। ଆମେ ବ୍ରିଟେନ ଏବଂ ଚୀନ୍ ସହିତ ଏକ ଚୁକ୍ତି କରିଛୁ।

ଟ୍ରମ୍ପଙ୍କ ଅନୁଯାୟୀ, ଆମେ ଯେଉଁ ଦେଶଗୁଡ଼ିକୁ ଟାରିଫ୍ ପତ୍ର ପଠାଇଛୁ ସେମାନଙ୍କ ସହିତ ସାକ୍ଷାତ କରିଛୁ ଏବଂ ଆମେ ଭାବୁନାହୁଁ ଯେ ଆମେ ଏକ ଚୁକ୍ତି କରିପାରିବୁ, ତେଣୁ ସେମାନଙ୍କୁ ଏକ ଚିଠି ପଠାଯାଇଛି। କେବଳ ଏତିକି ନୁହେଁ, ଆମେ ଅନ୍ୟ ଦେଶଗୁଡ଼ିକୁ ଚିଠି ପଠାଉଛୁ, ଯେଉଁଥିରେ ସେମାନଙ୍କୁ କେତେ ଶୁଳ୍କ ଦେବାକୁ ପଡିବ ତାହା କୁହାଯାଇଛି। ସେ କହିଛନ୍ତି ଯେ ଆମର ଶୁଳ୍କ ଲାଗୁ ହେବା ପରେ କିଛି ଦେଶ ସେଥିରେ କିଛି ସଂଶୋଧନ କରିପାରିବେ, କିନ୍ତୁ ଏହା ସେମାନଙ୍କ ପାଖରେ କୌଣସି ବୈଧ କାରଣ ଅଛି କି ନାହିଁ ତାହା ଉପରେ ନିର୍ଭର କରିବ।

## ଆମେରିକାକୁ ଚୀନ୍‌ର ଚେତାବନୀ
## ପୁଣି ଶୁଳ୍କ ଲଗାଇଲେ ପ୍ରତିଶୋଧ ନେବୁ

ନୂଆଦିଲ୍ଲୀ,୮।୭(ଏଜେନ୍ସି): ଶୁଳ୍କ ନେଇ ଚୀନ୍ ଏବଂ ଆମେରିକା ପୁଣି ମୁହାଁମୁହିଁ ହୋଇପାରନ୍ତି। ଏବେ ଚୀନ୍ ଶୁଳ୍କ ଉପରେ ଆମେରିକାକୁ ଚେତାବନୀ ଦେଇଛି। ଚୀନ୍ କହିଛି ଯେ ଯଦି ଆମେରିକା ପୁଣି ଶୁଳ୍କ ଲଗାଏ, ତେବେ ସେ ପ୍ରତିଶୋଧ ନେବ। ଚୀନ୍ ମଧ୍ୟ ଆମେରିକା ସହିତ ଯୋଗାଣ ଶୃଙ୍ଖଳା ଚୁକ୍ତି କରୁଥିବା ଦେଶଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ଚୀନ୍‌କୁ ବାହାରେ ରଖିବ। ଜୁନ୍‌ରେ ଆମେରିକା ଏବଂ ଚୀନ୍ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ବାଣିଜ୍ୟ ସମ୍ପର୍କରେ ଥିଲା, କିନ୍ତୁ ଏହି ଚୁକ୍ତିନାମା ଏବେ ବି ଦୁର୍ବଳ। ଆମେରିକା ଅଗଷ୍ଟ ୧ରୁ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛି।

ଚୀନ୍ କହିଛି ଯେ ଯଦି ଆମେରିକା ଆସନ୍ତା ମାସରେ ତା'ର ସାମଗ୍ରୀ ଉପରେ ଶୁଳ୍କ ଲଗାଏ, ତେବେ ସେ ଚୁପ୍ ବସିବ ନାହିଁ। ଚୀନ୍ ମଧ୍ୟ ଆମେରିକା ସହିତ ସହଯୋଗରେ ଯୋଗାଣ ଶୃଙ୍ଖଳାରୁ ଚୀନ୍‌କୁ ବାଦ ଦେବାକୁ ଚେଷ୍ଟା କରୁଥିବା ଦେଶଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମେରିକା ଏବଂ ଚୀନ୍ ମଧ୍ୟରେ ଜୁନ୍‌ରେ ବାଣିଜ୍ୟ ଚୁକ୍ତିନାମା ହୋଇଥିଲା। ଏହି ଚୁକ୍ତିନାମା କିଛି ଶାନ୍ତି ଫେରାଇ ଆଣିଥିଲା। କିନ୍ତୁ ଅନେକ ଜିନିଷ ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ତେଣୁ, ବ୍ୟବସାୟୀ ଏବଂ ନିବେଶକମାନେ ଏହି ଚୁକ୍ତିନାମା ସ୍ଥାୟୀ ହେବ



କି ନାହିଁ ତାହା ଦେଖିବା ପାଇଁ ଅପେକ୍ଷା କରିଛନ୍ତି। ଆମେରିକା ଚୀନ୍ ଉପରେ ୧୦୦%ରୁ ଅଧିକ ଶୁଳ୍କ ଲଗାଯାଇସାରିଛି। ଚୀନ୍‌କୁ ଅଗଷ୍ଟ ୧୨ ସୁଦ୍ଧା ଆମେରିକା ସହିତ ଏକ ଚୁକ୍ତି କରିବାକୁ ପଡିବ। ଯଦି ଏହା ନ ହୁଏ, ତେବେ ଟ୍ରମ୍ପ୍ ପ୍ରଶାସନ ପୁଣି ଶୁଳ୍କ ଲଗାଇପାରେ। ଏପ୍ରିଲ ଏବଂ ମେ ମାସରେ ଉଭୟ ଦେଶ ପରସ୍ପରର ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରିଥିଲେ।

## ଖିମଜୀ ଫାଉଣ୍ଡେସନ୍ ପକ୍ଷରୁ ରଥଯାତ୍ରାରେ ସେବା କାର୍ଯ୍ୟ

ଭୁବନେଶ୍ୱର,୮।୭(ସମିସ): ଓଡ଼ିଶାର ଏକ ବିଶ୍ୱସ୍ତ ଏବଂ ପ୍ରତିଷ୍ଠିତ ଅଳଙ୍କାର ବ୍ରାଣ୍ଡ ଖିମଜୀ ଜୁଏଲର୍ସ ପୁନର୍ବାର ସାମାଜିକ ସେବାରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ଖିମଜୀ ଫାଉଣ୍ଡେସନ୍ ମାଧ୍ୟମରେ ସଂସ୍ଥା ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସୁଖ ସୁବିଧା ଓ ମଙ୍ଗଳ ପାଇଁ ପୁରୀରେ ବିଭିନ୍ନ ଦାତବ୍ୟ ପଦକ୍ଷେପ ଗ୍ରହଣ କରିଥିଲା। ଶ୍ରଦ୍ଧାଳୁମାନେ ସାମ୍ନା କରୁଥିବା ଅସୁବିଧାକୁ ଦୂର କରିବା ପାଇଁ ଖିମଜୀ ଫାଉଣ୍ଡେସନ୍ ପକ୍ଷରୁ ବଡ଼ଦାଣ୍ଡରେ ରଥଯାତ୍ରାର ମୁଖ୍ୟ ପଥରେ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଜଳ ସିଂଚନ ଭ୍ୟାନ ମୂତୟନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ଆରାମ ଯୋଗାଇ ଦେବା ଏବଂ ସମସ୍ତଙ୍କ ପାଇଁ ଏକ ଆରାମଦାୟକ ଆଧ୍ୟାତ୍ମିକ ଅନୁଭୂତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହା ସହିତ ଫାଉଣ୍ଡେସନ୍ ପକ୍ଷରୁ ପୁରୀରେ ପୂର୍ବରୁ କୌଣସି ବ୍ୟବସ୍ଥା ନ କରି ଭଗବାନଙ୍କ ଦର୍ଶନ କରିବାକୁ ଚାଲିଆସିଥିବା ଭକ୍ତମାନଙ୍କ ସୁବିଧା ପାଇଁ ମାଗଣା ରାତ୍ରୀ ରହଣୀ ତମ୍ବୁ ସଂସ୍ଥାପନ କରାଯାଇଥିଲା, ଯାହା ନିରାପଦ, ପରିଷ୍କାର ଏବଂ ସୁଗମ ଅସ୍ଥାୟୀ ରହିବାର ସୁବିଧା ଯୋଗାଇ ଦେଇଥିଲା। ଏହି ରହଣୀ ତମ୍ବୁଗୁଡ଼ିକରେ ସୁରକ୍ଷା, ସ୍ୱଚ୍ଛତା ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକ

ଆରାମଦାୟକ ବ୍ୟବସ୍ଥା ରହିଥିଲା। ଏହା ଫାଉଣ୍ଡେସନର ନିଃସ୍ୱାର୍ଥପର ସେବାକୁ ନେଇରହିଥିବା ମୂଳ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି। ଏହି ଅବସରରେ




ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଶାର ଆଧ୍ୟାତ୍ମିକ ହୃଦସ୍ପନ୍ଦନ। ଏହି ପବିତ୍ର ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କୁ ସେବା କରିବା ଆମର ଏକ ବିଶେଷାଧିକାର ଏବଂ ଦାୟିତ୍ୱ। ଖିମଜୀ ଫାଉଣ୍ଡେସନରେ ଆମେ ପରମ୍ପରା ଓ ଯତ୍ନରେ ଅଧାରିତ ଅର୍ଥପୂର୍ଣ୍ଣ ଓ ସହାନୁଭୂତିପୂର୍ଣ୍ଣ ପ୍ରୟାସ ମାଧ୍ୟମରେ ସମାଜକୁ ଫେରସ୍ତ କରିବାକୁ ପ୍ରତିବଦ୍ଧ। ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବାର୍ଷିକ ରଥଯାତ୍ରାର ଅତୁଳନୀୟ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ମହତ୍ୱ ରହିଛି। ପୁରୀରେ ଅନୁଷ୍ଠିତ ଏହି ବିରାଟ ଉତ୍ସବ ସାରା ବିଶ୍ୱରୁ ଲକ୍ଷାଧିକ ଭକ୍ତଙ୍କୁ ଆକର୍ଷିତ କରୁଛି, ଯାହା ଏହାକୁ ବିଶ୍ୱର ବୃହତମ ଧାର୍ମିକ ସମାବେଶ ମଧ୍ୟରୁ ଅନ୍ୟତମରେ ପରିଣତ କରିଛି। ଏହା ଏକତା, ଭକ୍ତି ଓ ସାମୂହିକ ଭାବନାର ସମୟ ଏବଂ ସେହି ମୂଲ୍ୟବୋଧକୁ ଖିମଜୀ ଫାଉଣ୍ଡେସନ୍ ଗର୍ବର ସହିତ ଧାରଣ କରିଛି। ଖିମଜୀ ଫାଉଣ୍ଡେସନ୍ ମାଧ୍ୟମରେ କମ୍ପାନୀ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବିପର୍ଯ୍ୟୟ ସହାୟତା କ୍ଷେତ୍ରରେ ନିରନ୍ତର ଭାବେ ନିଜର ପ୍ରଭାବ ବିସ୍ତାର କରିଥିବା ବେଳେ ଓଡ଼ିଶାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଏକ ପ୍ରଦୀପ ସ୍ୱରୂପ ପ୍ରତିଷ୍ଠା ହାସଲ କରିଛି।

## ଖୁବ୍‌ଶୀଘ୍ର ୧୦ ଟ୍ରିଲିୟନ୍ ଡଲାରର ଅର୍ଥନୀତି ହେବ ଭାରତ: ଡବ୍ଲ୍ୟୁଇଏଫ୍ ଅଧ୍ୟକ୍ଷ

ନୂଆଦିଲ୍ଲୀ,୮।୭(ସମିସ)

ବଢୁଥିବା ବାଣିଜ୍ୟ ପ୍ରତିବନ୍ଧକ, ବିଶ୍ୱ ଅଭିବୃଦ୍ଧିକୁ ମନ୍ଥର କରିବା ଏବଂ ଆର୍ଥିକ ଗତିଶୀଳତାକୁ ପରିବର୍ତ୍ତନ କରୁଛି। ଏଣୁ ବିଶ୍ୱ ଅର୍ଥନୈତିକ ଫୋରମ ୨୦୨୫ ଦୃଷ୍ଟିକୋଣ ଅର୍ଥନୀତିକୁ ନେଇ ସେତେଟା ଭଲ ଦେଖାଯାଉ ନାହିଁ। ହେଲେ ସମସ୍ତ ଅନିଶ୍ଚିତତା ମଧ୍ୟରେ, ଭାରତକୁ ନେଇ କିନ୍ତୁ ଆଶା ଉଜ୍ଜ୍ୱଳ ରହିଛି ବୋଲି କହିଛନ୍ତି ବିଶ୍ୱ ଅର୍ଥନୈତିକ ଫୋରମ୍(ଡବ୍ଲ୍ୟୁଇଏଫ୍)ର ସଭାପତି ଏବଂ ସିଇଓ ବର୍ଜ ବ୍ରେଣ୍ଡେ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବର୍ତ୍ତମାନ ସାରା ବିଶ୍ୱରେ ଦେଖାଯାଉଥିବା ଅର୍ଥନୈତିକ ଅସ୍ଥିରତା ସମ୍ପର୍କରେ ଆଲୋକପାତ କରିଥିଲେ ବ୍ରେଣ୍ଡେ। ସେ କହିଥିଲେ ବର୍ତ୍ତମାନର ଭୂ-ରାଜନୈତିକ ପୃଷ୍ଠଭୂମି ସତ୍ତ୍ୱେ, ବିଶ୍ୱ ଅର୍ଥନୀତି ଆଶାଠାରୁ ଅଧିକ ସ୍ଥିର। କିଛି ସ୍ଥିତି ଅଭିବୃଦ୍ଧିକୁ ଗତି ଦେଉଛନ୍ତି। ତେବେ ବୃହତ ଅର୍ଥନୀତି ମଧ୍ୟରେ ଭାରତର ସ୍ଥାନ ଉଜ୍ଜ୍ୱଳ ରହିଛି। ଯଦି ଏହିପରି ସ୍ଥିତି ଜାରି ରହେ, ତେବେ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବ। ଯାହାର ଜିଡିପି ୫ ଟ୍ରିଲିୟନ ଡଲାର ହେବ। ବୋଧହୁଏ ଚଳିତ ବର୍ଷ ଭାରତ ଏହି ସଫଳତା ପାଇପାରେ ବୋଲି ସେ କହିଛନ୍ତି। ସେହିପରି ଅର୍ଥନୈତିକ ଅଭିବୃଦ୍ଧିରେ ବାଧକ ସାଜିବାର ଦୁଇଟି ପ୍ରମୁଖ କାରଣ ବିଷୟରେ ମଧ୍ୟ ଆଲୋଚନା କରିଥିଲେ ବିଶ୍ୱ ଅର୍ଥନୈତିକ ଫୋରମର ସଭାପତି ବର୍ଜ ବ୍ରେଣ୍ଡେ। ସେ କହିଥିଲେ ଯେ ୟୁକ୍ରେନରେ ସଂଘର୍ଷ ସହ ସମ୍ଭାବ୍ୟ ପୂର୍ଣ୍ଣାଙ୍ଗ ଯୁଦ୍ଧ ସବୁଠାରୁ ଚ୍ୟାଲେଞ୍ଜିଂ କାରଣ ହେଉଛି। ଦ୍ୱିତୀୟଟି ହେଉଛି ବାଣିଜ୍ୟ ଯୁଦ୍ଧ। ଏପର୍ଯ୍ୟନ୍ତ, ବିଶ୍ୱ ଅଭିବୃଦ୍ଧି ପାଇଁ ଏହା ଭଲ ସାବ୍ୟସ୍ତ ହୋଇ ନାହିଁ। ଆମେ ଗତ ଦଶନ୍ଧିରେ ପ୍ରାୟ ୪% ଧାରା ଅଭିବୃଦ୍ଧି ଠାରୁ ବହୁତ ତଳେ ଅଛୁ। ବର୍ତ୍ତମାନ ଏହା ହୁଏତ ୩% ତଳେ ରହିଛି। ତୃତୀୟ କାରଣଟି ହେଉଛି ବିଶ୍ୱର ବର୍ଦ୍ଧିତ ଋଣ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଏତେମାତ୍ରାରେ ବିଶ୍ୱ ଋଣ ବଢ଼ିବା ଆମେ ଦେଖି ନାହୁଁ ବୋଲି ସେ କହିଛନ୍ତି।

ଟ୍ରେଡ୍ ରିସେଟ୍ ସମ୍ପର୍କରେ ମଧ୍ୟ ବ୍ରେଣ୍ଡେଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ କହିଥିଲେ ଯେ ବାଣିଜ୍ୟରେ ଏକ ସଂରଚନାତ୍ମକ ପରିବର୍ତ୍ତନ ଆସିଛି। ନିକଟ ଅତୀତରେ ଉତ୍ପାଦନ ବାଣିଜ୍ୟର ପ୍ରେରକ ଥିଲା, କିନ୍ତୁ ଏବେ ଆମେ ପ୍ରକୃତ ଅଭିବୃଦ୍ଧି ଦେଖୁଛୁ ଡିଜିଟାଲ୍ ବାଣିଜ୍ୟ ଏବଂ ସେବା କ୍ଷେତ୍ରରେ। ଏଗୁଡ଼ିକ ଉତ୍ପାଦନ ବାଣିଜ୍ୟ ତୁଳନାରେ ତିନି ଗୁଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏବଂ ମୁଁ ଭାବୁଛି ଭାରତ ତୁଳନାତ୍ମକ ଭାବରେ ଭଲ ପ୍ରଦର୍ଶନ କରିବାର ଏହା ଏକ କାରଣ ହୋଇପାରେ। କାରଣ ଭାରତ ସେବା ଏବଂ ଡିଜିଟାଲ ବାଣିଜ୍ୟରେ ବହୁତ ମଜଭୁତ। ତେବେ କେବଳ ଯେ ଟ୍ରମ୍ପଙ୍କ ଟାରିଫ ବିଶ୍ୱ ଅର୍ଥନୈତିରେ ଅସ୍ଥିରତା ସୃଷ୍ଟି କରୁଛି ତାହା ନୁହେଁ ବାଣିଜ୍ୟ ଲାଇସେନ୍ସ ଜନିତ ନୀତି ମଧ୍ୟ ଏଥିପାଇଁ ଦାୟୀ ବୋଲି ସେ କହିଥିଲେ।

ଏହାର ଉତ୍ତର ଦେଇ ବ୍ରେଣ୍ଡେ କହିଛନ୍ତି, ଏହାର ସଂକ୍ଷିପ୍ତ ଉତ୍ତର ହେଲା ହଁ। ଗତ ଦଶନ୍ଧିରେ, ଭାରତ ଏହାର ଜିଡିପି ଦୁଇଗୁଣ କରିଛି। ଏବଂ ଯଦି ଆଗାମୀ ବର୍ଷଗୁଡ଼ିକରେ ଏହା ୬-୭% ହାରରେ ଅଭିବୃଦ୍ଧିକୁ ବଜାୟ ରଖିପାରେ, ତେବେ ଭାରତ ଖୁବ୍ ଶୀଘ୍ର ୧୦ ଟ୍ରିଲିୟନ ଡଲାରର ଅର୍ଥନୀତି ହୋଇଯିବ। କେବଳ ସେତିକି ନୁହେଁ ବନ୍ଧୁ ସହଯୋଗ ଯୋଗୁ ମଧ୍ୟ ଭାରତର ଲାଭ ହୋଇଛି। ଏହା ବ୍ୟତୀତ, ଭାରତରେ ଜନସଂଖ୍ୟାଗତ ଲାଭାଂଶ ହେତୁ ଏକ ବିରାଟ ସୁଯୋଗ ମଧ୍ୟ ରହିଛି। ଭାରତରେ ମଧ୍ୟମ ବୟସ ୨୮ ବର୍ଷ, ପ୍ରତିବର୍ଷ କାର୍ଯ୍ୟଶକ୍ତି ବୃଦ୍ଧି ପାଉଛି, ଏବଂ ଏଠାରେ ବହୁତ ଟେକ୍ନୋଲୋଜି ଜ୍ଞାନୀ ଯୁବକ ଯୁବତୀ ଅଛନ୍ତି। ଭାରତକୁ ସରକାରୀ ନିୟନ୍ତ୍ରଣମୁକ୍ତି, ପ୍ରଶାସନିକ ପ୍ରକ୍ରିୟାର ସରଳୀକରଣ ଏବଂ ଅନାବଶ୍ୟକ ନିୟମାବଳୀ ହ୍ରାସ, ଭିତ୍ତିଭୂମିରେ ଉନ୍ନତି ଆଣିବା ଉପରେ ଅଧିକ କାମ କରିବାକୁ ପଡିବ। ଯଦି ଭାରତ ଏହା କରେ, ତେବେ ଏହା ଆଗାମୀ ଦଶନ୍ଧିଗୁଡ଼ିକରେ ଭୂରାଜନୈତିକ ଏବଂ ଭୂଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବର୍ଜ ବ୍ରେଣ୍ଡେ କହିଛନ୍ତି। ଏହାର ଉତ୍ତରରେ ବ୍ରେଣ୍ଡେ କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟାରେ ପ୍ରତ୍ୟେକ ଆଦର୍ଶଗତ ପରିବର୍ତ୍ତନ କିଛି ଚାକିରି ହ୍ରାସ କିମ୍ବା ଶେଷ କରିପାରେ, କିନ୍ତୁ ଏହା ଆହୁରି ଉଚ୍ଚ ମାନର ଅଧିକ ନିଯୁକ୍ତି ମଧ୍ୟ ସୃଷ୍ଟି କରିପାରିବ। ଉତ୍ପାଦକତା ଉପରେ ଏଆଇର ଏକ ବିରାଟ ପ୍ରଭାବ ପଡ଼ିଥାଏ। ଆମର ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଏଆଇ ସକ୍ରିୟ ଭାବରେ କାର୍ଯ୍ୟକାରୀ କଲେ ଉତ୍ପାଦକତା ୧୦% ବୃଦ୍ଧି ପାଇପାରିବ। ସେହି ଲାଭକୁ ପୁନଃନିବେଶ କରାଯାଇପାରିବ ବୋଲି ବ୍ରେଣ୍ଡେ କହିଛନ୍ତି। ଏହି ମୁହୂର୍ତ୍ତରେ କୌଣସି ପରାମର୍ଶ ଦେବା କଷ୍ଟକର, କିନ୍ତୁ ମୁଁ କହିବି ଶିକ୍ଷା, ଗବେଷଣା ଏବଂ ବିକାଶରେ ବିନିଯୋଗ କରନ୍ତୁ। ଅତ୍ୟଧିକ ଋଣଗ୍ରସ୍ତ ହେବାରୁ ଦୂରେଇ ରୁହନ୍ତୁ। ଏଥିସହିତ ଅନ୍ୟ ଦେଶମାନଙ୍କ ସହିତ ଭଲ ବାଣିଜ୍ୟ ଚୁକ୍ତିନାମା କରିବା ମଧ୍ୟ ଆବଶ୍ୟକ। କାରଣ ବହୁପକ୍ଷୀ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଁ ଅନାବଶ୍ୟକ ପ୍ରଶାସନିକ କଟକଣାକୁ ଏଡ଼ାଇବାକୁ ପରାମର୍ଶ ଦେବି। ଭିତ୍ତିଭୂମିରେ ନିବେଶ, ସୁଶାସନ, ଉତ୍କୃଷ୍ଟ ଅଦାଲତରେ ମଧ୍ୟ ବିନିଯୋଗ କରିବାକୁ ପରାମର୍ଶ ଦେବି।

## ଦୀର୍ଘ ସ୍ଥାୟିତ୍ୱ ଓ ମାନବ ଅଧିକାର ପ୍ରତି ଟାଟା ଷ୍ଟିଲ୍ ଦୃଢ଼ପ୍ରତିବଦ୍ଧ



ଭୁବନେଶ୍ୱର,୮।୭(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ମୂଲ୍ୟବୋଧ ନୀତି ଆଧାରରେ ମାନବ ଅଧିକାର ଓ ପରିବେଶ ଉପଯୋଗୀ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇ ବ୍ୟବସାୟ ଅଭ୍ୟାସକୁ ନୂଆ ଆକାର ପ୍ରଦାନ କରାଯାଉଛି। ସହଭାଗୀମାନଙ୍କ ସହ ଆଲୋଚନା ଜରିଆରେ ପରିବେଶ ଅନୁକୂଳ ଦିଗରେ ଦୀର୍ଘ ମିଆଦି ରଣନୀତି ପ୍ରସ୍ତୁତ କରାଯାଇ ସାମାଜିକ ଓ ପରିବେଶ ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ପ୍ରାଥମିକତାର ସହ ସମାଧାନ କରାଯାଉଛି। କାର୍ଯ୍ୟକ୍ଷେତ୍ରରେ ପରିବେଶ ପ୍ରଦୂଷଣ ହ୍ରାସ କରିବା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଅନେକ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଇଣ୍ଡଷ୍ଟ୍ରିଆଲ୍ ବାଇ-ପ୍ରଡକ୍ଟସ୍ ମ୍ୟାନେଜମେଂଟ୍ ଡିଭିଜନ ଓ ଷ୍ଟିଲ୍ ରିସାଇକ୍ଲିଂ ବ୍ୟବସାୟ ସ୍କ୍ରାପ୍ ବ୍ୟବହାରରେ ଉନ୍ନତି ଆଣିବା ସହିତ ବାଇ-ପ୍ରଡକ୍ଟ (ଉପଉତ୍ପାଦ)ର ପୁନଃ ବ୍ୟବହାର କରାଯାଇ ବର୍ଜ୍ୟ ପରିଚାଳନା ପ୍ରତି ପ୍ରଭାବଶାଳୀ ଯୋଗଦାନ ପ୍ରଦାନ କରାଯାଇ ପାରୁଛି। ଏଥିରେ କମ୍ପାନି ପକ୍ଷରୁ ଲୁଧିଆନାରେ ଏକ ଲୋ-ଏମିସନ ଇସ୍ପାତ ଉତ୍ପାଦନ କାରଖାନା ସ୍ଥାପନ କରାଯାଇଥିବା ବେଳେ ବ୍ଲାଷ୍ଟ ଫର୍ଣ୍ଣେସ୍ ପରିଚାଳନାକୁ ଡିକାର୍ବନାଇଜ୍ କରାଯାଇଛି। ସେହିପରି ରିଡ୍ୟୁସ୍, ରିୟୁଜ୍, ରିସାଇକଲ୍ ଓ ରିପ୍ଲେନିସ୍‌କୁ ନେଇ ପ୍ରସ୍ତୁତ '୪-ଆର୍ ଫ୍ରେମ୍‌ୱର୍କ' ଟାଟା ଷ୍ଟିଲ୍‌କୁ ମଧୁର ଜଳ ଉପଯୋଗ କମ୍ କରିବା ଏବଂ ବର୍ଷାଜଳ ସରଞ୍ଜନ ଜରିଆରେ ଭୂତଳ ଜଳସ୍ତରରେ ଉନ୍ନତି ଆଣିବାରେ ମାର୍ଗଦର୍ଶନ କରୁଛି। ୱେଷ୍ଟ ହିଟ୍ ରିକଭରି ଓ ଅକ୍ଷୟ ଶକ୍ତି ପାଇଁ କମ୍ପାନି ଅଭିନବ ପ୍ରଯୁକ୍ତି ଗ୍ରହଣ କରିଛି, ଯାହା ପରିଚାଳନା ଶକ୍ତି ଦକ୍ଷତାରେ ଉନ୍ନତି ଆଣୁଛି।

## ଟ୍ରମ୍ପ୍‌ଙ୍କ ପାଇଁ କ୍ଷତିରେ ଆମେରିକା

# ପର୍ଯ୍ୟଟନ କ୍ଷେତ୍ରକୁ ୫ ଲକ୍ଷ କୋଟିର ଝଟ୍‌କା

ନୂଆଦିଲ୍ଲୀ,୮।୭(ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରଠାରୁ ଆମେରିକା ନୂତନ ସଙ୍କଟର ସମ୍ମୁଖୀନ ହେଉଛି। କେତେବେଳେ ଏହି ସଙ୍କଟ ଏତେ ବଡ଼ ହୋଇଛି ଯେ ସମଗ୍ର ବିଶ୍ୱକୁ ଶୁଳ୍କ ଆକାରରେ ଏହାର ସମ୍ମୁଖୀନ ହେବାକୁ ପଡ଼ିଛି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ସାରା ବିଶ୍ୱର ପର୍ଯ୍ୟଟକମାନେ ଆଉ ଆମେରିକାକୁ ଭ୍ରମଣରେ ଯିବାକୁ ପସନ୍ଦ କରୁନାହାଁନ୍ତି। ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନର ବାଣିଜ୍ୟ ନୀତି ଯୋଗୁଁ ଆମେରିକା ପର୍ଯ୍ୟଟନ ୬୪ ବିଲିୟନ ଡଲାର ବା ୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିପାରେ। ତେଣୁ ଟ୍ରମ୍ପଙ୍କ ନୀତି ଯୋଗୁଁ ଆମେରିକାର ପର୍ଯ୍ୟଟନ କ୍ଷେତ୍ର ଏକ ଗମ୍ଭୀର ସଙ୍କଟ ଆଡକୁ ଗତି କରୁଛି।

ଅକ୍ସଫୋର୍ଡ ଇକୋନୋମିକ୍ସର ସହଯୋଗୀ ପର୍ଯ୍ୟଟନ ଅର୍ଥନୀତିର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଅନ୍ତର୍ଜାତୀୟ ଏବଂ ଘରୋଇ ଯାତ୍ରାରେ ହ୍ରାସ ଯୋଗୁଁ ଆମେରିକା ଚଳିତ ବର୍ଷ ୬୪ ବିଲିୟନ ଡଲାର ପର୍ଯ୍ୟନ୍ତ କ୍ଷତି ସହିପାରେ। ୨୦୨୪ ତୁଳନାରେ ୨୦୨୫ରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୫.୧% ହ୍ରାସ ପାଇବାର ସମ୍ଭାବନା ରହିଛି, ଯେତେବେଳେ କି ପୂର୍ବରୁ ଏହା ୮.୮% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା। ଏହି କାରଣରୁ, ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ପରିମାଣ ମଧ୍ୟ ୧୦.୯% ହ୍ରାସ ପାଇବାର ସମ୍ଭାବନା ରହିଛି, ଯାହା କେବଳ ୨୦୨୫ରେ ୧୮ ବିଲିୟନ ଡଲାର କ୍ଷତି ଘଟାଇପାରେ। ଆମେରିକୀୟ ପର୍ଯ୍ୟଟନ ଅର୍ଥନୀତିର ଅଧ୍ୟକ୍ଷ ଆଡାମ ସାକ୍ସଙ୍କ ଅନୁଯାୟୀ, ଆମେରିକା ପ୍ରତି ନକାରାତ୍ମକ ଭାବନା ଆହୁରି ବୃଦ୍ଧି ପାଇଛି ଏବଂ ଟ୍ରମ୍ପ ପ୍ରଶାସନର ନୀତି ମୁଖ୍ୟତଃ ଏଥିପାଇଁ ଦାୟୀ। କାନାଡା, ମେକ୍ସିକୋ, ଚୀନ୍ ଏବଂ ୟୁରୋପୀୟ ସଂଘ ଉପରେ ନୂତନ ଶୁଳ୍କ ଲାଗୁ ଏବଂ କଠୋର ପ୍ରବାସ ନିୟମ ଯୋଗୁଁ ଆମେରିକା ଆଉ ପର୍ଯ୍ୟଟନସ୍ଥଳ ନୁହେଁ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୟୁଏସ୍‌ଏଆଇଡିଭଳି ସଂଗଠନରେ ବଜେଟ୍ ହ୍ରାସ, ନାଗରିକ ସେବାରେ ହ୍ରାସ ଏବଂ ୟୁକ୍ରେନ ଏବଂ ଗାଜା ଭଳି ଅନ୍ତର୍ଜାତୀୟ ପ୍ରସଙ୍ଗରେ ବିବାଦୀୟ ନୀତି ମଧ୍ୟ ବିଶ୍ୱରେ ଆମେରିକାର ପ୍ରତିଛବିକୁ ଖରାପ କରିଛି। ଏପରି ପରିବେଶରେ ଅନେକ ବିଦେଶୀ ପର୍ଯ୍ୟଟକ ଆମେରିକା ଯିବାକୁ ଏଡ଼ାଇ ଯାଉଛନ୍ତି ଏବଂ ଅନେକ ସଂଗଠନ ଆମେରିକାରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପଛଘୁଞ୍ଚା ଦେଉଛନ୍ତି।

**ଆମେରିକାକୁ ଭ୍ରମଣରେ ଯିବାକୁ ପସନ୍ଦ କରୁନାହାନ୍ତି ପର୍ଯ୍ୟଟକ**

ବିଶ୍ୱ ପର୍ଯ୍ୟଟନ ଫୋରମ୍ ଆହୁରିମଧ୍ୟ ମଧ୍ୟ ସତର୍କ କରାଇଦେଇଛି ଯେ ବୈଶ୍ୱିକ ଉତ୍ତେଜନା, କଠୋର ଭିସା ନିୟମ ଏବଂ ଡଲାର ମୂଲ୍ୟ ସୁଦୃଢ଼ ରହିବା ଦୀର୍ଘକାଳୀନ ଭାବରେ ଆମେରିକାର ପର୍ଯ୍ୟଟନ ସମ୍ଭାବନାକୁ ପ୍ରଭାବିତ କରିପାରେ। ଡିସେମ୍ବରରେ 'ୟୁ ଗଭ୍' ଦ୍ୱାରା କରାଯାଇଥିବା ଏକ ସର୍ଭେରେ, ୟୁରୋପ ଏବଂ ଏସିଆର ୧୬ଟି ଦେଶର ୩୫% ଲୋକ କହିଛନ୍ତି ଯେ ସେମାନେ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ଭ୍ରମଣରେ ଯିବାକୁ କମ୍ ଆଗ୍ରହୀ, ଯେତେବେଳେ କି କେବଳ ୨୨% ଏଥିପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ତଥାପି, ସମସ୍ତେ ଟ୍ରମ୍ପଙ୍କ ନୀତି ଦ୍ୱାରା ପ୍ରଭାବିତ ହୋଇନାହାଁନ୍ତି। ଟାଇମ୍ସ ସ୍କୋୟାରରେ ଏଏଫ୍‌ପି ଦ୍ୱାରା କରାଯାଇଥିବା ଏକ ସର୍ଭେ ରିପୋର୍ଟ



ଅନୁଯାୟୀ, ଫ୍ରାନ୍ସ, ଉଜବେକିସ୍ତାନ ଏବଂ ଆର୍ଜେଣ୍ଟିନାର ପର୍ଯ୍ୟଟକମାନେ କହିଛନ୍ତି ଯେ ଟ୍ରମ୍ପଙ୍କ ନୀତି ସେମାନଙ୍କର ଯାତ୍ରା ନିଷ୍ପତ୍ତି ଉପରେ କୌଣସି ପ୍ରଭାବ ପକାଇ ନାହିଁ। ତଥାପି, ଅନେକ ପର୍ଯ୍ୟଟକ ଏବେ ଆମେରିକା ପରିବର୍ତ୍ତେ ଅନ୍ୟ ଦେଶକୁ ଯାତ୍ରା କରିବାକୁ ଚିନ୍ତା କରୁଛନ୍ତି। ବହୁତ ଦିନ ଧରି ଆମେରିକା ଗସ୍ତ କରୁଥିବା କାନାଡାର ପର୍ଯ୍ୟଟକଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଷ୍ଟାଟିଷ୍ଟିକ୍ସ କାନାଡା ଅନୁଯାୟୀ, ଫେବୃଆରୀରେ ଆମେରିକା ଫେରିଥିବା କାନାଡାର ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୩% ହ୍ରାସ ଘଟିଛି, ଯାହା ଲଗାତାର ଦ୍ୱିତୀୟ ମାସ ହ୍ରାସ ପାଇଛି। ଏହାବ୍ୟତୀତ, ବ୍ରିଟେନ ଏବଂ ଜର୍ମାନୀ ଭଳି ପଶ୍ଚିମ ୟୁରୋପର ପର୍ଯ୍ୟଟକମାନେ ମଧ୍ୟ ଏବେ ଅନ୍ୟ ବିକଳ୍ପ ଖୋଜୁଛନ୍ତି। ଉଭୟ ଦେଶ ସେମାନଙ୍କର ନାଗରିକମାନଙ୍କୁ ଆମେରିକା ଯାତ୍ରା କଲେ ସମ୍ଭାବ୍ୟ ଗିରଫଦାରୀର ବିପଦ ବିଷୟରେ ସତର୍କ କରାଇ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ


- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୧- ଦକ୍ଷିଣ ଆଫ୍ରିକାକୁ ଅଲମ୍ପିକ୍ ଖେଳରେ ଅଂଶ ଗ୍ରହଣ ପାଇଁ ପୁଣି ଥରେ ଅନୁମତି ମିଳିଲା।
- ୨୦୦୨-'ଅର୍ଗାନାଇଜେସନ୍ ଅଫ୍ ଆଫ୍ରିକାନ୍ ୟୁନିଟି'ର ନାମ ବଦଳାଇ 'ଆଫ୍ରିକାନ୍ ୟୁନିଅନ୍' ରଖାଗଲା।



# 'ରାମାୟଣ'
## ରଣବୀର ନେବେ ୧୫୦ କୋଟି

ନୀତେଶ ତିୱାରିଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ରାମାୟଣ'ର ଟିଜର୍ ଜାରି ହେବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଶେଷକରି ଏହାର ସଙ୍ଗୀତ ଓ ଉଚ୍ଚ କୋଟୀର ଭିଏଫ୍ଏକ୍ସ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଦର୍ଶକେ ଏବେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଭାରତୀୟ ସିନେମା ଇତିହାସରେ ଏହାକୁ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ଦୁଇଟି ପାର୍ଟର ନିର୍ମାଣରେ ପାଖାପାଖି ୧୬୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଥମ ପାର୍ଟ ପାଇଁ ୯୦୦ କୋଟି ଓ ଦ୍ୱିତୀୟ ପାର୍ଟ ପାଇଁ ୭୦୦ କୋଟି ଖର୍ଚ୍ଚ କରାଯିବ। ତେବେ ଏହାର ଦ୍ୱିତୀୟ ପାର୍ଟରେ କମ୍ ଖର୍ଚ୍ଚ ହେବାର କାରଣ ହେଉଛି ପ୍ରଥମ ପାର୍ଟରେ ଯେଉଁ ଜିନିଷ ଓ ସେଟ୍ ବ୍ୟବହାର କରାଯାଇଛି ଏହାର ଦ୍ୱିତୀୟ ପାର୍ଟରେ ବି କାମ ଦେବ। ସେହିଭଳି ଏହି ଫିଲ୍ମର ବଜେଟ୍ ବଢ଼ିଯିବାର କାରଣ ଏହାର କଳାକାରମାନେ ମଧ୍ୟ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନେଇଛନ୍ତି। ଏଥିରେ ଭଗବାନ ରାମଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ରଣବୀର କପୁର ପାରିଶ୍ରମିକ ବାବଦରେ ଦୁଇଟି ପାର୍ଟରୁ ୭୫- ୭୫ କୋଟି ଲେଖାଏଁ ସମୁଦାୟ ୧୫୦ କୋଟି ନେବେ। ସେହିଭଳି ସୀତା ଭୂମିକାରେ ଅଭିନୟ କରୁଥିବା ସାଇପଲ୍ଲବୀ ଦୁଇଟି ପାର୍ଟ ପାଇଁ ୧୨ କୋଟି ନେବେ। ଯଦିଓ ରାବଣ ଭୂମିକା ପାଇଁ ୟଶ୍ କେତେ ନେବେ ତାହା ସ୍ପଷ୍ଟ ହୋଇ ନାହିଁ କିନ୍ତୁ ସେ ପାରିଶ୍ରମିକ ବାବଦରେ ୨୦୦ କୋଟିରୁ ଅଧିକ ଟଙ୍କା ଦାବି କରିପାରନ୍ତି ବୋଲି କୁହାଯାଉଛି। ତେବେ ରାମାୟଣର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ।


# ୮୧ ବର୍ଷ ପରେ ଫେରିଲା ବହି




ଅଧିକାଂଶ ଲୋକ ପାଠାଗାରରୁ ବହି ଆଣି ପଢ଼ିବାକୁ ଭଲପାଆନ୍ତି। ଅବଶ୍ୟ ଏଠାରୁ ଅଣାଯାଉଥିବା ପୁସ୍ତକଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଫେରସ୍ତ କରିବାର ନିୟମ ଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ଲାଇବ୍ରେରୀରୁ ନେଇଥିବା ପୁସ୍ତକକୁ ଦୀର୍ଘ ୮୧ ବର୍ଷ ପରେ ଫେରାଇବାରୁ ୱାଶିଂଟନ ଲାଇବ୍ରେରୀର କର୍ମଚାରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଏନେଇ ଟିମ୍ବରଲ୍ୟାଣ୍ଡ ରିଜନାଲ ଲାଇବ୍ରେରୀ ପକ୍ଷରୁ କୁହାଯାଇଛି, ଏବରଡିନ୍ ଟିମ୍ବରଲ୍ୟାଣ୍ଡ ଲାଇବ୍ରେରିର ଲାଇବ୍ରେରିୟାନଙ୍କ ପାଖକୁ ଚାଲର୍ସ ନଡହଫ୍ ଏବଂ ଜେମସ୍ ନର୍ମନଙ୍କ 'ଦ ବାଓଁଟି ଟ୍ରିଲଜି' ପୁସ୍ତକ ଫେରି ଆସିଛି। ଏହି ବହି ଭିତରେ ଏକ କାର୍ଡ ଥିଲା। କାର୍ଡରୁ ବହିଟି ମାର୍ଚ୍ଚ ୩୦, ୧୯୪୨ରେ ଇସ୍ୟୁ କରାଯାଇଥବା ଜଣାପଡ଼ିଛି। ଏହା ଘରର ଏକ ଷ୍ଟୋରେଜ୍ ୟୁନିଟ୍‌ରୁ ମିଳିଥିବା ବହି ଫେରାଇଥିବା ବ୍ୟକ୍ତି ଜଣକ କହିଛନ୍ତି। ବହି ନେଇଥିବା ବ୍ୟକ୍ତି ଜଣକ ସମୀକ୍ଷା କରି ଏହାର ପ୍ରଚ୍ଛଦପୃଷ୍ଠାରେ ମଧ୍ୟ ଲେଖିଥିଲେ। ଯାହାକୁ ଲାଇବ୍ରେରିୟାନ୍ ଜଣକ ପଢ଼ି ଆଶ୍ଚର୍ଯ୍ୟ ହୋଇଛନ୍ତି। ମୋତେ ଟଙ୍କା ମିଳିଲେ ବି ଏହି ବହିକୁ ପଢ଼ି ନ ଥାନ୍ତେ ବୋଲି ଏଥିରେ ଲେଖା ଥିଲା। ଏନେଇ ଲାଇବ୍ରେରୀର ଜଣେ ଅଧିକାରୀ କହିଛନ୍ତି, ଯଦି ଫାଇନ୍ କଥା ଉଠିବ, ୧୯୪୨ ମସିହା ଅନୁସାରେ, ଏବେ ୪୦ ହଜାର ଟଙ୍କା ହେଉଛି। ହେଲେ ପାଠାଗାର କୋଭିଡ୍ ୧୯ ମହାମାରୀଠାରୁ ଲେଟ୍ ଫି'କୁ ବନ୍ଦ କରି ଦେଇଛି। ଅନ୍ୟପଟେ ପାଠାଗାର ଏକ ଫେସ୍‌ବୁକ୍ ପୋଷ୍ଟରେ ଏହି କାହାଣୀରୁ କି ଶିକ୍ଷା ମିଳିଲା ସେ ସମ୍ପର୍କରେ ଦର୍ଶାଇଛି। ପାଠାଗାର ପକ୍ଷରୁ କୁହାଯାଇଛି ଯେ, 'ଯଦି ବହି ଉପରେ ଧୂଳିମଳି ଜମି ରହିଛି, ତାହାକୁ ପାଠାଗାରକୁ ଫେରାଇବା ଉଚିତ ହେବ। ଆମେ ଏହାକୁ ନେଇଯିବୁ। ପୁରସ୍କାର ବାବଦକୁ ଉକ୍ତ ବ୍ୟକ୍ତିଙ୍କଠାରୁ କୌଣସି ଫାଇନ୍ ଆଦାୟ କରାଯିବ ନାହିଁ।'

## ଆଜି ଆସିଥିଲେ

# ବାଣୀକଣ୍ଠ ନିମାଇଁ ହରିଚନ୍ଦନ



ନିମାଇଁ ହରିଚନ୍ଦନ ଏକାଧାରରେ ଥିଲେ ଜଣେ ଭକ୍ତ, କବି ଓ ଗାୟକ। ବିଭୁ ସଙ୍ଗୀତ ଗାନ କରି ସେ ଅଗଣିତ ଜନମାନସକୁ ଭକ୍ତିରସରେ ରସାଣିତ କରି ଦେଉଥିଲେ। ନିଜର ସଙ୍ଗୀତ ସାଧନା ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ। ଯେ କେହିବି ତାଙ୍କ ସଙ୍ଗୀତ ଶୁଣିଛନ୍ତି ସେ ଜଗନ୍ନାଥମନସ୍କ ହୋଇପଡ଼ିଛନ୍ତି ନିଶ୍ଚୟ। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ପାରମ୍ପରିକ ସଂଗୀତ, ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ହରିଚନ୍ଦନ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ୧୯୩୩ ମସିହାରେ ତାଙ୍କ ସମଧୁର ସଙ୍ଗୀତଗୁଡ଼ିକ ଏଚ୍ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡକା କିମ୍ପା ଡକା ନ ଶୁଣ', 'ନୀଳସିନ୍ଧୁ ତୀରେ', 'କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ ନିମାଇଁ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ। ୧୯୩୮ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ଦେହାନ୍ତ ହୋଇଥିଲା।

# ସମ୍ଭାବନା




# ଶୁଣିବା ଏକ କଳା

କୌଣସି କଥାକୁ ମନ ଧ୍ୟାନରେ ଶୁଣିବା ମଧ୍ୟ ଏକ କଳା। ଯେଉଁମାନେ ମନ ଧ୍ୟାନ ଦେଇ କୌଣସି କଥା ଶୁଣନ୍ତି, ସେମାନେ କଥାକୁ ଭଲଭାବେ ବୁଝିଥାନ୍ତି। ତା'ସହ ସେମାନଙ୍କୁ ପ୍ରଶ୍ନର ଉତ୍ତର ଦେବାରେ ସମସ୍ୟା ହୋଇ ନ ଥାଏ। ସେହିପରି ଧ୍ୟାନରେ କଥା ଶୁଣିବା ଦ୍ୱାରା ସମ୍ପର୍କ ମଜଭୁତ ହୁଏ। ଏହି ଅଭ୍ୟାସ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସାହାଯ୍ୟ କରେ। କାହା ସହିତ କଥା ହେବା ସମୟରେ ସାମ୍ନାବାଲାଙ୍କୁ କଥା ମଝିରେ ରୋକିବାକୁ ଚେଷ୍ଟା କରନ୍ତୁ ନାହିଁ। ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହା ଦ୍ୱାରା ବିଶ୍ୱାସ ସୃଷ୍ଟି ହୁଏ। ଲୋକଙ୍କ ଉପରେ ଭରସା ଆସେ। କଥାବାର୍ତ୍ତା ସମୟରେ ଫୋନ୍ ଆଦି ଦେଖନ୍ତୁ ନାହିଁ। ଏହା ଦ୍ୱାରା ଶୁଣୁଥିବା ଲୋକ ଅସହଜ ମନେ କରନ୍ତି। ଯାହାଙ୍କ ସହିତ କଥା ହେଉଛନ୍ତି, କଥା ଶେଷ ହେବା ପରେ ହିଁ ପ୍ରଶ୍ନ କରନ୍ତୁ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।



# ଅନଲାଇନ୍ ପଢ଼ାର ଲାଭ

**କରୋନା ଆସିବାରୁ ଅନଲାଇନ୍ ପାଠପଢ଼ାର ଗୁରୁତ୍ୱ ବଢ଼ିଲା। ଏବେ ପ୍ରାୟ ସମସ୍ତେ ପାଠପଢ଼ାର ଏହି ନୂଆଶୈଳୀକୁ ପସନ୍ଦ କରୁଛନ୍ତି। ଅବଶ୍ୟ ଏହି ପଢ଼ାର ଅନେକ ଭଲ ଦିଗ ବି ଅଛି।**



- ଅନଲାଇନ୍ ପଢ଼ାରେ ପିଲା କେଉଁଠୁ ବି ବସି ପାଠ ପଢ଼ିପାରିବେ। ଏହା ଦ୍ୱାରା ସମୟ ଓ ଖର୍ଚ୍ଚ ସଞ୍ଚୟ ହୁଏ।
- ସେହିପରି ଅନଲାଇନ୍ କ୍ଲାସ୍ ରେକର୍ଡେଡ୍ ହୋଇଥାଏ। ପିଲା ଅଡିଓ ଭିଜୁଆଲ ମାଧ୍ୟମରେ କଠିନ ବିଷୟକୁ ମଧ୍ୟ ସହଜରେ ବୁଝିଥାନ୍ତି।
- ଅନଲାଇନ୍‌ରେ ଅନେକ ଫ୍ରି କୋର୍ସ ଏବଂ ଷ୍ଟଡି ମ୍ୟାଟେରିଆଲ ଉପଲବ୍ଧ ଥାଏ।
- ଏଥିରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଆସେ।
- ଭିଡିଓ କନଫରେନ୍ସ ମାଧ୍ୟମରେ ପାଠ ପଢ଼ିବା ଦ୍ୱାରା ପିଲାଙ୍କଠାରେ ଆତ୍ମବିଶ୍ୱାସ ବୃଦ୍ଧିପାଏ।
- ଅନ୍‌ଲାଇନ୍ ପଢ଼ାରେ ପିଲା ଟେକ୍ନୋଲୋଜିର ଉପଯୋଗ ଭଲ ଭାବେ ଶିଖନ୍ତି। ଆପ୍, ସର୍ଚ୍ଚ ଟୁଲ ଏବଂ ଡିଜିଟାଲ ପ୍ଲାଟଫର୍ମ ବିଷୟରେ ଜାଣନ୍ତି।
- ଅନଲାଇନ୍ ପଢ଼ାରେ କେବଳ ଇଣ୍ଟରନେଟ୍ ଏବଂ ଡିଭାଇସ୍ ଦରକାର ହୁଏ। ତେଣୁ କମ୍ ସଂସାଧନରେ ପାଠପଢ଼ା ସମ୍ଭବପର।

# ଡିଜିଟାଲ ଅଭ୍ୟାସ



**ଏବର ଯୁଗ ଡିଜିଟାଲ ଯୁଗ। ପଢ଼ାଠୁ ଆରମ୍ଭ କରି ସପିଂ ପର୍ଯ୍ୟନ୍ତ ସବୁ କାମ ଡିଜିଟାଲ ମାଧ୍ୟମରେ ହୋଇପାରୁଛି। ତେବେ କିଛି ଡିଜିଟାଲ ଅଭ୍ୟାସ ଏଭଳି ଅଛି, ଯାହାକୁ ଆପଣାଇବା ଦ୍ୱାରା ଜୀବନ ଆହୁରି ସହଜ ହୋଇପାରିବ।**

**ଡିଜିଟାଲ କ୍ୟାଲେଣ୍ଡର:** ଗୁଗଲ କ୍ୟାଲେଣ୍ଡର ଭଳି ଆପ୍‌ରେ କାମ ଓ ମିଟିଂ ସହ ଜଡ଼ିତ ରିମାଇଣ୍ଡର ସେଟ୍ କରିବା ଦ୍ୱାରା କୌଣସି କାମକୁ ଭୁଲି ହୁଏ ନାହିଁ। ଏହା ଦ୍ୱାରା ଟାଇମ୍ ମ୍ୟାନେଜମେଣ୍ଟ ଏବଂ ପ୍ରଡକ୍ଟିଭିଟି ବୃଦ୍ଧି ପାଏ।

**ଅନଲାଇନ୍ ପେମେଣ୍ଟ:** ୟୁପିଆଇ ମାଧ୍ୟମରେ ପାଣି ଓ ମୋବାଇଲ ଭଳି ଅନ୍ୟାନ୍ୟ ବିଲ୍ ସମୟରେ ପେମେଣ୍ଟ କରିବା ସହଜ। ଅଟୋ-ପେ ସେଟ୍ କରିବା ଦ୍ୱାରା ପେମେଣ୍ଟ କରିବା ମନେ ରହେ।

**ଅନଲାଇନ ବ୍ୟାଙ୍କିଂ:** ୟୁପିଆଇ, ମୋବାଇଲ, ନେଟ୍ ବ୍ୟାଙ୍କିଂ ସୁବିଧା ଯୋଗୁଁ ବ୍ୟାଙ୍କରେ ଲୋକଙ୍କୁ ଆଉ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁ ନାହିଁ। ଏହାର ଉପଯୋଗ ଦ୍ୱାରା ସମୟ ସଞ୍ଚୟ ହୁଏ।

**କ୍ଲାଉଡ୍ ଷ୍ଟୋରେଜ୍:** ଜରୁରି ଡକ୍ୟୁମେଣ୍ଟକୁ ଗୁଗଲ ଡ୍ରାଇଭ କିମ୍ବା ଡ୍ରପ୍ ବକ୍ସରେ ଅପଲୋଡ୍ କରିପାରିବେ। ଏହା ଦ୍ୱାରା ଫାଇଲ ସବୁବେଳେ ପାଖରେ ରହିବ।

**ହେଲଥ୍ ଆପ୍:** ଗୁଗଲ ଫିଟ୍ ବା ଆପଲ ହେଲଥ୍ ଭଳି ଆପ୍ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧିତ ତଥ୍ୟକୁ ମନିଟର କରିପାରିବେ। ଏହା ଦ୍ୱାରା ଜଣେ କେତେ ବାଟ ଚାଲୁଛନ୍ତି, ନିଦ, ହାର୍ଟ ରେଟ୍ ଆଦି ଉପରେ ନଜର ରଖିବା ସମ୍ଭବ।

**ଅନଲାଇନ୍ ଲର୍ଣ୍ଣିଂ:** ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମ ଏବେ ଅନଲାଇନ ଲର୍ଣ୍ଣିଂକୁ ସହଜ କରୁଛି। ଏହି ଅଭ୍ୟାସ ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବା ଦିଗରେ ସାହାଯ୍ୟ କରେ।


**ଡିଜିଟାଲ ଡିଟକ୍ସ:** ଶେଷରେ ପ୍ରତ୍ୟେକ ଦିନ କିଛି ଘଣ୍ଟା ବିନା ସ୍କ୍ରିନ୍‌ରେ ସମୟ ଅତିବାହିତ କରନ୍ତୁ। ଏହାଦ୍ୱାରା ମାନସିକ ଥକ୍କାପଣ ଦୂର ହୁଏ।

# ପଦୋନ୍ନତି ନ ମିଳିବାର କାରଣ

**ପ୍ରତ୍ୟେକ କର୍ମଚାରୀ ଅଫିସ୍‌ରେ ଶୀଘ୍ର ପଦୋନ୍ନତି ପାଇବା ଆଶା ରଖନ୍ତି। ସେଥିପାଇଁ ଅନେକ କର୍ମଚାରୀ ବହୁତ ପରିଶ୍ରମ କରିଥାନ୍ତି। ବେଳେବେଳେ କର୍ମଚାରୀଙ୍କ କିଛି ଆଚରଣ ସେମାନଙ୍କ ପଦୋନ୍ନତିରେ ବାଧକ ସାଜିଥାଏ।**

- ବିଳମ୍ବରେ ଅଫିସ୍ ଆସିବା ତଥା ନିର୍ଦ୍ଧାରିତ ସମୟରେ କାମ ପୂରା କରିପାରୁ ନ ଥିବା କର୍ମଚାରୀଙ୍କୁ ପଦୋନ୍ନତି ପାଇବାରେ ଅସୁବିଧା ହୁଏ।
- ଯେଉଁ କର୍ମଚାରୀ କୌଣସି ନୂତନ ପରିକଳ୍ପନା କରନ୍ତି ନାହିଁ, ସେମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହୁଏ।
- ସମୟ ସହିତ ତାଳ ଦେଇ ଚାଲୁ ନ ଥିବା ଓ ନୂତନ ଆହ୍ୱାନକୁ ଗ୍ରହଣ କରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ମିଳି ନ ଥାଏ।
- ଅଫିସ୍‌ରେ ଟିମ୍ ସହିତ କାମ କରିବାରେ ପଛୁଆ ରହୁଥିବା କର୍ମଚାରୀଙ୍କୁ ପଦୋନ୍ନତି ମିଳିବା ସହଜ ହୋଇ ନ ଥାଏ।
- ଅଫିସ୍‌ରେ ପର ଚର୍ଚ୍ଚା ତଥା ଅନ୍ୟ ସହକର୍ମୀଙ୍କ ନିନ୍ଦା କରୁଥିବା କର୍ମଚାରୀଙ୍କର ପଦୋନ୍ନତି ଅଟକି ଥାଏ।
- ସହକର୍ମୀ, ଗ୍ରାହକ ତଥା ମାଲିକଙ୍କ ସହ ଭଲ କଥାବାର୍ତ୍ତା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ଶୀଘ୍ର ପଦୋନ୍ନତି ମିଳେ ନାହିଁ।





# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

# ଲର୍ଡ୍ସ ଲଢ଼େଇ ଲାଗି ଭାରତ ପ୍ରସ୍ତୁତ

ଲର୍ଡ୍ସ, ୮।୭ (ଏଜେନ୍ସି)



ଏଜ୍‌ବାଷ୍ଟନରେ ରେକର୍ଡ ୩୩୬ ରନ୍ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରି ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ସମାନସ୍ତରରେ ରହିଛି। ଏହି ସିରିଜ୍‌ରେ ଆଉ ୩ଟି ଟେଷ୍ଟ ଖେଳାଯିବାକୁ ବାକି ରହିଛି। କିନ୍ତୁ ୫୮ ବର୍ଷରେ ଭାରତ ଏଜ୍‌ବାଷ୍ଟନରେ ପ୍ରଥମ ଟେଷ୍ଟ ଜିତି ବେଶ ଆତ୍ମବିଶ୍ୱାସ ପାଇଛି। ଏହି ଆତ୍ମବିଶ୍ୱାସକୁ ନେଇ ଦଳ କ୍ରିକେଟର ସବୁଠାରୁ ପୁରୁଣା ଷ୍ଟାଡିୟମ୍ ବା ଅନ୍ୟ ଭାଷାରେ କହିବାକୁ ଗଲେ କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡସରେ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଟେଷ୍ଟରେ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ଦିଆଯାଇ ନ ଥିଲା। କିନ୍ତୁ ଲର୍ଡସ କିମ୍ବା ଅନ୍ୟ ଦୁଇଟି ଟେଷ୍ଟ ଖେଳାଯିବାକୁ ଥିବା ଓଲ୍ଡ ଟ୍ରାଫୋର୍ଡ କିମ୍ବା କେନିଂଟନ ଓଭାଲରେ ପିଚ୍ ଲର୍ଡସ ପରି ଫାଷ୍ଟ ବୋଲରଙ୍କୁ ସୁହାଇବ। ଏଭଳି ପିଚ୍‌ରେ ଖେଳିବା କେବଳ ଭାରତ ନୁହେଁ ଏସୀୟ ମହାଦେଶର ଫ୍ଲାଟ ପିଚ୍‌ରେ ଖେଳୁଥିବା ଦେଶଗୁଡିକ ଲାଗି ଆହ୍ୱାନ। କିନ୍ତୁ ଇଂଲଣ୍ଡର ଦକ୍ଷତା ଓ ଦୁର୍ବଳତାକୁ ଜାଣିବା ପରେ ଭାରତ ଲର୍ଡସ ଲଢ଼େଇ ଲାଗି ନିଜକୁ ପ୍ରସ୍ତୁତ କରିନେଇଛି।

## ■ ବୁମ୍‌ରା ଖେଳିବା ନେଇ ସମ୍ଭାବନା

ଏଜ୍‌ବାଷ୍ଟନ ଟେଷ୍ଟ ବିଜୟକୁ ୨ ଦିନ ପୂରିଗଲାଣି। ଭାରତୀୟ ମାନେ ଏହି ମୋହରୁ ମୁକ୍ତିପାଇ ଏବେ ଅଭ୍ୟାସକୁ ଫେରିଲେଣି। ଭାରତୀୟ ଦଳ ଦୃଢ଼ ନିଶ୍ଚିତ ଯେ, ଲର୍ଡସରେ ଜୁଲାଇ ୧୦ରୁ ୧୪ ଯାଏ ଖେଳାଯିବାକୁ ଥିବା ପିଚ୍ ସୁଇଂ ଓ ବାଉନ୍ସି ହେବ। ଏଣୁ ଏଭଳି ପିଚ୍‌ରେ ଖେଳିବାକୁ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଭାରତୀୟ ଫାଷ୍ଟ ବୋଲର ଆଶାନୁରୂପ ସଫଳତା ପାଇଛନ୍ତି। ପ୍ରଥମ ଟେଷ୍ଟରେ ଯଶପ୍ରୀତ୍ ବୁମ୍‌ରା, ଦ୍ୱିତୀୟ ଟେଷ୍ଟରେ ମହମ୍ମଦ୍ ସିରାଜ ଓ ଆକାଶଦୀପ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହି ୩ ଜଣ ଲର୍ଡସରେ ଭାରତୀୟ ବୋଲିଂର ମୁଖ୍ୟ କର୍ଣ୍ଣଧାର ସାଜିବେ। ୱାର୍କଲୋଡ ଲାଗି ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳି ନ ଥିଲେ। ଏବେ ସେ ପୂରା ଫିଟ୍ ଅଛନ୍ତି ଓ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ପୂରା ପ୍ରସ୍ତୁତ। ଫ୍ଲାଟ ପିଚ୍‌ରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବୋଲିଂ ଉଚ୍ଚକୋଟୀର ହୋଇ ନ ଥିଲା। କିନ୍ତୁ ଲର୍ଡସରେ ତାଙ୍କ ବଲ କାମ ଦେଇପାରେ। ତାଙ୍କ ବିରୋଧରେ ଅନେକ କଥା ଯାଉଥିଲେ ମଧ୍ୟ ତୃତୀୟ ମ୍ୟାଚ୍‌ରେ ତାଙ୍କର ଖେଳିବା ସମ୍ଭାବନା ରହିଛି। ବିଶେଷ ପରୀକ୍ଷା ନୀରିକ୍ଷା କରାଗଲେ କିମ୍ବା ଭାରିଏସନ ବା ବିଭିନ୍ନତା ଲାଗି ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଡେବ୍ୟୁ କରାଇବା ବିକଳ୍ପ ରହିଛି। ବୋଲିଂ ଲାଗି ଭାରତ ବିଶେଷ ଚିନ୍ତିତ ନୁହେଁ। ଏବେ ସମସ୍ତ ବୋଲର ନିଜ ଲାଇନ୍ ଓ ଲେନ୍ଥ ଉପରେ ନିୟନ୍ତ୍ରଣ ହାସଲ କରିବା ପରେ ସୁଇଂ ଓ ବାଉନ୍ସି ପିଚ୍‌ରେ ତାହାକୁ କିପରି କାର୍ଯ୍ୟକାରୀ କରାଇବେ ସେହି ଯୋଜନାରେ ଟିମ୍ ମ୍ୟାନେଜମେଣ୍ଟ ରହିଛି।

## ■ ଘାତକ ହୋଇପାରନ୍ତି ଆର୍ଚର, ଆଟକିନସନ

ଇଂଲିଶ ଗଣମାଧ୍ୟମରେ ଇଂଲଣ୍ଡ ଦଳର ପରାଜୟକୁ ତୀବ୍ର ସମାଲୋଚନା କରାଯାଇଛି। ବିଶେଷ କରି ଫ୍ଲାଟ ପିଚ୍‌ରେ ଖେଳିଥିବା ଇଂଲଣ୍ଡ ଖେଳାଳିମାନେ ନିଜକୁ ଖାପ୍ ଖୁଆଇ ପାରିଲେ ନାହିଁ ବୋଲି ଦର୍ଶାଯାଇଛି। ପରୋକ୍ଷରେ ଏହା ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ରଣନୀତିକୁ ସମାଲୋଚନା କରାଯାଇଛି। ଏଥିରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଲର୍ଡସରେ ସୁଇଂ ଓ ବାଉନ୍ସି ପିଚ୍ ପ୍ରସ୍ତୁତି କରିବାକୁ ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଗ୍ରାଉଣ୍ଡସମ୍ୟାନ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ଏହି ଯୋଜନା ଅନୁଯାୟୀ ଦେଶରେ ଉପଲବ୍ଧ ଦୁଇ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ଦଳରେ ନିଆଯାଇଛି। କ୍ରିସ୍ ଓକ୍ସ ଓ ଜୋଶ ଟଙ୍ଗ୍‌ଙ୍କ ସହ ଏମାନେ ଭାରତୀୟ ବ୍ୟାଟିଂ ଲାଗି ଘାତକ ସାବ୍ୟସ୍ତ ହୋଇପାରନ୍ତି।

## ■ ୧୯ଟି ଟେଷ୍ଟରୁ ଜିତିଛି ମାତ୍ର ୩

ଇଂଲଣ୍ଡ ସହ ୧୯୩୨ରେ ଟେଷ୍ଟ ମ୍ୟାଚ୍ ଖେଳି ଏଠାରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରିଥିଲା। ଏହି ୯୭ ବର୍ଷ ମଧ୍ୟରେ ଦୁଇ ଦଳ ଏଠାରେ ପରସ୍ପର ସହ ୧୯ଥର ମୁହାଁମୁହିଁ ହୋଇଛନ୍ତି। ଏହା ମଧ୍ୟରୁ ଭାରତ ଭାରତ ମାତ୍ର ୩ଟିରେ ଜିତିଥିଲାବେଳେ ୧୨ଟିରେ ପରାଜିତ ହୋଇଛି। ଏଠାରେ ପ୍ରଥମ ଟେଷ୍ଟ ଜିତିବାକୁ ଭାରତକୁ ୫୪ ବର୍ଷ ଲାଗିଥିଲା। ୧୯୮୬ରେ ଦିଲୀପ ଭେଙ୍ଗସରକାରଙ୍କ ଶତକ ଓ ଚେତନ ଶର୍ମାଙ୍କ ଘାତକ ବୋଲିଂ ବଳରେ ଭାରତ ଏଠାରେ ପ୍ରଥମ ବିଜୟ ହାସଲ କରିଥିଲା। ୨୦୨୧ରେ ଲୋକେଶ ରାହୁଲଙ୍କ ଶତକ ବଳରେ ଭାରତ ଏଠାରେ ମଧ୍ୟ ଜିତିଥିଲା। ଏବେ ରାହୁଲ ଟିମ୍‌ରେ ଅଛନ୍ତି। ଏଣୁ ଚତୁର୍ଥ ବିଜୟ ଲାଗି ସେ ଭଲ ପ୍ରଦର୍ଶନ ଦେବେ ବୋଲି ଆଶା କରାଯାଉଛି। ଏଠାରେ ଭାରତର ସର୍ବନିମ୍ନ ସ୍କୋର ୪୨ ରହିଛି।

# ସେମିରେ ସାବାଲେଙ୍କା



ଲଣ୍ଡନ, ୮।୭ (ଏଜେନ୍ସି): ପଞ୍ଚମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ଫ୍ରିଜ୍ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କରନ ଖାଚାନୋଭଙ୍କୁ ହରାଇଛନ୍ତି। ଅପରପକ୍ଷରେ ଟପ୍ ସିଡ୍ ଜାନ୍ନିକ ସିନ୍ନର କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। ରାଉଣ୍ଡ-୧୬ର ଏକ ମ୍ୟାଚରେ ଇଟାଲୀର ସିନ୍ନରଙ୍କ ସହ ବୁଲ୍‌ଗେରିଆର ଜର୍ଜିଆ ଦିମିତ୍ରୋଭଙ୍କ ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ୧୯ତମ ସିଡ୍ ଦିମିତ୍ରୋଭା ପ୍ରଥମ ୨ଟି ସେଟ୍‌ରେ ୬-୩, ୭-୫ରେ ବିଜୟୀ ହୋଇ ଅଗ୍ରଣୀ ରହିଥିଲେ। କିନ୍ତୁ ୩ୟ ସେଟ୍ ମଝିରେ ଆଘାତଜନିତ କାରଣ ଲାଗି ଦିମିତ୍ରୋଭ ଓହରିଯିବାରୁ ସିନ୍ନର ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯିବା ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିନେଇଥିଲେ। ଅପରପକ୍ଷରେ ମହିଳା ବିଭାଗର ଏକ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା ପ୍ରତିପକ୍ଷ ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କୁ ହରାଇ ସେମିଫାଇନାଲରେ ସ୍ଥାନ ହାସଲ କରିଛନ୍ତି।



# ଆଇସିସି ଟି-୨୦ ର‌୍ୟାଙ୍କିଙ୍ଗ୍‌ରେ ଦୀପ୍ତି ନଂ-୨

ଦୁବାଇ,୮।୭ (ଏଜେନ୍ସି): ଭାରତର ଅଫ୍ ସ୍ପିନର ଦୀପ୍ତି ଶର୍ମା ଆଜି ପ୍ରକାଶିତ ଆଇସିସି ଟି-୨୦ ର‌୍ୟାଙ୍କିଙ୍ଗ୍‌ରେ ନଂ-୨ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଇଂଲଣ୍ଡ ସହ ଚାଲିଥିବା ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ୩ ୱିକେଟ ଅକ୍ତିଆର କରିବା ପରେ ଏହି ଉନ୍ନତି ପାଇଛନ୍ତି। ପାକିସ୍ତାନର ସାଦିଆ ଇକବଲ ନଂ-୧ ସ୍ଥାନରେ ଅଛନ୍ତି। ଆଉ ଅଧିକ ୯ ପଏଣ୍ଟ ପାଇଲେ ଦୀପ୍ତି ନଂ-୧ ମାନ୍ୟତାପ୍ରାପ୍ତ ବୋଲର ବିବେଚିତ ହେବେ।

● ଜାତୀୟ ଜୁନିଅର ମହିଳା ରଗ୍‌ବୀ ସେଭେନ

# କ୍ୱାର୍ଟର ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର,୮।୭ (ସମିସ): ଗତଥରର ରନର୍ସଅପ୍ ଓଡ଼ିଶା ଏଥର ଉତ୍ତରାଖଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଦଳ ଗ୍ରୁପ୍-ବି ଟପ୍ପର ହେବା ପରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରାହ୍ଣରେ ଖେଳାଯାଇଥିବା ଏହି ମୁକାବିଲାରେ ଓଡ଼ିଶା ୪୫-୦ରେ ଆୟୋଜକ ଉତ୍ତରାଖଣ୍ଡକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଦୁଇ ଶକ୍ତିଶାଳୀ ଦଳ ମଣିପୁର ଓ ଉତ୍ତରପ୍ରଦେଶକୁ ହରାଇ ଓଡ଼ିଶା ଗ୍ରୁପ୍-ବି' ଟପ୍ପର ହୋଇଥିଲା। ଆଜି ସକାଳେ ଅନୁଷ୍ଠିତ ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୫୩-୦ରେ ମଣିପୁର ଓ ଅପରାହ୍ଣରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୩୮-୫ ପଏଣ୍ଟରେ ପରାସ୍ତ କରିଛି। ଗ୍ରୁପ ଟପ୍ପର ହେବା ସହ ଓଡ଼ିଶା ନକ୍‌ଆଉଟକୁ ଉନ୍ନୀତ ହୋଇଥିଲା। ଗତବର୍ଷ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ଏଥର ବାଳକ ଦଳ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହେବ ବୋଲି ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଆଶା ପ୍ରକାଶ କରିଛନ୍ତି। ଗତବର୍ଷ ବାଳକ ଦଳ ଚାମ୍ପିଅନ ହୋଇଥିଲା।

# ଆହତ ଯୋଗୁ ସ୍ୱର୍ଣ୍ଣ ହରାଇଲେ ଶୁଭ୍ରଜିତ୍

ଭୁବନେଶ୍ୱର,୮।୭ (ସମିସ): ଉଗାଣ୍ଡାର କାମ୍ପାଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ୪ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ। ଓଡ଼ିଶାରୁ ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଆଘାତ ଜନିତ କାରଣରୁ ଶୁଭ୍ରଜିତ ମହାରଣା ଏସ୍‌ଏଲ-୪ ଫାଇନାଲ ମୁକାବିଲା କରି ପାରି ନ ଥିଲେ। ଫଳରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୂଜ୍ୟମ ମିଶ୍ରଙ୍କ ସହ ମିଶି ଶୁଭ୍ରଜିତ ପୁରୁଷ ଯୁଗଳରେ ଆଉ ଏକ ପଦକ ଜିତିଥିଲେ। ଦଳ ଲାଗି ତୃତୀୟ ପଦକ ଜିତିଥିଲେ ବିଭାସିନ୍ଧୁ ବାରିକ। ଏସ୍‌ଏଲ୍‌୩-ଏସ୍‌ଏଲ୪ କାଟାଗୋରୀରେ ମଧ୍ୟପ୍ରଦେଶର ଚନ୍ଦ୍ରପ୍ରକାଶଙ୍କ ସହ ଯୋଡି ହୋଇ ସେମିଫାଇନାଲରେ ପ୍ରବେଶ କରି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ଏକକ ଡବ୍ଲ୍ୟୁଏଚ୍-୨ରେ ନୁରୁଲ ହାସନ ସେମିଫାଇନାଲରେ ପ୍ରବେଶ କରିବା ସହ ଚତୁର୍ଥ କାଂସ୍ୟ ପଦକ ଜିତିଥିଲେ।

# ଇନିଂସ ବିଜୟ ସହ ଦକ୍ଷିଣ ଆଫ୍ରିକାର କ୍ଲିନ ସୁଇପ୍

ବୁଲାୱାୟୋ, ୮।୭ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଜିମ୍ବାୱେ ଶୋଚନୀୟ ଭାବେ ଏକ ଇନିଂସ ଓ ୨୩୬ ରନରେ ପରାଜୟବରଣ କରିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋର ୬୨୬/୫ ରନ ଜବାବରେ ଜିମ୍ବାୱେ ସୋମବାର ଦ୍ୱିତୀୟ ଦିବସରେ ମାତ୍ର ୧୭୦ ରନ କରି ଅଲ୍‌ଆଉଟ୍ ହେବା ସହ ଫଲୋଅନ ହୋଇଥିଲା। ଏହାପରେ ୪୫୬ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ଜିମ୍ବାୱେ ମଙ୍ଗଳବାର ୩ୟ ଦିବସରେ ମଧ୍ୟ ୨୨୦ ରନରେ ସୀମିତ ରହିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ଏକ ଇନିଂସ ଓ ୨୩୬ ରନରେ ଏକପାଖିଆ ଭାବେ ବିଜୟୀ ହୋଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଦ୍ୱିତୀୟ ପାଳିରେ କୋର୍ବିନ ବୋଶ୍ ୪, ସେନୁରାନ ମୁଥୁସ୍ୱାମୀ ୩, କୋଡି ୟୁସୁଫ୍ ୨ ଓ ଅଧିନାୟକ ୱିଆନ ମୁଲ୍‌ଡର ଗୋଟିଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ରେକର୍ଡ ୩୬୭ ରନର ଅପରାଜିତ ତ୍ରିଶତକୀୟ ପାଳି ଖେଳିବା ସହ ମୋଟ୍ ୩ଟି ୱିକେଟ୍ ନେଇଥିବା ମୁଲ୍‌ଡର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩୨୮ ରନରେ ଜିତିଥିବା ଦକ୍ଷିଣ ଆଫ୍ରିକା ଏଥିସହ ସିରିଜକୁ ୨-୦ରେ କ୍ଲିନ ସୁଇପ୍ କରିନେଇଛି। ସେହିଭଳି ମୁଲ୍‌ଡରଙ୍କୁ ମଧ୍ୟ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ବରିଷ୍ଠ ର‌୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆରମ୍ଭ



ଭୁବନେଶ୍ୱର,୮।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପ୍ରଥମଥର ବରିଷ୍ଠ ର‌୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆଜିଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଭାବେ ଯୋଗ ଦେଇ କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟରରେ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ କ୍ୱାଲିଫାଇଂ ମୁକାବିଲା ଆରମ୍ଭ ହୋଇଥିଲାବେଳେ ଜୁଲାଇ ୧୫ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲିନ କୁମାର ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ର‌୍ୟାଙ୍କିଙ୍ଗ୍ ଟିଟି

# ଶ୍ୱେତାପଦ୍ମା, ଶ୍ୱେତାଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୮।୭ (ସମିସ): ଭୁବନେଶ୍ୱର ଟେବଲ ଟେନିସ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ୧୯ ବର୍ଷରୁ କମ୍ ବାଳିକା ଏକକରେ ଶ୍ୱେତପଦ୍ମା ଦଳାଇ ଚାମ୍ପିଅନ ହୋଇଛନ୍ତି। ମହିଳାରେ ଏଜିର ନେହା କୁମାରୀ ଓ ବାଳିକାରେ କଟକର ସାକ୍ଷୀ ଭଗତ ରନର୍ସ ଅପ୍ ହୋଇଥିଲେ। ସେହିପରି ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ଏକକ, ଉର୍ଜା ବର୍ମା ୧୭ ବର୍ଷରୁ କମ୍ ଓ ପୁରୀର ଗାୟତ୍ରୀ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳିକା ଏକକରେ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ଏକକରେ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଛନ୍ତି। ୧୯ ଓ ୧୭ ବର୍ଷରୁ କମ୍ ବାଳକ ଏକକରେ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ଏକକରେ ଜିଜ୍ଞାସୁ ସାଇକିରଣ, ୧୩ ବର୍ଷରୁ କମ୍‌ରେ ଅଭିଷେକ ଦାସ ଓ ୧୧ ବର୍ଷରୁ କମ୍ ବାଳକରେ ରୁଦ୍ରା ରଣବୀର ଚାମ୍ପିଅନ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଉଦ୍‌ଯାପିତ

# ଓଡ଼ିଶା ଜିତିଲା ୨୦ ପଦକ

ଭୁବନେଶ୍ୱର, ୮।୭ (ସମିସ): ଆମେରିକାରେ ଉଦ୍‌ଯାପିତ ହୋଇଯାଇଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସ ସ୍ମରଣୀୟ ସଫଳତା ହାସଲ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ୨୦ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଓଡ଼ିଶା ପୁଲିସରେ କାର୍ଯ୍ୟରତ ଥିବା ଅଶୋକ ଦଣ୍ଡସେନା ସବୁଠୁ ସଫଳ କ୍ରୀଡ଼ାବିତ୍ ରହିଛନ୍ତି। ସେ ଏକାକୀ ୪ଟି ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସୁସ୍ମିତା ଟିଗା ଓ ସବିତା ଟପ୍ପୋ ମଧ୍ୟ ଏକାଧିକ ପଦକ ଜିତି ସଫଳ ସାବ୍ୟସ୍ତ ହୋଇଛନ୍ତି। ଏହି ୩ଜଣ କ୍ରୀଡ଼ାବିତ୍ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

# ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍ ଆରମ୍ଭ

ଭୁବନେଶ୍ୱର, ୮।୭ (ସମିସ)



ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ଓ ମହିଳା ବିଭାଗରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ବିଭାଗରେ ରାଜଗାଙ୍ଗପୁର ଏଚ୍‌ଟିସି ୨-୧ ଗୋଲରେ ସଉନାମୁର ଏଚ୍‌ଟିସିକୁ, କୁତ୍ରା ଏଚ୍‌ଟିସି ୧-୦ରେ ସବଡେଗା ଏଚ୍‌ଟିସିକୁ, କଉରମୁଣ୍ଡା ଏଚଟିସି ଏଚ୍‌ଟିସିକୁ ୩-୧ରେ ନୂଆଗାଁ ଏଚ୍‌ଟିସିକୁ ଓ କରଡ଼ାପାଲ ଏଚ୍‌ଟିସି ୪-୧ ଗୋଲରେ ଛତ୍ରପୁର ଏଚ୍‌ଟିସିକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଲାଠିକଟା, ଗୁରୁଣ୍ଡିଆ, ବମ୍ରା ଓ ଯାଜପୁର ଏଚ୍‌ଟିସି ବିଜୟୀ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ତର୍ଜାତୀୟ ହକି ଖେଳାଳି ଦିପସାନ ତିର୍କୀ, କ୍ରୀଡ଼ା ବିଭାଗର ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ନାଭାଲ ଟାଟା ହକି ଏଚ୍‌ପିସି ଓଡ଼ିଶାର ପ୍ରୋଜେକ୍ଟ ଡିରେକ୍ଟର ରାଜୀବ ସେଠ୍ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

# କ୍ରମାଗତ ୨ୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୮।୭ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣରେ ଓଡ଼ିଶା ଦଳ କ୍ରମାଗତ ୨ୟ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୩-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସଞ୍ଜନା କିରୋ, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଗତକାଲି ପଞ୍ଜାବକୁ ୩-୧ ଗୋଲରେ ହରାଇଥିବା ଓଡ଼ିଶା ଏଥିସହ ଗ୍ରୁପ୍-ବି'ରେ ୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଓଡ଼ିଶା ଜୁଲାଇ ୧୧ରେ ଖେଳାଯିବାକୁ ଥିବା କ୍ୱାର୍ଟରରେ ଦିଲ୍ଲୀ କିମ୍ବା ବିହାରକୁ ଭେଟିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS